

**ଆଜି ଶପଥ ନେବେ ଦେବେନ୍ଦ୍ର ଫଡ଼ନାବିସ** ପୃଷ୍ଠା ୫

# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 251 | ଭାଗ ୩୨ | ସଂଖ୍ୟା ୨୫୧ | Bhubaneswar | Thursday 5 December 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୫ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





# ବିଶ୍ୱ ଦେଖିଲା ନୌସେନାର ଦମ୍

- କୌଶଳ ପ୍ରଦର୍ଶନ କଲେ ୧୫ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ, ୩୫୦୦ ନୌବୀର
- ନୌସେନା ଯବାନଙ୍କ ନିକଟରେ ଭାରତ କୃତଜ୍ଞ: ରାଷ୍ଟ୍ରପତି

ପୁରୀ, ୪।୧୨(ସଂଚାର ବ୍ୟୁରୋ): ଭାରତୀୟ ନୌସେନା ଯବାନଙ୍କ ନିକଟରେ ଭାରତ କୃତଜ୍ଞ ଏବଂ ସମ୍ମାନ ଓ ସାହସର ସହ ଦେଶ ସେବା କରିଥିବାରୁ ପ୍ରତ୍ୟେକ ଭାରତୀୟ ସେମାନଙ୍କୁ ଆଜି ଅଭିନନ୍ଦନ ଜଣାଉଛନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଅନୁଷ୍ଠିତ ନୌସେନା ଦିବସ ସମାରୋହରେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି।

ଅପରାହ୍ଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବ୍ଲୁ-ଫ୍ଲାଗ ବିଚରେ ପହଞ୍ଚିବା ପରେ ନୌସେନା ପକ୍ଷରୁ ତାଙ୍କୁ ଗାର୍ଡ-ଅଫ-ଅନର୍ ପ୍ରଦାନ କରାଯାଇଥିଲା। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ମଞ୍ଚକୁ ପାଛୋଟି ନେଇଥିଲେ। ଜାତୀୟ ସଙ୍ଗୀତ ଗାନ ସହ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଅଭିଭାଷଣ ପ୍ରଦାନ କରି ରାଷ୍ଟ୍ରପତି ଭାରତୀୟ ନୌସେନାର ସମସ୍ତ ଯବାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଡିସେମ୍ବର ୪ ରେ ଆମେ ୧୯୭୧ ଯୁଦ୍ଧରେ ଆମର ଗୌରବମୟ ବିଜୟର ସ୍ମୃତିକୁ ପାଳନ କରୁଛୁ। ମାତୃଭୂମିର ରକ୍ଷା ପାଇଁ ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରୁଛୁ। ଭାରତର ଭୌଗଳିକ ସ୍ଥିତି ଆମକୁ ଏକ ମହାନ ସାମୁଦ୍ରିକ ରାଷ୍ଟ୍ର ହେବା ପାଇଁ ଆବଶ୍ୟକ ସମସ୍ତ ଉପାଦାନ ପ୍ରଦାନ କରିଛି। ସୁଦୀର୍ଘ ସମୁଦ୍ର କୂଳ, ଦ୍ୱୀପାଞ୍ଚଳ, ସମୁଦ୍ରରେ ଯାତ୍ରା କରୁଥିବା ଜନସଂଖ୍ୟା ଏବଂ ବିକଶିତ ସାମୁଦ୍ରିକ ଭିତ୍ତିଭୂମି ୫,୦୦୦ ବର୍ଷ ପୂର୍ବରୁ ଭାରତର ଉପକୂଳ ଏବଂ ସାମୁଦ୍ରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥିଲା। ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ଭାରତୀୟ ନୌସେନା ସାମୁଦ୍ରିକ ନିରାପତ୍ତା ସୁନିଶ୍ଚିତ କରିବା ଜାରି ରଖିବ।

'ନାରୀ ଶକ୍ତି'କୁ ଉପଯୁକ୍ତ ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରିବାରେ ନୌସେନାର ଅଗ୍ରଣୀ ପ୍ରୟାସକୁ ରାଷ୍ଟ୍ରପତି ପ୍ରଶଂସା କରି କହିଛନ୍ତି, ପ୍ରଥମ ସେନା ବିଭାଗ ରୂପେ ନୌସେନା ମହିଳା ଅଗ୍ନିବୀରମାନଙ୍କୁ ସାମିଲ କରିଥିଲା। ମହିଳା ନୌସେନା ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଦିଲନା କେ ଏବଂ ଲେଫ୍ଟନାଣ୍ଟ କମାଣ୍ଡର ରୂପା 'ନାଭିକ ସାଗର ପରିକ୍ରମା-୨'ର ଅଂଶବିଶେଷ ଭାବରେ ଆଇଏନ୍‌ଏସ୍‌ଭି ତାରିଣୀରେ ବିଶ୍ୱ ପରିକ୍ରମା କରି ➪ପୃଷ୍ଠା-୬

# ସଂସାର ଯୋଡ଼ିବାକୁ ତରତର ସନ୍ନ୍ୟାସୀ ପ୍ରୋ'

**ସେତେବେଳେ ଶିରା ପ୍ରଶିରାରେ ପାଣ୍ଡିଆନ ଏବେ ଧମନୀରେ ଧର୍ମେନ୍ଦ୍ର**

ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଜି ପୁଣି ଥରେ ଦିଲ୍ଲୀରେ ତାଙ୍କ ବାସଭବନରେ ଭେଟିଛନ୍ତି ପୂର୍ବତନ ସାଂସଦ ତଥା କିଟ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ। ଅଚ୍ୟୁତ ଏହି ଭେଟଘାଟର ଫଟୋ ତାଙ୍କ ସୋସିଆଲ ମିଡିଆରେ ଛାଡିଛନ୍ତି। ଏହି ଭେଟଘାଟ- ଭାବକୁ ନିକଟ, ଅଭାବକୁ ଦୂର ପରି।

ଅଚ୍ୟୁତ ସାମନ୍ତ ଦୀର୍ଘ ବର୍ଷ ଧରି ବିଜେଡିର ସାଂସଦ ରହିଲେ। ତା ଭିତରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରରେ ପେଟ୍ରୋଲିୟମ ମନ୍ତ୍ରୀ ହୋଇଛନ୍ତି ଓ ଗତ ସାଢେ ତିନି ବର୍ଷ ହେଲା ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ସାଢେ ତିନି ବର୍ଷ ଭିତରେ ଅଚ୍ୟୁତ ସାମନ୍ତ ଥରେ ବି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲାଖୋଲି ଭେଟିବା ଖବର ଆସିନଥିଲା। ହଁ ଯଦି ସେତେବେଳେ ତାଙ୍କର ରାଜନୈତିକ ବସମାନଙ୍କୁ ଯଦି ଲୁଚିକି ଭେଟିଥିବେ ତାହା ଭିନ୍ନ କଥା। ହେଲେ ଏବେ ଖୋଲାଖୋଲି ଗତ ଛଅ ମାସରେ ଦୁଇ ଦୁଇ ଥର ଭେଟିବା ପଛର ରହସ୍ୟ କଣ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଏଭଳି ଚର୍ଚ୍ଚାର ଯଥେଷ୍ଟ କାରଣ ମଧ୍ୟ ରହିଛି। କାରଣ ଗତ ସାଧାରଣ ନିର୍ବାଚନ ସରିବା ପର୍ଯ୍ୟନ୍ତ ଅଚ୍ୟୁତ ସାମନ୍ତ ଚୁଟି ବଢାଇ ବୁଲୁଥିଲେ। ନିର୍ବାଚନ ହାରିଯିବାର ୨୪ ଘଣ୍ଟା ମଧ୍ୟରେ ଅଚ୍ୟୁତ ରାଜନୀତିରୁ ସନ୍ନ୍ୟାସ ନେଇ ବିଜେଡିରୁ ଇସ୍ତଫା ମଧ୍ୟ ଦେଇଦେଲେ। ଆଉ କିଛି ଦିନରେ ଚୁଟି ବି କାଟି ଦେଲେ। ପାଣ୍ଡିଆନଙ୍କ ପରି ରାଜନୀତିରୁ ସନ୍ନ୍ୟାସ ନେଇଥିବା ଏହି ସନ୍ନ୍ୟାସୀ ପ୍ରୋଙ୍କର ଏବେ ପୁଣି ଥରେ ସଂସାର ମୋହ ତେଜିବାରେ ଲଗିଛି। ରାଜନୀତିରୁ ସନ୍ନ୍ୟାସ ➪ପୃଷ୍ଠା-୬



# ଚାରି ମେଡିକାଲ କଲେଜର ନାହିଁ ପରିବେଶ ମଂଜୁରି

**ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ଆଠ ନୂଆ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ମଧ୍ୟରୁ ଚାରୋଟି ମେଡିକାଲ କଲେଜର ନାଇଁ ପରିବେଶ ମଂଜୁରି। ସେ ମଧ୍ୟରୁ ତିନି ମେଡିକାଲ କଲେଜ ଓ ହସ୍ପିଟାଲର ପରିବେଶ ମଂଜୁରି ନଥିବା ବେଳେ ଗୋଟିକର ପରିବେଶ ମଂଜୁରି ବାତିଲ ହୋଇଯାଇଛି। ପରିବେଶ ମଂଜୁରି ନଥିବା ମେଡିକାଲ କଲେଜଗୁଡିକ ହେଲା କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ। ଯାଜପୁରର ଯଜାତୀ କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ପରିବେଶ ମଂଜୁରିକୁ ବାତିଲ କରିଦିଆଯାଇଛି। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ହସ୍ତଗତ ହୋଇଛି।

ଯାଜପୁରର ଜଣେ ବ୍ୟକ୍ତି ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥୋରିଟିକୁ ରାଜ୍ୟର କେଉଁ କେଉଁ ମେଡିକାଲ କଲେଜକୁ ପରିବେଶ ମଂଜୁରି ମିଳିଛି ସେନେଇ ତଥ୍ୟ ମାଗିଥିଲେ। ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥୋରିଟିରୁ ମିଳିଥିବା ଏହି ତଥ୍ୟ ଅନୁଯାୟୀ ୨୦ ହଜାର ଗର୍ବମିଟରରୁ ଅଧିକ ମେଡିକାଲ କଲେଜ ପ୍ରକଳ୍ପ ପାଇଁ ପରିବେଶ ମଂଜୁରି ବାଧ୍ୟତାମୂଳକ। ତଦ୍ନୁଯାୟୀ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, କଳାହାଣ୍ଡି ମେଡିକାଲ କଲେଜ ଓ ହସ୍ପିଟାଲ, ମୟୁରଭଂଜର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବାଲେଶ୍ୱରର ଫକିର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ୨୦୨୦ରେ ପରିବେଶ ମଂଜୁରି ମିଳିଛି। ତେବେ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟର ➪ପୃଷ୍ଠା-୬

# ପୋଲିସ ଦେଲା ପଜେସନ

ଗତ ସୋମବାର ସନ୍ଧ୍ୟାରେ ବରିମୁଣ୍ଡର ସନ୍ତୋଷ ପଣ୍ଡାଙ୍କୁ ଜମିବାଡ଼ି କଳହରୁ ଜରିପାଟଣା ରୁ ଟେକିନେଇ ଗଣ୍ଡରପୁର ଠାରେ ମରଣାନ୍ତକ ଆକ୍ରମଣ କରାଗଲା। ଗୋଡ଼ରେ ଶାବଳ ପୁରାଇ ଦିଆଗଲା। ମରୁମରୁ ବଞ୍ଚିଗଲେ ସନ୍ତୋଷ। ଏ ଘଟଣାକୁ ବେଶ ଗୁରୁତର ଭାବେ ନେବା ସହ ୫ ଜଣଙ୍କୁ ବାନ୍ଧିଛନ୍ତି ଭୁବନେଶ୍ୱର ଡିସିପି। ଏ ନେଇ ମାମଲା ମଧ୍ୟ ରୁଜୁ କରିଥିଲା ମଞ୍ଚେଶ୍ୱର ଥାନା ପୋଲିସ। ୫ ଜଣଙ୍କୁ ବାନ୍ଧିବା ପରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ବାହୁ ଦେଖାଇଲେ ବନ୍ଧାହେବାକୁ ତୟାର ରୁହନ୍ତୁ ବୋଲି କହିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ସମାନ ଦିନ ବା ବୁଧବାର ଦିନ ଠିକ ସେହି ଥାନା ମଞ୍ଚେଶ୍ୱର ଅନ୍ତର୍ଗତ ସତ୍ୟବିହାରରେ ପୋଲିସ ଉପସ୍ଥିତିରେ ନିଆଯାଇଛି ପୋଜେସନ। ଶତାଧିକ ବାହୁବଳୀଙ୍କ ଉପସ୍ଥିତିରେ ଉଠିଛି ପାଚେରୀ।ବିନା କୋର୍ଟ ଅର୍ଡରରେ ପୋଲିସ ସାଜିଛି ଦର୍ଶକ। କାରଣ ପୋଜେସନ ଦେବାକୁ ଯାଇଥିବା ବାହୁବଳୀଙ୍କ ଘର ହେଉଛି ଝାରପଡା ଓ ରସୁଲଗଡ଼ ଗାଁ ରେ। ସାଙ୍ଗରେ ମଧ୍ୟ ଥିଲେ କିଛି ଭଡାଟିଆ ଗୁଣ୍ଡା। ଝାରପଡା ଗାଁ ର ଜଣେ ଯୁବକ ଯିଏକି ସ୍ଥାନୀୟ କର୍ପୋରେଟରଙ୍କ ଦିଅର ସାଜିଥିଲେ ବାଉଁସର ଙ୍କ ମୁଣ୍ଡିଆଳ। ଏପରିକି ଭୁବନେଶ୍ୱରର ଜଣେ ଟାଣୁଆ ନେତ୍ରୀଙ୍କ ସେ କୁଆଡେ ପ୍ରତିନିଧି। ଜଣେ ବିଲ୍ଡରଙ୍କ ସହଯୋଗରେ କିଛି ଟଙ୍କା ନେଇ ବାବୁ ସେଠାରେ ଦେଖାଇଥିଲେ ହାକିମତି। ସେପଟେ ଅପରପକ୍ଷ ➪ପୃଷ୍ଠା-୬



# ୨୦ ବର୍ଷ ପରେ ମନେପଡୁଛି ପୋଲାଭରମ

- କାହିଁକି ଲଢେଇର ନେତୃତ୍ୱ ନେଉନାହାଁନ୍ତି ନବୀନ ?
- ୨୮ ସାଂସଦ ଥିବା ବେଳେ ଚୁପ ରହିଲେ, ଏବେ ଗଳା ଫଟାଉଛନ୍ତି

ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ): ପୋଲାଭରମ ପ୍ରକଳ୍ପ କାମ ୨୦୦୪ରୁ ଆରମ୍ଭ ହେଲାଣି। ସେତେବେଳେ ରାଜ୍ୟରେ ମେଣ୍ଟ ସରକାର, ଆଉ କେନ୍ଦ୍ରରେ ଉପା ସରକାର। ଉପା ସରକାର ଏହାକୁ ଜାତୀୟ ପ୍ରକଳ୍ପର ମଧ୍ୟ ମାନ୍ୟତା ଦେଇଥିଲା। ପ୍ରକଳ୍ପକୁ ଆରମ୍ଭରୁ ବିଭିନ୍ନ ସମାଜିକ ସଂଗଠନ ବିରୋଧ କରିଆସୁଥିଲେ। ଯେଉଁ ସମୟରେ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପର ମାନ୍ୟତା ମିଳିଲା ସେ ସମୟରେ ବିଜେଡି ଚୁପ ରହିଲା। କେବଳ କାଗଜ କଲମରେ ବିରୋଧ କରିଥିଲା। ସୁପ୍ରିମକୋର୍ଟରେ ଦାଖଲ ମାମଲାରେ ତତ୍କାଳୀନ ବିଜେଡି ସରକାର ଆବଶ୍ୟକ ତଥ୍ୟ ପ୍ରମାଣ ଦାଖଲ କଲା ନାହିଁ। ଏବେ ସରକାରରୁ ଯିବା ପରେ ବିଜେଡିର ➪ପୃଷ୍ଠା-୬



**୫ କେଜିରୁ ଊର୍ଦ୍ଧ୍ୱ ବ୍ରାଉନ ସୁଗର ଗାଏବ**

# ସିଜର ବ୍ରାଉନ ସୁଗର ସ୍ଥାନରେ 'ମଇଦା'

ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ): ରାଜ୍ୟ ପୋଲିସ, ଏସ୍‌ଟିଏଫ୍, ଅବକାରୀ ବିଭାଗ ଚଢ଼ାଉ କରି ଶହ ଶହ କୋଟି ଟଙ୍କାର ବ୍ରାଉନସୁଗର ଜବତ କରୁଥିବା ବେଳେ ପରେ ଏସବୁ ହରଣଚାଳ ହେଉଥିବା ଅଭିଯୋଗ ଆସିଛି। ଏପରିକି ଧଳାଜହର ଗାଏବ କରିବା ପରେ ମଇଦାକୁ କୋର୍ଟରେ ଦେଖାଯାଉଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିବା ପରେ ପ୍ରଶାସନର ଚେତା ପଶିଛି। ବ୍ରାଉନ ସୁଗର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ନଷ୍ଟ କରିବା ପାଇଁ ଅବକାରୀ ବିଭାଗର ଗାଇଡ୍‌ଲାଇନ ରହିଛି। ନିୟମ ଅନୁସାରେ ନୋଡାଲ ଅଫିସର ଭାବେ ଜଣେ ଡିଏସପି କିମ୍ବା ଏସିପି ନିଯୁକ୍ତ ହେବେ। ଡିସିପି କିମ୍ବା ଜିଲ୍ଲା ଏସ୍‌ପି ଏହି କମିଟିର ଚେୟାରମ୍ୟାନ ରହିବେ। ସମ୍ପୃକ୍ତ ଜିଲ୍ଲାର କୋର୍ଟରେ ନିଶା ସମ୍ପର୍କିତ କେଉଁ ମାମଲା ଚାଲିଛି, ତାର ତାଲିକା ପ୍ରସ୍ତୁତ କରିବେ। ଏହାପରେ ସ୍ଥାନୀୟ ଥାନାଧିକାରୀ ଜବତ ନିଶାଦ୍ରବ୍ୟକୁ ନଷ୍ଟ କରିବା ଲାଗି କୋର୍ଟରେ ଆବେଦନ କରିବେ। ବିଚାରପତିଙ୍କ ସମ୍ମୁଖରେ ନିଶାଦ୍ରବ୍ୟର ଫଟୋ ନିଆଯାଇ ସାର୍ଟିଫାଏ କପି ବାହାରିବ। ୯ ବର୍ଷ ପରେ ମାଲଖାନାରୁ ନିଶା ସାମଗ୍ରୀ ନଷ୍ଟ କରିବାକୁ ସବୁ ଜିଲ୍ଲା ଜଜଙ୍କ ଉଦ୍ଦେଶ୍ୟରେ ଏସ୍‌ଓପି ଜାରି କରିଛି ହାଇକୋର୍ଟ। କିନ୍ତୁ ପ୍ରଶ୍ନ ଉଠୁଛି ଆଜି ପର୍ଯ୍ୟନ୍ତ କେତେ ବ୍ରାଉନସୁଗର ➪ପୃଷ୍ଠା-୬



# ୨୫ରେ ମିଳିବ ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):** ଡିସେମ୍ବର ୨୫ରେ ମିଳିବ ସୁଭଦ୍ରା ଟଙ୍କା। ମଡ଼ ଦିନ ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଏଥିପାଇଁ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ ଆସନ୍ତା ୬ ତାରିଖ ସୁଦ୍ଧା ଆସିବ ଯୋଗ୍ୟ ଓ ଅଯୋଗ୍ୟ ତାଲିକା ଆସିବ। ଏହି ତାଲିକା ବ୍ଲକ୍, ମହାନଗର ନିଗମ ସ୍ତରରେ ପ୍ରକାଶ ପାଇବ। ଆଉ ଏହାର ୭ ଦିନ ଆପତ୍ତି ଗ୍ରହଣ କରାଯିବ ଏବଂ ଡିସେମ୍ବର ୨୫ରେ ମିଳିବ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା। ପୂର୍ବରୁ ନଭେମ୍ବର ୨୪ ତାରିଖରେ, ୨୦ ଲକ୍ଷ ମହିଳାଙ୍କ ଖାତାକୁ କ୍ରେଡିଟ୍ ହୋଇଥିଲା 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାକୁ ନେଇ, ଜନସାଧାରଣଙ୍କୁ ଚିନ୍ତିତ ନହେବାକୁ କହିଥିଲେ। ସେ କହିଥିଲେ ୨୦୨୫ ମାର୍ଚ୍ଚ ୭ ତାରିଖ ହେଉଛି ସୁଭଦ୍ରା ଆବେଦନର ଡେଡ୍ ଲାଇନ୍। ମାର୍ଚ୍ଚ ୭ ତାରିଖ ଯାଏଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇଁ ଆବେଦନ କରିପାରିବେ।



## କାନ ଡେରିଥା

ଅଟା ଲୁଣ ତେଲ ହୁ ତୁ
ବଢେ଼
ଖାଉଟି ତ କଲବଲ
ଯୋଗାଣ ମନ୍ତ୍ରୀଙ୍କୁ
ପଡ଼େନାହିଁ ଜଣା
ତାଙ୍କୁ ଲାଗେ ଭାରି ଗୋଲ

# ମହାରାଷ୍ଟ୍ର କମ୍ପାନୀ ପ୍ରେମ ପାଇଁ ମହାଘୋଟାଲା

- ସୁନ୍ଦରଗଡ଼ ଡିଏମଏଫ୍ ପାଣ୍ଠି ଅର୍ଥ ଚଳୁ
- ବାବୁ ଛିଡାହେବେ କାଠଗଡ଼ାରେ

**ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଅଧୀନରେ ଏକ ଡିଜିଟାଲ ଶିକ୍ଷା ପ୍ରକଳ୍ପ ବାଧ୍ୟତାମୂଳକ ଟେଣ୍ଡର ପ୍ରକ୍ରିୟାକୁ ନେଇ ଏକ ମହାଘୋଟାଲା ଅଦାଲତରେ ପହଞ୍ଚିଛି। ଏ ସଂକ୍ରାନ୍ତରେ ଏକ ପିଆଇଏଲ୍ ରୁଜୁ ହେବାପରେ ବହୁ ଘଟଣା ପଦାକୁ ଆସିଛି। ରୁଜୁ ମାମଲା ଅନୁଯାୟୀ, ପ୍ରଥମେ ଜାନୁଆରୀ ୨୦୧୯ରେ ମହାରାଷ୍ଟ୍ରର ଏକ କମ୍ପାନୀ 'ଭାଲୁଏବଲ୍ ଏଜୁଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ'କୁ ଏହି ପ୍ରକଳ୍ପ ପ୍ରଦାନ କରାଯାଇଥିଲା ଏବଂ ଏହି ପ୍ରକଳ୍ପ ୫ ବର୍ଷ ପାଇଁ ଚାଲିବାକୁ ଲକ୍ଷ୍ୟ ରଖାଯାଇଥିଲା, ଯେଉଁଥିରେ ୧୯.୫ କୋଟି ଟଙ୍କା ବ୍ୟୟରେ ୭୦ଟି ବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିଲା। ସମୟକ୍ରମେ ଏହି ପ୍ରକଳ୍ପର ପରିସର ୧୦ରୁ ଅଧିକ ବିଦ୍ୟାଳୟକୁ ବ୍ୟାପିଯାଇଥିଲା ଏବଂ କୌଣସି ମୂଲ୍ୟ ଆବିଷ୍କାର କିମ୍ବା ନୂତନ ଟେଣ୍ଡର ବିନା ଏହାର ଖର୍ଚ୍ଚ ୧୩୦+ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଏହି ପ୍ରକଳ୍ପର ଯାଞ୍ଚ ଚାଲିଥିବା ବେଳେ ଜିଲ୍ଲା କର୍ତ୍ତୃପକ୍ଷ ଏହି ପ୍ରକଳ୍ପକୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ପ୍ରତିଯୋଗିତାମୂଳକ ଟେଣ୍ଡର ନିୟମକୁ ପାଳନ ନକରି ଯଦି ଏହି ପ୍ରକଳ୍ପର ସମୟ ବୃଦ୍ଧି କରାଯାଏ, ତେବେ ଏହା ପବ୍ଲିକ ଫଣ୍ଡ ମ୍ୟାନେଜମେଣ୍ଟର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିବ। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଗାଇଡଲାଇନରେ ପରିସର କିମ୍ବା ବଜେଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଅନୁଭବ କରୁଥିବା ପ୍ରକଳ୍ପଗୁଡିକ ପାଇଁ ପୁନଃ ଟେଣ୍ଡର ପ୍ରକ୍ରିୟା ବାଧ୍ୟତାମୂଳକ କରାଯାଇଛି। ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିବା ଏହି ମାମଲାରେ ଅନୁପାଳନର ଅଭାବ, ନିରପେକ୍ଷ ପ୍ରତିଯୋଗିତାର ନୀତିକୁ କ୍ଷୁଣ୍ଣ କରିବା ସହ ସମ୍ଭାବ୍ୟ ଆର୍ଥିକ ଅବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛି।

ପିଆଇଏଲ ଦର୍ଶାଇଛି ଯେ ପ୍ରକଳ୍ପର ବ୍ୟୟ ଏବଂ ପରିମାଣରେ ଦ୍ରୁତ ଅଭିବୃଦ୍ଧି ଟେଣ୍ଡରର ଅନୁପସ୍ଥିତିକୁ ବିଶେଷ ଭାବରେ ଚିନ୍ତାଜନକ କରିଛି। ଯେତେବେଳେ କୌଣସି ପ୍ରକଳ୍ପର ପରିସର ଏବଂ ମୂଲ୍ୟ ପ୍ରାରମ୍ଭିକ ଟେଣ୍ଡରର ପାଞ୍ଚ ଗୁଣରୁ ଅଧିକ ବୃଦ୍ଧି ପାଇଥାଏ, ଜନସାଧାରଣଙ୍କ ଅର୍ଥର ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱଚ୍ଛ ନିଲାମ ପ୍ରକ୍ରିୟା ଜରୁରୀ ହୋଇଯାଏ। ଏହି ପ୍ରକ୍ରିୟାକୁ ବାଦ୍ ଦେଇ କର୍ତ୍ତୃପକ୍ଷ ସର୍ବସାଧାରଣ କ୍ରୟ ବ୍ୟବସ୍ଥା ଉପରେ ବିଶ୍ୱାସ ହ୍ରାସ କରିବାର ଆଶଙ୍କା ରହିଛି।

ପାଞ୍ଚ ବର୍ଷିଆ ପ୍ରକଳ୍ପକୁ ଏହାର ମୂଳ କାର୍ଯ୍ୟକାଳରୁ ଅଧିକ ବଢ଼ାଇବା ପଛରେ ଯୁକ୍ତି କେବଳ ସନ୍ଦେହଜନକ ହେବ ନାହିଁ ବରଂ ଉପଯୁକ୍ତ ତତ୍ପରତାର ଅଭାବକୁ ପ୍ରସାର କରିବ ଏବଂ ଖଣି ପ୍ରଭାବିତ ଅଞ୍ଚଳରେ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଡିଏମ୍‌ଏଫ୍ ପାଣ୍ଠିପ୍ରାପ୍ତ ପ୍ରକଳ୍ପ ପାଇଁ ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିବ।

ଯେହେତୁ ଏହି ପ୍ରକଳ୍ପ ଏବେ ବି ବିବାଦର ବାଦଲ ତଳେ ରହିଛି, ତେଣୁ ଏହି ମାମଲା ସରକାରୀ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଆଇନଗତ ନିୟମପାଳନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି।

ତେବେ ମହାରାଷ୍ଟ୍ରର ଗୋଟିଏ କମ୍ପାନୀକୁ ଏଭଳି ଅନୁକମ୍ପା ଏବେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଏହା ପଛରେ ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

ସ୍ୱର୍ଣ୍ଣ ମନ୍ଦିର ଫାଟକ ନିକଟରେ ଶିରୋମଣି ଅକାଳୀ ଦଳ ନେତା ତଥା ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ହୋଇଛି ଗୁଳିମାଡ଼। ତେବେ ଶ୍ରୀ ବାଦଲ ସୁରକ୍ଷିତ ଅଛନ୍ତି।

ସମ୍ଭଲ ହିଂସା ପୀଡ଼ିତଙ୍କୁ ଭେଟିବାକୁ ଯାଉଥିବାବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ପୁଲିସ ଅଟକାଇବା ପରେ ଜୋର ଧରିଛି ରାଜନୀତି। ବିଜେପି ସହ ଆରଏସଏସକୁ ଜୋରଦାର ଟାର୍ଗେଟ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ। ରାହୁଲଙ୍କ ସମ୍ଭଲ ଗସ୍ତ ପ୍ରୟାସକୁ ଲୋକଦେଖାଣିଆ ବୋଲି କହିଛି ବିଜେପି।

ବୁଧବାର ସକାଳ ୭ଟା ୨୭ରେ ତେଲେଙ୍ଗାନାର ମୁଗୁଲୁରେ ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୫.୩। ୨୦ବର୍ଷ ପରେ ପ୍ରଥମ ଥର ପାଇଁ ରାଜ୍ୟରେ ଭୂମିକମ୍ପ ଅନୁଭୂତ ହୋଇଛି। ଶେଷଥର ୧୯୯୩ ସେପ୍ଟେମ୍ବର ୩୦ରେ ମୁଗୁଲରେ ଭୂମିକମ୍ପ ହୋଇଥିଲା। ମାଲକାନଗିରି ଜିଲ୍ଲାରେ ବି ଝଟକା ଅନୁଭୂତ ହୋଇଛି।

ଚାଷୀ ନେତା ରାକେଶ ଟିକାୟତଙ୍କ ବୁଧବାର ଆଲିଗଡ ପୋଲିସସ ଜମୁନା ଏକ୍ସପ୍ରେସରୁ ଉଠାଇ ନେଇ ଟପ୍ପଲ ଥାନାରେ ଅଟକ ରଖିଛି। ରାକେଶ ଟିକାୟତଙ୍କୁ ଗିରଫ ପରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

# ହଟିବ ଜଙ୍ଗଲ ଭିତରୁ ମାଛ ମାଫିଆଙ୍କ ବୋଟ୍

## ଦୁର୍ନୀତିଗ୍ରସ୍ତ ବନ କର୍ମଚାରୀଙ୍କ ଉପରେ ହେବ ବଡ଼ କାର୍ଯ୍ୟାନୁଷ୍ଠାନ



**ରାଜନଗର,୪।୧୨(ସଂଚାର ବ୍ୟୁରୋ):** ରାଜନଗର ଗର୍ବ ଓ ଗୌରବ କୁହା ଯାଉଥିବା ବିଶ୍ୱ ପ୍ରସିଦ୍ଧ ଭିତରକନିକାକୁ ଧ୍ୱଂସ କରିବାକୁ ମାଛ ମାଫିଆ ଓ ଦୁର୍ନୀତି ଗ୍ରସ୍ତ ବନ କର୍ମଚାରୀଙ୍କ ବଡ଼ ଯୋଜନା ହୋଇଛି,ଯେଉଁଥିପାଇଁ ଆଜି ଭିତରକନିକା ଶ୍ରୀହୀନ ହେବାକୁ ବସିଛି,ରାଜନଗର ବନ କର୍ମଚାରୀ ମୋଟା ଅଙ୍କର ଟଙ୍କା ନେଇ ମାଛ ମାଫିଆଙ୍କୁ ନିଷେଧାଞ୍ଚଳକୁ ମାଛ ମାରିବାକୁ ଛାଡୁଛନ୍ତି,ମାଛ ମାଫିଆ ବନ ବିଭାଗର ଏଭଳି ଗ୍ରୀନ ସିଗନାଲ ପାଇଁ ଭିତରକନିକାକୁ ତଳିତଳାନ୍ତ କରିସାରିଲେଣି, ଗୋଟିଏ ପଟେ ଜଙ୍ଗଲକୁ ସୁରକ୍ଷା ଦେଉଥିବା ତାର ଜାଲିକୁ କାଟି ଜଙ୍ଗଲ ଭିତରେ ବୋଟ ରଖିବା ସହିତ ବିଭିନ୍ନ ପ୍ରକାର ମାଛ ମରା ଜାଲ ରଖିଛନ୍ତି,ସେହି ଜାଲରେ ନିଷେଧାଞ୍ଚଳରେ ପ୍ରବେଶ କରି ଲକ୍ଷାଧିକ ଟଙ୍କାର ମାଛ ମାରିବା ସହିତ ଜାଲରେ ପଡୁଥିବା ଚୋଟ କୁମ୍ଭୀରଙ୍କୁ ମାରି ପୋତି ଦେଉଛନ୍ତି,ଅନ୍ୟପଟେ ଜଙ୍ଗଲ ଜମିକୁ ରୋହିଙ୍ଗା ବାଂଲାଦେଶୀ କବ୍ଜା କରି ସେଠାରେ ଘର ନିର୍ମାଣ କରି ରହିଛନ୍ତି ଯାହାଙ୍କୁ ବନ ବିଭାଗ ସେଠାରୁ ହଟେଇବା ପରିବର୍ତ୍ତେ ତାଙ୍କ ପୁଅକୁ ପାଟ୍ରୋଲିଙ୍ଗ ବୋଟର ଡ୍ରାଇଭର କରି ନିଯୁକ୍ତି ଦେଇଛନ୍ତି,ଯେଉଁ କାରଣ ପାଇଁ ଆଜି ବିଶ୍ୱ ପ୍ରସିଦ୍ଧ ଭିତରକନିକା ତାର ବୈଭବ ନଷ୍ଟ କରିବାକୁ ଯାଉଛି, ଗୋଟିଏ ପଟେ ଭିତରକନିକା ବନ୍ୟପ୍ରାଣୀ ବିପଦରେ ଥିବା ବେଳେ ଅନ୍ୟ ପଟେ ବନ କର୍ମଚାରୀ ମାଛ ମାଫିଆଙ୍କ ସହ ହାତ ମିଳାଇ ମାଲେମାଲ ହେଉଛନ୍ତି,ମାଛ ମାଫିଆ ବାରମ୍ବାର ନିଷେଧାଞ୍ଚଳରେ ମାଛ ମାରିବା ଦ୍ୱାରା କୁମ୍ଭୀର ଖାଇବା ପାଇଁ ମାଛ ଅଭାବ ପଡୁଛି ଯେଉଁ କାରଣ ଯୋଗୁଁ କୁମ୍ଭୀର ମାନେ ଭିତରକନିକା ଛାଡି ବାହାରକୁ ଆସି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି, ତେଣୁ ରାଜନଗର ବନ କର୍ମଚାରୀ ଓ ମାଛ ମାଫିଆଙ୍କ ମଧ୍ୟରେ ଚାଲୁଥିବା ମଧୁଚନ୍ଦ୍ରିକାରେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ନଷ୍ଟ ହେଉଥିବାରୁ ଗତକାଲି ତାଳଚୁଆ ଓ ରାଜନଗର ଅଧିବାସୀ ମିଳିତ ଭାବେ ଭିତରକନିକା ସୁରକ୍ଷା ଦୃଷ୍ଟିରୁ ମାଛ ମାଫିଆ ଓ ତାଙ୍କ ସହିତ ସାମିଲ ହୋଇଥିବା ବନ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଭୁବନେଶ୍ୱର ସ୍ଥିତ ପକୃତି ଭବନ ରାଜ୍ୟ ବନ୍ୟ ପ୍ରାଣୀ ମୁଖ୍ୟାଳୟ ଠାରେ ରାଜ୍ୟ ପ୍ରଧାନ ବନ ସଂରକ୍ଷକ ଶ୍ରୀ ବିକାଶ କୁମାର ଦାସଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି, ଉକ୍ତ ଦାବିପତ୍ରକୁ ରାଜ୍ୟ ପ୍ରଧାନ ବନ ସଂରକ୍ଷକ ଅଧିକାରୀ ଶ୍ରୀ ବିକାଶ କୁମାର ଦାସ ଗ୍ରହଣ କରି ମାଛ ମାଫିଆ ଓ ଦୁର୍ନୀତି ଗ୍ରସ୍ତ ବନ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମାଛ ମାଫିଆଙ୍କ ଦ୍ୱାରା ଜଙ୍ଗଲ ମଧ୍ୟରେ ରଖିଥିବା ସେମାନଙ୍କ ବୋଟ ଏବଂ ଜଙ୍ଗଲ ଜମିକୁ କବ୍ଜା କରି ସେଠାରେ ଘର କରି ରହିଥିବା ରୋହିଙ୍ଗା ବାଂଲାଦେଶୀଙ୍କୁ ହଟାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

### କୁମ୍ଭୀର ଆକ୍ରମଣରେ ଯୁବକ ଆହତ



**ମହାକାଳପଡ଼ା,୪।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧିନ ସ୍ଥାନୀୟ ଉପକୂଳ ଅଞ୍ଚଳ ରାମଚଣ୍ଡି ଗଳିଆ ନଦୀରେ ବୁଧବାର ସକାଳୁ କୁମ୍ଭୀର ଆକ୍ରମଣରେ ଶୌଚ ହେବାକୁ ଯାଇଥିବା ତୁଷାର ମଣ୍ଡଳ(୩୮) ଆହତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡିଛି। ଆହତ ତୁଷାର ନିଜ ଧାନ ଫସଲକୁ ଯାଇଥିଲେ। ନିକଟ ନଦୀରେ ଶୌଚ ହେବାକୁ ଯାଇଥିବାବେଳେ ବଉଳା କୁମ୍ଭୀର ତାଙ୍କ ହାତକୁ ନଦୀକୁ ଟାଣି ଟାଣି ଦଶ ଫୁଟ ପର୍ଯ୍ୟନ୍ତ ନେଇଥିଲା। କୁମ୍ଭୀର ସହିତ ତୁଷାରଙ୍କ କିଛି ସମୟ ଟଣାଟଣି ହୋଇ ଥିଲେ। ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ହାତରେ ୨୦ ଷ୍ଟିଚ ପଡ଼ିଛି। ବନ ବିଭାଗ ପକ୍ଷରୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବିଦ୍ୟାଳୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ



**ମହାକାଳପଡ଼ା,୪।୧୨(ସଂଚାର ବ୍ୟୁରୋ):** ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ଖେଳ କୁଦ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ସଭାରେ ସମ୍ବଳ ଶିକ୍ଷକ ଶ୍ରୀଧର କୁମାର ଭୋଳ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସହ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ସାମଲ, ମୁଖ୍ୟବକ୍ତା ଭାବରେ ସରପଞ୍ଚ ମମତା ସାମଲ, କବି ଭକ୍ତ ଚରଣ ମଲ୍ଲ, ବିଶିଷ୍ଟ ପରିବେଶବିତ୍ ନୃସିଂହ ଚରଣ ମଲ୍ଲ, ସିଆରସିସି ଅଚ୍ୟୁତାନନ୍ଦ ପୃଷ୍ଟି , ନୋଡାଲ ସିଆରସିସି ଦିଲିପ କୁମାର ବାରିକ, କେନ୍ଦ୍ରାପଡ଼ା ଭିନ୍ନକ୍ଷମ ସଂଯୋଜକ ବିଜୟ କୁମାର ପରିଡ଼ା ,ବିଆରସିସି ଅକ୍ଷୟ କୁମାର ମହାପାତ୍ର,ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଓ ସେମାନଙ୍କର ପିତାମାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସତିଶ କୁମାର ରାଉତରାୟ, ଜୟନ୍ତୀ ଖଟୁଆ, ଅଜୟ ରାଉତ, ଭକ୍ତ ଚରଣ ରାଉତ, ସୁମନ୍ତ ମାଝି,ସୁଧାଂଶୁ ବଳା ସାମନ୍ତରାୟ, ପ୍ରସିଦ୍ଧ କେଶରୀ ମହାମଲ୍ଲ, ଲକି ପରିଯା,ହେମନ୍ତ ପାଇଟାଳ, ଚାମଲିନ ନାୟକ ପ୍ରଭୃତି ସହାୟତା କରିଥିଲେ।

### ‘ସବୁ ମୋଡ଼ରେ ଜୀବନ’ ଉନ୍ମୋଚିତ



**କେନ୍ଦ୍ରାପଡ଼ା,୪।୧୨(ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସମଗ୍ର ଏସିଆ ମହାଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ପୁନର୍ବାସକୈନ୍ଦ୍ରିକ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ପୁନର୍ବାସ ଓ ପ୍ରଶିକ୍ଷଣ କେନ୍ଦ୍ରରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା କଥାକାର ବିରଜା ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ଭିନ୍ନ ସ୍ୱାଦର ଗଳ୍ପ ସଂକଳନ ‘ସବୁ ମୋଡରେ ଜୀବନ’ ପାଠକାର୍ପିତ ହୋଇଛି । ଉକ୍ତ ଦିବସରେ ଅନୁଷ୍ଠିତ ସଭାରେ ରାଜ୍ୟର ଇସ୍ପାତ, ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ,ଏସ୍‌ଭିନିରତର୍ ର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତ ପାବନ ମହାନ୍ତି ଓ ଉପନିର୍ଦ୍ଦେଶକ ଡା.କିଶୋର ମହାପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି । ଏହି ଗଳ୍ପ ସଂକଳନଟିର ସ୍ୱତନ୍ତ୍ରତା ହେଉଛି ଭିନ୍ନକ୍ଷମତାକୁ ନେଇ ଓଡ଼ିଆ ଭାଷାରେ ରଚିତ ହୋଇଥିବା ସକରାତ୍ମକ ତଥା ପ୍ରତ୍ୟୟଯୁକ୍ତ ଗଳ୍ପଗୁଡିକ ଏଥିରେ ସ୍ଥାନିତ ହୋଇଛି। ସମୁଦାୟ ୧୬ ଗୋଟି ନିର୍ବାଚିତ ଗଳ୍ପକୁ ଚୟନ କରାଯାଇଛି । ପ୍ରତିଥଯଶା କଥାଶିଳ୍ପୀ ଚନ୍ଦ୍ରଶେଖର ରଥ,ପ୍ରତିଭା ରାୟ,ରାମଚନ୍ଦ୍ର ବେହେରା, ଗୌରହରି ଦାସ ପ୍ରମୁଖଠାରୁ ଆରମ୍ଭ କରି ହିରଣ୍ମୟୀ ମିଶ୍ର ଓ ଯୁବ ପିଢିର କଥାକାର ମାନଙ୍କ ଗଳ୍ପରେ ସମୃଦ୍ଧ। ଏହି ସଂକଳନ ପ୍ରସ୍ତୁତିର ସମ୍ପାଦନା ସହାୟିକା ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଥିବାବେଳେ ଏହାର ପ୍ରକାଶନ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ‘ବ୍ଲାକ୍ ଇଗଲ୍’ ତରଫରୁ କରା ଯାଇଛି ।

### ବାଂଲାଦେଶରେ ହେଉଥିବା ହିନ୍ଦୁ ବିରୋଧୀ ଆକ୍ରମଣକୁ ନେଇ ପ୍ରତିବାଦ




**କେନ୍ଦ୍ରାପଡ଼ା,୪।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲା ହିନ୍ଦୁ ସୁରକ୍ଷା ମଂଚ ପକ୍ଷରୁ ବାଂଲାଦେଶରେ ହେଉଥିବା ହିନ୍ଦୁ ମାନଙ୍କ ପ୍ରତି ଅତ୍ୟାଚାର ଘଟଣାର ପ୍ରତିବାଦ କରାଯାଇଛି । ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ସୁରକ୍ଷା ଦାବି କରି ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ରେ ଏକ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି ହିନ୍ଦୁ ସୁରକ୍ଷା ମଂଚ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି ଶୋଭାଯାତ୍ରା ପ୍ରଥମେ ତିନିମୁହାଣୀ ରାମ ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଞ୍ଚିବ। ଏଥିରେ ବଜରଙ୍ଗଦଳ, ଧର୍ମ ରକ୍ଷା ସେନା, ଗୋ ସୁରକ୍ଷା ବାହିନୀ ପ୍ରଭୃତି ସଂଗଠନ ଅଂସଗ୍ରହଣ କରିବେ। ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯିବ ବୋଲି ବୁଧବାର କନ୍ତିଆ ମଠ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଠର ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସ ସୂଚନା ଦେଇଛନ୍ତି ।

# କୋଷ୍ଟାଲ୍ ରିଜର୍ଭ ବାଟାଲିଅନ୍ ପ୍ରତିଷ୍ଠା ପ୍ରସ୍ତାବ

## ଚିଠି ଲେଖି ପ୍ରସ୍ତାବ ଜଣାଇଲା ଉତ୍କଳମଣି ଯୁବକ ସଂଘ

**କେନ୍ଦ୍ରାପଡ଼ା,୪।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ କୋଷ୍ଟାଲ ରିଜର୍ଭ ବାଟାଲିୟନ ପ୍ରତିଷ୍ଠା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ବାଟାଲିୟନ ପ୍ରତିଷ୍ଠା ହେଲେ ଏହା କେବଳ ଜିଲ୍ଲାର ସମୃଦ୍ଧ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବ ତାହା ନୁହେଁ ବରଂ ଦେଶର ଉପକୂଳ ସୁରକ୍ଷା ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରିବ। ଏମିତି ଏକ ଅଭିନବ ପ୍ରସ୍ତାବ ସରକାରଙ୍କ ଦୃଷ୍ଟିକୁ ଚିଠି ମାଧ୍ୟମରେ ଜଣାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘର ସଭାପତି ଶ୍ରୀ ଗୌତମ ବେହେରା। ସେ କହିଛନ୍ତି କେନ୍ଦ୍ରାପଡା ହେଉଛି ଭିତରକନିକା ଜାତୀୟ ଉଦ୍ୟାନ ୬୭୨ ବର୍ଗ କିଲୋମିଟର ବ୍ୟାପୀ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶ କ୍ଷେତ୍ର ଏବଂ ସାମୁଦ୍ରିକ ତଥା ବନ୍ୟଜନ୍ତୁ ସମ୍ବଳର ଏକ ଭଣ୍ଡାର । ଏହି ସମ୍ବେଦନଶୀଳ କ୍ଷେତ୍ର ଏବେ ଅନୁପ୍ରବେଶକାରୀଙ୍କ ବେଆଇନ କାର୍ଯ୍ୟ କଳାପ ପାଇଁ କ୍ରମାଗତ ବିପଦର ସମ୍ମୁଖୀନ ହେଉଛି। ବିଦେଶୀ ଅନୁପ୍ରବେଶକାରୀମାନେ ସମୁଦ୍ର ପଥ ବ୍ୟବହାର କରି ବେଆଇନ ମତ୍ସ୍ୟ କାର୍ଯ୍ୟରେ ଲିପ୍ତ ରହି ସାମୁଦ୍ରିକ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରୁଥିବା ଖବର ମଧ୍ୟ ଦେଖିବାକୁ ମିଳିଛି। ଏହି ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ପାଇଁ ୩ ଗୋଟି ଉପକୂଳ ପୋଲିସ୍ ଷ୍ଟେସନ୍ ପ୍ରତିଷ୍ଠା ହୋଇଛି। ପର୍ଯ୍ୟାପ୍ତ କର୍ମଚାରୀ ଏବଂ ଉନ୍ନତ ସାମରିକ ଉପକରଣର ଅଭାବ ହେତୁ ଏହି ଅଞ୍ଚଳକୁ ବିଭିନ୍ନ ସମୟରେ ବିପଦର ସାମ୍ନା କରିବାକୁ ପଡୁଛି । ଯାହାର ସୁରକ୍ଷା ଓ ସୁବ୍ୟବସ୍ଥା ନିହାତି ଆବଶ୍ୟକ। ୨୦୦୧ ରେ, ବାନିପାଲରେ ଏକ ନକଲି ବେତାର କେନ୍ଦ୍ର ଆବିଷ୍କୃତ ହୋଇଥିଲା, ଯେଉଁଠାରେ ମହାକାଳପଡ଼ାର ପର୍ଯ୍ୟଟନ ସ୍ଥଳୀ ହୁକିଟୋଲା ଦ୍ୱୀପପୁଞ୍ଜର ସୁରକ୍ଷା ସମ୍ବନ୍ଧୀୟ ଗୁପ୍ତ ସୂଚନା ସାମ୍ନାକୁ ଆସିଥିଲା। ୨୦୦୨ ମସିହା ରେ ବନ କର୍ମଚାରୀ ଶ୍ୟାମ ସିଂଙ୍କୁ ଏକ ବେଆଇନ ଟ୍ରଲର ଜବତ କରିବା ସମୟରେ ମତ୍ସ୍ୟଜୀବୀମାନେ ଦୟନୀୟ ଭାବରେ ହତ୍ୟା କରିଥିଲେ। ସମ୍ପ୍ରତି, ବନ ବିଭାଗ ଏବଂ ଟ୍ରଲର ଚାଳକଙ୍କ ମଧ୍ୟରେ ଜାରି ରହିଥିବା ଉତ୍ତେଜନା କର୍ମଚାରୀଙ୍କ ପାଇଁ ବିପଦକୁ ଦର୍ଶାଉଛି। ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ନକଲି ମୁଦ୍ରା କାରବାର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଡ୍ରଗ୍ସ କାରବାର ଉପରେ ସନ୍ଦେହ ଆହୁରି ଅଧିକ ଜାଗ୍ରତ ହେବା ଏକ ସାଧାରଣ କଥା। ଏକ କୋଷ୍ଟାଲ୍ ରିଜର୍ଭ ବାଟାଲିଅନ୍ ପ୍ରତିଷ୍ଠା ବିଦ୍ୟମାନ ଉପକୂଳ ପୋଲିସ୍ ଷ୍ଟେସନକୁ ବହୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ ଏବଂ ବର୍ଦ୍ଧିତ ନୀରିକ୍ଷଣ, ଦ୍ରୁତ ପ୍ରତିକ୍ରିୟା କ୍ଷମତା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଆଇନଗୁଡିକର ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବ ବୋଲି ଶ୍ରୀ ବେହେରା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳର୍ବୀ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ସହିତ ବେଆଇନ ଅନୁପ୍ରବେଶକାରୀଙ୍କ ପ୍ରବେଶ ଉପରେ ରୋକ୍ ଲାଗି ପାରିବ। ଯାହାର ଫଳ ସ୍ୱରୂପ ଜିଲ୍ଲାର ସୁରକ୍ଷା ମଧ୍ୟ ବଳୱ୍ୱତ୍ତର ରହିପାରିବ।

### ‘ଝିଅ ପାଇଁ ଚେନାଏ ଆକାଶ’ ଉନ୍ମୋଚିତ



**ରାଜନଗର,୪।୧୨(ସଂଚାର ବ୍ୟୁରୋ):** ଶିକ୍ଷୟିତ୍ରୀ ତଥା କବି ବିକାଶୀ ପ୍ରିୟଦର୍ଶିନୀଙ୍କ ପ୍ରଥମ କବିତା ସଂକଳନ ‘ଝିଅ ପାଇଁ ଚେନାଏ ଆକାଶ’ ଆଜି ଉନ୍ମୋଚିତ ହୋଇଯାଇଛି। ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ତୀର୍ଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ପରେ କବିତା ସଂକଳନ ଉନ୍ମୋଚିତ କରାଯାଇଥିଲା। କବୟିତ୍ରୀ ନିଜର ପ୍ରଥମ କବିତା ସଂକଳନ କୌଣସି ଅତିଥିଙ୍କ ପରିବର୍ତ୍ତେ ନିଜର ବାପା ଶିବ ପ୍ରସାଦ ରାଉତ ଓ ମାତା ଚଞ୍ଚଳା ରାଉତଙ୍କ ଦ୍ୱାରା ଉନ୍ମୋଚିତ କରାଇଛନ୍ତି। ବୃତିରେ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଯୋଗ୍ୟତାରେ ଇଂରାଜୀରେ ମାଷ୍ଟର ଡିଗ୍ରୀ ଥିଲେ ମଧ୍ୟ ଓଡିଆ ସାହିତ୍ୟ ପ୍ରତି କବୟିତ୍ରୀଙ୍କ ଭଲପାଇବା ରହିଛି। ବିଭିନ୍ନ ପତ୍ରପତ୍ରିକାରେ ପୂର୍ବରୁ ସ୍ଥାନ ପାଇଥିବା ବିପ୍ଳବାତ୍ମକ ଓ ଅନ୍ୟାୟ ସହ ଲଢିବାର ବିଭିନ୍ନ କବିତା ଏହି ସଂକଳନରେ ସ୍ଥାନ ପାଇଛି।

### ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଓ ସାମ୍ବିଧାନିକ ସମ୍ମିଳନୀ



**କେନ୍ଦ୍ରାପଡ଼ା,୪।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ମା ଗୋଜବାୟଣୀ ପୀଠ ଠାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନୂତନ ପେନସନ୍ ଯୋଜନା ଭୁକ୍ତ ବର୍ଗର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ୨୩ ତମ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭଞ୍ଜ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଶିକ୍ଷକ ଓ ଶିକ୍ଷା ସମସ୍ୟାକୁ ନେଇ ଏକ ଆଲୋଚନା ହୋଇଥିଲା । ତତପରେ ଚିତ୍ତ ରଞ୍ଜନ ରାଉଳ, ଲକ୍ଷ୍ମୀଧର ଲେଙ୍କା, ଦୀପକ ମହାନ୍ତି, ରବୀନ୍ଦ୍ର ନାୟକ, ପି ଏନ ଅମରେଶ, ଉଦ୍ୟତ କେଶରୀ ସାମନ୍ତରାୟ ନାରାୟଣ ଚନ୍ଦ୍ର ପାଢ଼ୀ, ଦୀପ୍ତିବାଳା ସ୍ୱାଇଁ, ଉଷାରାଣୀ ରାଉତ, ମହେଶ ସାମଲ, ନିମାଇଁ ଚରଣ ବେହେରା ସୁଧାଂଶୁ ବେହେରା ଏବଂ ମାନସୀ ସାମଲ ପ୍ରମୁଖ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ସଂଘୀୟ ବାର୍ତ୍ତା ପ୍ରଦାନ କରିଥିଲେ । ସଂଘ ପୁନର୍ଗଠିତ ହୋଇ ସଭାପତି ଭାବେ ନାରାୟଣ ଚନ୍ଦ୍ର ପାଢ଼ୀ, ସମ୍ପାଦକ ନିରଞ୍ଜନ ରାଉତ, କାର୍ଯ୍ୟକାରୀ ସଭାପତି ନିବେଦିତା ବେହେରା, ସଂଗଠନ ସମ୍ପାଦକ ନାରାୟଣ ପଣ୍ଡା, ଉପ-ସଭାପତି ରାଜେଶ କୁମାର ବାରିକ ଓ ଦୀପ୍ତିବାଳା ସ୍ୱାଇଁ, ସହ-ସମ୍ପାଦକ ପ୍ରଭାତ କୁମାର ପ୍ରଧାନ ଓ ଉଷା ରାଣୀ ରାଉତ, କୋଷାଧ୍ୟକ୍ଷ ଉଦ୍ୟତ କେଶରୀ ସାମନ୍ତରାୟ, ହିସାବ ସମୀକ୍ଷକ ସୌମ୍ୟ ରଞ୍ଜନ ନାୟକ ଓ ଗଣମାଧ୍ୟମ ସଂଯୋଜକ ଭାବେ ପି ଏନ ଅମରେଶ ତଥା ପ୍ରତ୍ୟେକ ବ୍ୟାଚରୁ ସଦାନନ୍ଦ ମହାନ୍ତି, ଗତିକୃଷ୍ଣ ମିଶ୍ର, ଲେଲିନ ସେଠୀ, ଉତ୍କଳ ରଞ୍ଜନ ଦାସ, ଆଶିଷ ବେହେରା, ରବୀନ୍ଦ୍ର ନାୟକ, ଜଗବନ୍ଧୁ ମାଝି, ଅର୍ଚ୍ଚନା ପତି ଓ ସୁଦାମ ଚରଣ ନାଥ ବ୍ଲକ କାର୍ଯ୍ୟକାରୀ ପରିଷଦ କୁ ମନୋନୀତ ହୋଇଥିଲେ ।

### ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୪।୧୨(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି। ସୂଚନା ମୁତାବକ ଗତକାଲି ରାତିରେ ବନବିଭାଗ ପାଟ୍ରୋଲିଂ ଟିମ ମାଦଳୀ ମାଉଥ୍ ରୁ ପାଟ୍ରୋଲିଂରେ ବାହାରିଥିଲା। ରାତି ପ୍ରାୟ ୨ ଘଟିକା ସମୟରେ କୂଳଠାରୁ ୧୭ କିମି ଦୂରରେ ବେଆଇନ ଭାବେ ମା’ଗଙ୍ଗା-୧୫୬ ନାମକ ଟ୍ରଲର ଆଇଏନଡି-ଓଆର-୦୧- ଏମଏମ-୩୩୯କୁ ବନବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଥିଲେ। ବିରଳ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ମାଛ ଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲେ ମଧ୍ୟ ଟ୍ରଲର ଗୁଡିକ ବେଧଡକ ଭାବେ ମାଛ ମାରୁଛନ୍ତି। ଆଜି ଜବତ ହୋଇଥିବା ଟ୍ରଲରରେ ଥିବା ବାଲେଶ୍ୱର ଅଞ୍ଚଳର ଜିତେନ୍ଦ୍ର କୁମାର ପାତ୍ର, ଶମ୍ଭୁନାଥ ଖଟୁଆ, ବାଦଲ ଖିଲାର, ଅଶୋକ ବେହେରା, କାର୍ତ୍ତିକ ମଣ୍ଡଳ, ଅବନୀକାନ୍ତ ଜେନା, ସୁକଦେବ ବେରା, ରାଧାଶ୍ୟାମ ଜେନା, ପରମେଶ୍ୱର ଜେନା, ଶ୍ରୀକାନ୍ତ ମଣ୍ଡଳ ପ୍ରମୁଖ ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜଜବତ ଟ୍ରଲରରୁ ୩ଟି ଭିଏଚଏଫ, ଗୋଟିଏ ଜିପିଏସ, ୧୧ଟି ଟ୍ରଲିଂ ନେଟ, ୬ଟି ମୋବାଇଲ ଫୋନ ଓ ୧୦ କୁଇଁଟାଲ ମାଛ ଜବତ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନାହିରେ ତେଲ ପକାଇ ଶୋଇଛନ୍ତି ଅଧିକାରୀ

## ଡଙ୍ଗାରେ ବିଶ୍ୱ ହିନ୍ଦୁ ପରିଷଦର ଦୁଃସାହସିକ ନୌକା ଯାତ୍ରା



**କେନ୍ଦ୍ରାପଡ଼ା,୪।୧୨(ସଂଚାର ବ୍ୟୁରୋ):** ୩ ଗୋଟି ଅଣପଞ୍ଜିକୃତ ଡଙ୍ଗାରେ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ୧୪୦ ଜଣ ସଦସ୍ୟ ବିନା ଲାଇଫ ଜ୍ୟାକେଟ ରେ ହୁକିଟୋଲାକୁ ଭୋଜି କରିବା ପାଇଁ ଯିବା ଯେତିକି ଚର୍ଚ୍ଚା ସୃଷ୍ଟି କରିନି ବରଂ ଏକ ବଡ଼ ବିପଦ ଟଳି ଯାଇଥିବା ଚର୍ଚ୍ଚା ଏବେ ସମଗ୍ର ଅଞ୍ଚଳରେ ଜୋର ଧରିଛି। ଚଳିତ ମାସ ୧ ତାରିଖ ରବିବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ମହାକାଳପଡ଼ା ର ହୁକିଟୋଲା ପର୍ଯ୍ୟଟନ ସ୍ଥଳୀ କୁ ଭୋଜି ପାଇଁ ଯାଇଥିଲେ। ପାଖାପାଖି ୧୪୦ ଜଣ ସଦସ୍ୟ ୩ ଗୋଟି ଘରୋଇ ଡଙ୍ଗାରେ ଏହି ଯାତ୍ରା କରିଥିଲେ। ହେଲେ ବଡ଼କଥା ହେଲା ନା କାହାରି ଦେହରେ ଲାଇଫ ଜ୍ୟାକେଟ ଥିଲା ନା ଡଙ୍ଗା ଗୁଡିକ ପଞ୍ଜିକୃତ ଥିଲା। ନଦୀକୂଳ ପାଖରୁ ହୁକିଟୋଲା ପର୍ଯ୍ୟଟନ ସ୍ଥଳୀ ପ୍ରାୟ ୧୫ କିଲୋମିଟର ଦୂର। ସମୁଦ୍ର ଭିତରେ ଯାତ୍ରାକଲେ ପ୍ରାୟତଃ ୩ ଘଣ୍ଟା ସମୟ ଲାଗିବ। ଏହି ସ୍ଥାନଟିକୁ ଯିବା ପାଇଁ ହେଲେ ସମସ୍ତ ସୁରକ୍ଷା ଅବଲମ୍ବନ କରି ଯିବା ପାଇଁ ସରକାରଙ୍କ ବ୍ୟବସ୍ଥା ରହିଛି। ହେଲେ ରବିବାର ଦିନ ଏତେ ମାତ୍ରାରେ ସଦସ୍ୟ ୩ ଗୋଟି ଡ଼ଙ୍ଗା ରେ ବିନା ଲାଇଫ ଜ୍ୟାକେଟ ରେ ହୁକିଟୋଲାକୁ ଭୋଜି କରିବାକୁ ଯିବା ଏହା ପୁଣି ଏକ ଆଶଙ୍କା ଆଡ଼କୁ ଟାଣିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଡଙ୍ଗା ବୁଡି ଘଟଣା ଜିଲ୍ଲା ପ୍ରଶାସନକୁ ହରଡ ଘଣାରେ ପକାଇଥିବା ନିକଟ ଅତୀତରେ ଦେଖିବାକୁ ମିଳିଛି। ଅସୁରକ୍ଷିତ ନୌକା ଯାତ୍ରା ପାଇଁ କେତେ ଧନଜୀବନ ହାନି ହୋଇଛି। ଯାହାକୁ ନେଇ ପ୍ରଶାସନ ଅଡୁଆରେ ମଧ୍ୟ ପଡିଛି। ସେଦିନ ଲଘୁଚାପ ଜନିତ ପାଗ ସହିତ ବଡ଼ ବଡ଼ ଢେଉ ସୃଷ୍ଟି ହେଉଥିଲା। ନାବିକ ମଧ୍ୟ ହାତଟେକି ଦେଇଥିଲା। ଆମେ ସମସ୍ତେ ଭୟଭୀତ ଥିଲୁ। ଏକ ବଡ଼ ବିପଦ ରୁ ଆମେ ମୁକୁଳି ଆସିଛୁ ବୋଲି ସେମାନଙ୍କ ମଧ୍ୟରୁ କିଛି ସଦସ୍ୟ ନିଜର ନାମ ଗୋପନ ରଖି ସଂଚାରକୁ ସୂଚନା ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି ୧୪୦ ଜଣ ସଦସ୍ୟ ୩ ଘରୋଇ ଡଙ୍ଗାରେ ଯାତ୍ରା କଲେ ପ୍ରଶାସନିକ କର୍ମଚାରୀ ଜାଣି ପାରିଲେ ନାହିଁ କେମିତି ? ବିନା ଲାଇଫ ଜ୍ୟାକେଟ ରେ ଅଣପଞ୍ଜିକୃତ ଡଙ୍ଗାରେ ଯାତ୍ରା କରିବାରେ ଯଦି କିଛି ଅଘଟଣ ଘଟିଥାଆନ୍ତା ତେବେ ଦାୟୀ ହୋଇଥାନ୍ତା କି ପ୍ରଶାସନ? ତଟବର୍ତ୍ତି ସୁରକ୍ଷା ପାଇଁ ଥିବା କର୍ମଚାରୀ ନାହିରେ ତେଲ ଦେଇ ଶୋଇପଡିଥିଲେ କି? ସମଗ୍ର ରାଷ୍ଟ୍ରକୁ ଦିଗଦର୍ଶନ ଦେଉଥିବା ସଙ୍ଘର ଏମିତି ଅସଚେତନ କାର୍ଯ୍ୟ ସ୍ୱାଗତଯୋଗ୍ୟ କି? ଭଳି ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିବା ବେଳେ ପର୍ଯ୍ୟଟନ ଋତୁ ରେ ପ୍ରଶାସନ ତତ୍ପରତା ଦେଖାଇ ଜନଜୀବନ ସୁରକ୍ଷିତ ପାଇଁ ପ୍ରୟାସ କରିବା ବୁଦ୍ଧିଜୀବୀ, ପରିବେଶବିତ ମତପୋଷଣ କରିଛନ୍ତି।

### ବିଲ୍ ଠକେଇ ସମ୍ପର୍କରେ ଟିପିଏସ୍‌ଓଡିଏଲ୍ ତରଫରୁ ସତର୍କ ସୂଚନା

**ବ୍ରହ୍ମପୁର,୪।୧୨(ସଂଚାର ବ୍ୟୁରୋ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଉପଭୋକ୍ତାମାନଙ୍କୁ ଫିସିଂ ଠକେଇ ସମ୍ପର୍କରେ ସତର୍କ ବାର୍ତ୍ତା ଦିଆଯାଇଛି। ସାଇବର ଅପରାଧୀମାନେ ଉପଭୋକ୍ତାଙ୍କ ମୋବାଇଲ ନମ୍ବରକୁ ବକେୟା ବିଲ୍ ଯୋଗୁଁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ନେଇ ମେସେଜ ପଠାଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ୯୧୮୪୮୧-୦୪୨୧୫୧ ନମ୍ବରରୁ ଏଭଳି ମେସେଜ ଆସୁଛି। କିଛି ସାଇବର ଠକ ବିଦ୍ୟୁତ ସେବା ବିଚ୍ଛିନ୍ନ ନହେବା ପାଇଁ ଉପଭୋକ୍ତାଙ୍କୁ ୬୨୯୦୩୧୭୩୯୫ ନମ୍ବରରେ କଲ୍ କରିବାକୁ କହୁଛନ୍ତି। ଉପଭୋକ୍ତାଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ହାସଲ କରିବା ସହ ଅନଧିକୃତ ଉପାୟରେ ଟଙ୍କା ଉଠାଇବା ପାଇଁ ସାଇବର ଠକ ମାନେ ଏଭଳି ଫିସିଂ ମେସେଜ ପଠେଇଥାନ୍ତି। ତେଣୁ ଏଭଳି ଫୋନ୍ କଲ୍ କିମ୍ବା ମେସେଜରୁ ଦୂରେଇ ରହିବା ସହ ଠକେଇର ଶିକାର ନହେବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ସତର୍କ ବାର୍ତ୍ତା ଜାରି କରାଯାଇଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଟିପିଏସ୍‌ଓଡିଏଲରେ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଏ। ଏଭଳି ସନ୍ଦେହଜନକ ଫୋନ୍ କଲ୍ କିମ୍ବା ମେସେଜ ଆସିଲେ, ତୁରନ୍ତ ଆମ ଟୋଲ୍ ଫ୍ରି ନମ୍ବରରେ ଜଣାଇବା ପାଇଁ ଗ୍ରାହକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଉଛି। କେବଳ ଟିପିଏସ୍‌ଓଡିଏଲ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ତଥା ଅଧିକୃତ ମାଧ୍ୟମରେ ହିଁ ବିଲ୍ ପୈଠ କରିବା ଏବଂ ସମସ୍ତ ପ୍ରକାର ଯୋଗାଯୋଗ କରିବା ପାଇଁ ଆମେ ଉପଭୋକ୍ତାମାନଙ୍କୁ ଅନୁରୋଧ କରୁଛୁ। ଟିପିଏସ୍‌ଓଡିଏଲ୍ ପକ୍ଷରୁ କେବେ ବି ଗ୍ରାହକମାନଙ୍କୁ ପାସୱାର୍ଡ, ଓଟିପି, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ କିମ୍ବା କଲ୍, ମେସେଜ, ଇମେଲ ପାସୱାର୍ଡ ଭଳି କୌଣସି ଗୋପନୀୟ ତଥ୍ୟ ଦେବା ପାଇଁ କୁହାଯାଏ ନାହିଁ। କେବଳ ଅଧିକୃତ ଏବଂ ସୁରକ୍ଷିତ ମାଧ୍ୟମରେ ହିଁ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ପେମେଣ୍ଟ ଏବଂ ଯୋଗାଯୋଗ କରାଯାଏ। ଯେକୌଣସି ସହାୟତା ପାଇଁ ଉପଭୋକ୍ତାମାନେ ଟିପିଏସ୍‌ଓଡିଏଲର ୨୪×୭ ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୬୭୯୭ କିମ୍ବା ୧୯୧୨ ରେ କଲ୍ କରି ଯୋଗାଯୋଗ କରିପାରିବେ। ଉପଭୋକ୍ତାଙ୍କ ନିରାପତ୍ତା ଏବଂ ଗୋପନୀୟତା ରକ୍ଷା କରିବା ପାଇଁ ଟିପିଏସ୍‌ଓଡିଏଲ୍ ସର୍ବଦା ପ୍ରତିବଦ୍ଧ ରହି ଆସିଛି।




### ସ୍କେଟର ଅନ୍ୱେଷାଙ୍କୁ ବ୍ରୋଞ୍ଜ ମେଡାଲ



**ବ୍ରହ୍ମପୁର,୪।୧୨(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀର ନଏଡ଼ା ସେକ୍ଟର୍-୨୧ ,ସ୍ପୋର୍ଟସ୍ ଷ୍ଟାଡିଅମ୍ ଠାରେ ଚଳିତ ମାସ ୨ ତାରିଖ ଠାରୁ ୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିବା ଡିଏଭି ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଅନ୍ୱେଷା ବିଷୋୟୀ ବ୍ରୋଞ୍ଜ ପଦକ ହାସଲ କରି ନିଜ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ଅନ୍ୱେଷା ପ୍ରଥମେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା କ୍ଲଷ୍ଟର ଓ ଜୋନ୍ ସ୍ତରୀୟ ପ୍ରତିଯୋଗୀତାରେ ଉତ୍ତମ ପ୍ରଦର୍ଶନ କରି ଓଡିଶା ଟିମରୁ ଜାତୀୟ ସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଥିଲେ । ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ସ୍ପିଡ୍ ରୋଲର ସ୍କେଟିଂର ୧୪ ବର୍ଷରୁ କମ ବାଳିକା ବର୍ଗର ତିନି ଶହ ମିଟର ରେସରେ ତୃତୀୟ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିଛନ୍ତି । ପୂର୍ବରୁ ମଧ୍ୟ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ସ୍କେଟର ଅନ୍ୱେଷା ରୌପ୍ୟ ପଦକ ହାସଲ କରିଥିଲେ । ଏହି ପ୍ରତିଯୋଗୀତାରେ ବ୍ରୋଞ୍ଜ ମେଡାଲ ପାଇବା ପରେ ସେ ଜାତୀୟ ସ୍ତରରେ ଦ୍ୱିତୀୟ ମେଡାଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ସ୍କେଟର ଅନ୍ୱେଷା ବ୍ରହ୍ମପୁର ସିଲକି ରୋଲର ସ୍କେଟିଂ ଏକାଡେମୀର କୋଚ୍ ଶ୍ରୀମନ୍ତ ପାଢ଼ୀଙ୍କ ଠାରୁ କୋଚିଂ ନେଇ ପ୍ରତିଯୋଗୀତା ପାଇଁ ପ୍ରସ୍ତୁତି କରିଥିଲେ । ସେପଟେ ଡିଏଭି ପବ୍ଲିକ୍ ସ୍କୁଲର ଖେଳ ଶିକ୍ଷକ ଭିନସେଣ୍ଟ ଦାଶ , ମାନସ ପଣ୍ଡା ଓ ଖେଳ ଶିକ୍ଷୟତ୍ରୀ ଅଲ୍ପନା ପଟ୍ଟନାୟକଙ୍କ ତତ୍ୱାବଧାନରେ ସ୍କେଟର ଅନ୍ୱେଷା ଏହି ପ୍ରିତଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ସଫଳତା ପାଇବା ପରେ ସିଲକି ରୋଲର ସ୍କେଟିଂ ଏକାଡେମୀର ସ୍କେଟର ମାନେ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଅନ୍ୱଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଡ଼ାକ୍ତରଖାନାରୁ ଫେରୁଛନ୍ତି ରୋଗୀ



**ନାଉଗାଁ,୪।୧୨(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ମଧରେ ହୋମିଓପାଥିକ ସ୍ୱାସ୍ଥ୍ୟ ସେବା ପାଇଁ ଦୁଇଟି ଚିକିତ୍ସାଳୟ ରହିଛି । ଏଥି ମଧରେ ଅଲଣା ପଞ୍ଚାୟତର ଅଲଣାହାଟ ଠାରେ ଏବଂ ଅନ୍ୟଟି ଜାମୁଗାଁ ପଞ୍ଚାୟତ କଣ୍ଟୁଣିଆ ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ ରହିଛି। ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାଏହି ଅଞ୍ଚଳର ଜନସାଧାରଣ ଓ ରୋଗୀ ମାନେ ଏବେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଚିକିତ୍ସାଳୟ ମଧ୍ୟରୁ କଣ୍ଟୁଣିଆ ହୋମିଓପାଥିକ ଚିକିତ୍ସା କେନ୍ଦ୍ରକୁ ଆସୁଥିବା ରୋଗୀ ଡାକ୍ତରଙ୍କ ଅନୁପସ୍ଥିତ, ଆସିବାରେ ଅନିୟମିତତା ଏବଂ ଆସୁନଥିବା କାରଣରୁ ଚିକିତ୍ସାଳୟ ମୁଁହ ରୁ ଡାକ୍ତର ଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଏହି କେନ୍ଦ୍ର କୁ ପ୍ରତ୍ୟହ ଶୁକ୍ରବାର ଏବଂ ମଙ୍ଗଳବାର ଡାକ୍ତର ଚିକିତ୍ସା ପାଇଁ ଆସିବାର ବାରି ହୋଇଥିଲେ ମଧ୍ୟରେ ଅଧିକାଂଶ ସମୟରେ ଡାକ୍ତର ଆସୁନଥିବା କାରଣରୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଜନ୍ତ୍ରଣା ବଢ଼ିବାରେ ଲାଗିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଯୋଜନାରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହୋମିଓ ପ୍ୟାଥିକ ଚିକିତ୍ସାଳୟ କରାଯାଇଥିଲା କିନ୍ତୁ ଏଠି ସମ୍ପୂର୍ଣ ସ୍ଥିତି ଓଲଟା ଦେଖିବାକୁ ମିଳିଛି ।

### ବୁଢ଼ାବଳଙ୍ଗ ନଦୀରେ ପଡ଼ି ବୃଦ୍ଧ ମୃତ

**ବାଲେଶ୍ୱର,୪।୧୨(ସଂଚାର ବ୍ୟୁରୋ):** ରେମୁଣା ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ତାଳମେଡି ଗ୍ରାମର ବୃଦ୍ଧ କାଶୀନାଥ ସାମଲ(୬୨) ବୁଢ଼ାବଳଙ୍ଗ ନଦୀରେ ପଡ଼ି ମୃତ୍ୟୁ ହୋଇଛି। ପାଳରୁ କାମ ସାରି ବୃଦ୍ଧ କାଶୀନାଥ ଗୋରୁ ପାଇଁ ଘାସ ନେଇ ବୁଢ଼ାବଳଙ୍ଗ ନଦୀ ପାରି ହେଉଥିବା ବେଳେ ନଦୀରେପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନେଇଥିଲେ। ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ରେମୁଣା ଥାନାରେ ଏକ ମାମଲା ରୁଜୁ ହୋଇ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି।

# ଶ୍ରୀଜିଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

**ପୁରୀ,୪।୧୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୂର୍ବାହ୍ନରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିରକୁ ଯାଇ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଓ ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଚାଲି ଚାଲି ଯାଇ ଶ୍ରୀଜିଉଙ୍କ ଆଶୀର୍ବାଦ ନେଇଛନ୍ତି।

ଆଜି ଭୁବନେଶ୍ୱର ବିମାନବନ୍ଦରରୁ ବାୟୁ ସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ପୁରୀ ଯାଇ ଦିନ ପ୍ରାୟ ୧୦ଟାରେ ପୁରୀରେ ଅବତରଣ କରିଥିଲେ ରାଷ୍ଟ୍ରପତି। ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ସେ କଡ଼ା ସୁରକ୍ଷା ବଳୟରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ହଠାତ୍ ରାଷ୍ଟ୍ରପତି ସୁରକ୍ଷା ପ୍ରୋଟୋକଲ ଭାଙ୍ଗି ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ କାରରୁ ଓହ୍ଲାଇଥିଲେ। ବଡ଼ଦାଣ୍ଡରେ ପହଞ୍ଚିବା ପରେ ଆତ୍ମ ବିଭୋର ହୋଇ ପଡ଼ିଥିଲେ ଦେଶର ପ୍ରଥମ ନାଗରିକ। ପରେ ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ଅରୁଣ ସ୍ତମ୍ଭକୁ ସ୍ପର୍ଶ କରି ନମସ୍କାର କରିଥିଲେ ରାଷ୍ଟ୍ରପତି।

ରାଷ୍ଟ୍ରପତିଙ୍କ ସ୍ୱାଗତ ନିମନ୍ତେ ସିଂହଦ୍ୱାର ନିକଟରେ ଗଜପତି ମହାରାଜ, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ, ପରିଚାଳନା କମିଟି ସଦସ୍ୟ, କୌଳିକ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବହୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ଗଜପତି ମହାରାଜା ପୁଷ୍ପଗୁଚ୍ଛ ଦେଇ ରାଷ୍ଟ୍ରପତି ମୁର୍ମୁଙ୍କ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ପ୍ରଥମେ କାଶୀ ବିଶ୍ୱନାଥଙ୍କ ଦର୍ଶନ କରିଥିଲେ। ପରେ ୨୨ ପାହାଚ ଦେଇ ଗରୁଡ଼ ସମ୍ମୁଖରେ ମୁକ୍ତିଆ ମାରି ଭିତରକୁ ପ୍ରବେଶ କରିଥିଲେ। ପରେ ଭିତରେ କାଠ ନିକଟରୁ ଶ୍ରୀଜିଉଙ୍କୁ ଦର୍ଶନ କରିବା ସହ ଆଳତି ଦର୍ଶନ କରିଥିଲେ ରାଷ୍ଟ୍ରପତି। ଏହାପରେ ବ୍ରାହ୍ମଣ ମହାସଭାରେ ଆଶୀର୍ବାଦ ନେଇ ମା' ବିମଳାଙ୍କୁ



ଦର୍ଶନ କରିଥିଲେ। ମା' ବିମଳାଙ୍କ ମନ୍ଦିରରେ କିଛି ସମୟ ବସିବା ପରେ ମା' ଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସେଠାରେ କିଛି ସମୟ ବସିବା ପରେ ପରେ ଫେରିଥିଲେ ରାଷ୍ଟ୍ରପତି।

ମହାପ୍ରଭୁଙ୍କ ଦର୍ଶନ କରି ଫେରିବା ପରେ ଗୋପବନ୍ଧୁ ଆୟୁର୍ବେଦ କଲେଜର ୭୫ତମ ପ୍ରତିଷ୍ଠା ଦିବସ ଓ ହୀରକ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ।

## ପଣସ ଚାଷକୁ ପ୍ରୋତ୍ସାହନ

**ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଡେରାସ ଠାରେ ଥିବା ଉଦ୍ୟାନ କୃଷିର ଉତ୍କର୍ଷ କେନ୍ଦ୍ରରେ ୩୦ ନଭେମ୍ବର ଓ ଡିସେମ୍ବର ୧ ତାରିଖରେ ଓଡ଼ିଶା ଜ୍ୟାକଫ୍ରୁଟ ମିଶନ ଅଧୀନରେ ଦୁଇ ଦିନିଆ ତାଲିମ କର୍ମଶାଳା ଆୟୋଜନ କରାଯାଇଥିଲା। ରାଜ୍ୟରେ ଥିବା ତିନିଗୋଟି ଟେକ୍ନୋଲୋଜି ଇନକ୍ୟୁବେସନ କେନ୍ଦ୍ର କୋରାପୁଟ, କନ୍ଧମାଳ ଓ କେଉଁଝରର ପ୍ରତିନିଧି, ବିଭାଗୀୟ ଅଧିକାରୀ, ଓରମାସ, ଆଇସିଏଆର- ସିଏଚଇଏସ ଏବଂ ପାଲାଡିୟମର ଅଧିକାରୀବୃନ୍ଦ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ କେରଳର ଶିଳ୍ପ ବିଶେଷଜ୍ଞ ଏବଂ ମାଷ୍ଟର ଟ୍ରେନର ମାନେ କଞ୍ଚା ପଣସରୁ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ ତିଆରି କରିବା ଶିଖାଇଥିଲେ। ଏତଦ୍ ବ୍ୟତୀତ, ଆର୍ଟକାର୍ପସ ଫୁଡ୍ସ ପ୍ରାଇଭେଟ ଲିମିଟେଡ୍ ଓ ନ୍ୟୁଟ୍ରିଟିଭୋ ଫୁଡ ପ୍ରଡକ୍ଟସ ନାମକ ଦୁଇଟି କମ୍ପାନୀ ସହ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିଲେ। ଏହି ସହଭାଗୀତା ତାଲିମ ପ୍ରଦାନ କରିବା ସହିତ ଉତ୍ପାଦର ବଜାରୀକରଣ ସୁଯୋଗ ଏବଂ ପଣସ ଚାଷକୁ ପ୍ରୋତ୍ସାହିତ କରିବ।




ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ୨ କମ୍ପାନୀ ସହ ଏମ୍‌ଓୟୁ

## ହୀରାକୁଦ ଓ ସାତକୋଶିଆରେ ପର୍ଯ୍ୟଟନ ବିକାଶ ପାଇଁ ୨୦୦ କୋଟି





**ନୂଆଦିଲ୍ଲୀ,୪।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଏବଂ ହୀରାକୁଦ ନଦୀବନ୍ଧ ଅଞ୍ଚଳରେ ପ୍ରାକୃତିକ ପର୍ଯ୍ୟଟନ ବିକାଶ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମନ୍ତ୍ରଣାଳୟର ଲକ୍ଷ୍ୟସ୍ଥଳୀ ବିକାଶ ଡିଭିଜନ ପକ୍ଷରୁ ସରକାରୀ ଘରୋଇ ଭାଗିଦାରୀରେ ମଧ୍ୟ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ଯାହାଦ୍ୱାରା ଦୀର୍ଘସ୍ଥାୟୀ ପର୍ଯ୍ୟଟନ ବିକାଶ ସହିତ ସ୍ଥାନୀୟ ଅର୍ଥବ୍ୟବସ୍ଥା ସମୃଦ୍ଧି ହେବ। ସାତକୋଶିଆରେ ୯୯.୯୯ କୋଟି ଟଙ୍କାର ବ୍ୟୟବରାଦ ସହିତ ପରିକଳ୍ପିତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଏକ ବ୍ୟାପକ ଇକୋ ଟୁରିଜିମ୍ ବ୍ୟବସ୍ଥା ବିକଶିତ କରିବା ଯାହା ଏହି ଅଞ୍ଚଳର ସମୃଦ୍ଧ ଜୈବ ବିବିଧତା ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ସହିତ ସାମଗ୍ରିକ ପର୍ଯ୍ୟଟକଙ୍କ ଅଭିଜ୍ଞତାରେ ସୁଧାର ଆଣିବ। ବିଭିନ୍ନ ଭିତ୍ତିଭୂମି ଏବଂ ସେବାକୁ ବିସ୍ତାର କରି, ଏହି ପ୍ରକଳ୍ପ ଅନେକ ପ୍ରମୁଖ ଆହ୍ୱାନର ମୁକାବିଲା କରିବା ସହ ସାତକୋଶିଆକୁ ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବରେ ପ୍ରତିଷ୍ଠା କରିବା ପାଇଁ ଅନନ୍ୟ ସମ୍ଭାବନା ପ୍ରଦାନ କରିଥାଏ । ସାତକୋଶିଆରେ ପରିକଳ୍ପିତ ପ୍ରକଳ୍ପ ପଛରେ ଥିବା ଉଦ୍ଦେଶ୍ୟ ହେଉଛି, ପର୍ଯ୍ୟଟକଙ୍କ ଅଭିଜ୍ଞତାକୁ ବଢ଼ାଇବା ସହିତ ଦୀର୍ଘସ୍ଥାୟିତ୍ୱ ଏବଂ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା । ବିଭିନ୍ନ ସୁବିଧାର ଉନ୍ନତିକରଣ ଏବଂ ବିବିଧ କାର୍ଯ୍ୟକଳାପ ଆରମ୍ଭ କରି, ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏକ ସ୍ୱାଗତଯୋଗ୍ୟ ପରିବେଶ ସୃଷ୍ଟି କରିବା। ଏଠାରେ ପରିବେଶ ଅନୁକୂଳ ଆବାସ, ଦୁଃସାହସିକ କ୍ରୀଡ଼ା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପଦକ୍ଷେପ ଭଳି ପ୍ରମୁଖ ବୈଶିଷ୍ଟ୍ୟ କେବଳ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ନାହିଁ ବରଂ ଅଧିକ ସମୟ ରହିବାକୁ ପ୍ରୋତ୍ସାହିତ କରିବ, ଯାହା ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ ।

## କଟକରେ ମଶାକାମୁଡ଼ାରୁ ତ୍ରାହି ନାହିଁ



**କଟକ,୪।୧୨ (ସଂଚାର ବ୍ୟୁରୋ):** ସହରରେ ଏବେ ମଶାଙ୍କ ଉପଦ୍ରବ ଏତେ ମାତ୍ରରେ ବଢ଼ିଯାଇଛି ଯେ ଆପଣ ସଖାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଶାଙ୍କ ଠାରୁ ନିସ୍ତାର ପାଇବେ ନାହଁ। ଦିନ ଦିପହରେ ବିନା ମସାରିରେ ଲୋକେ ଘରେ ମଧ୍ୟ ଶୋଇ ପାରୁନାହାନ୍ତି। ରାସ୍ତାରେ ସନ୍ଧ୍ୟା ବେଳେ କୌଣସି ସ୍ଥାନରେ ଠିଆ ହୋଇ କଥା ହେବା ମୁସ୍କିଲ ହୋଇପଡୁଛି। କଥା ହେଲେମଶା ପାଟିରେ ପସିଯାଉଛନ୍ତି।

କଟକର ପ୍ରତ୍ୟକ ଡ୍ରେନରୁ ଠିକ ସମୟରେ ପଙ୍କ ଉଦ୍ଧାର କରାଯାଇ ନ ଥିବାରୁ ମଶାଙ୍କ ବଂଶବୃଦ୍ଧି ହେବାର ଏହା ହେଉଛି ମୁଖ୍ୟ କାରଣ। ଆଜି ଏହି ପ୍ରସଙ୍ଗରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଏକ ଯୁବ ପ୍ରତିନିଧି ଦଳ କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ମହାନଗର ନିଗମ ଆନୁକୂଲ୍ୟରେ ମଶା ତେଲ ମଶା ଧୂଆଁ ଦିନକୁ ଦୁଇ ଥର ସହରରେ ପକାଇବା ସହିତ ସମସ୍ତ ଡ୍ରେନର ସ୍ଲାବ ଉଠାଇ ସମ୍ପୂର୍ଣ୍ଣ ସଫେଇ ନିମନ୍ତେ ଆଲୋଚନା କରିଥିଲେ। ଏହି ସମୟରେ ବିଜେପି ଯୁବ ନେତା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଯୁବ ନେତା ଜ୍ୟୋତିପ୍ରକାଶ ରାୟ, ସମାଜସେବୀ ଶରତ ସାମଲ, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, କେଶବ କୁଣ୍ଡୁ, ରାମ ଛାପୋଲିଆ, ସୁଶାନ୍ତ ମହାରଣା, ତପନ ବେହେରା, ରାଜେଶ ମହାରଣା, ଯତୀନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ପାଳିତ

**କଟକ,୪।୧୨ (ସଂଚାର ବ୍ୟୁରୋ):** ପରିବାର ପାଇଁ ସନ୍ତାନଟିଏ ଯେପରି ଆବଶ୍ୟକ, ସନ୍ତାନ ପାଇଁ ମଧ୍ୟ ପରିବାରଟିଏ ସେଭଳି ଅପରିହାର୍ଯ୍ୟ । ଦୁନିଆରେ ଏଭଳି ପିତା ମାତା ଅଛନ୍ତି ଯେଉଁମାନେ ସନ୍ତାନନର ସୁଖ ପାଇପାରିନାହାନ୍ତି ଏବଂ ଏଭଳି ସନ୍ତାନସନ୍ତତି ଯେଉଁମାନଙ୍କୁ ପରିବାରଟିଏ ମିଳିପାରୁନାହିଁ। ନିଃସନ୍ତାନ ଦମ୍ପତି ହୁଅନ୍ତୁ କିମ୍ବା ସ୍ୱେଚ୍ଛାକୃତ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ଉପଲକ୍ଷେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନ୍ୟାୟିକ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏକ ମହତ୍ ଉଦ୍ଦେଶ୍ୟ ରଖି ସମାଜର ସବୁ ବର୍ଗର ଲୋକେ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ଯଦି କୌଣସି କାରଣରୁ ପାଠପଢ଼ାରୁ ବ୍ୟାହତ ହୁଅନ୍ତି ସେମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ଏବଂ ଯଦି କୌଣସି ପିଲାର ପାରିବାରିକ କଳହ କାରଣରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ତେବେ ସେ ବାଳାଶ୍ରମରେ ରହି ପାଠ ପଢ଼ିପାରିବ ବୋଲି ସେ କହିଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ ମାଧ୍ୟମରେ କିଭଳି ଅଧିକରୁ ଅଧିକ ବଡ଼ ପିଲାମାନେ ପରିବାରରେ ପ୍ରତିପାଳିତ ହୋଇପାରିବ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ପ୍ରତିପାଳନ ବ୍ୟବସ୍ଥାରେ ପିଲାଙ୍କୁ ଥଇଥାନ କରାଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାରେ ସମନ୍ତେ କରିବା ହେଉଛି ଚଳିତ ବର୍ଷର ପ୍ରସଙ୍ଗ। ଏଣୁ ଅଧିକରୁ ଅଧିକ ଜନସାଧାରଣ ଏହି ବ୍ୟବସ୍ଥାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି କର୍ମଶାଳାରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା କେତେକ ପିତାମାତା ଓ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆଗ୍ରହୀ ଥିବା କେତେକ ପିତାମାତା ଅଂଶଗ୍ରହଣ କରି ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ସମ୍ପର୍କିତ ଏକ ଲିଫଲେଟ ଉନ୍ମୋଚନ କରିଥିଲେ ।



## ଅନ୍ଧମୂକ ବଧିର ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**କଟକ, ୪।୧୨(ସଞ୍ଚାର ବ୍ୟୁରୋ):** ବିଶ୍ୱ ଭିନ୍ନକ୍ଷମ ଦିବସରେ କଟକ ସଦର ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ୪୨ ମୌଜା ବହଳପଡ଼ା ଗ୍ରାମରେ ଥିବା ଅନ୍ଧମୂକ ବଧିର ବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସରୋଜ ଚୌଧୁରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ବିସ୍କୁଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ସମାଜସେବୀ ଇଂ.ଅଶୋକ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରୁଦ୍ର ନାରାୟଣ ଦାସ ସଭା ପରିଚାଳନା କରିଥିଲେ। ବେଣ୍ଟକର ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ନାରୀନେତ୍ରୀ ସମାଜସେବୀ ସୁମିତା ଦେବତା, ଉପଦେଷ୍ଟା ବିଷ୍ଣୁ ଚରଣ ଦେବତା, ସମିତି ସଭ୍ୟ ବିନୋଦ ବିହାରୀ ବେହେରା, ଶିକ୍ଷକ ରତ୍ନ ଅଭୟ କୁମାର ଦାସ, ଶିକ୍ଷକ ସନ୍ତୋଷ ଭୋଇ, ରମେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ପ୍ରଭାତ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ବିଦ୍ୟୁତ୍ ବିତରଣ କମ୍ପାନୀ ଉପରେ ୬୫୮୭ କୋଟି ଟଙ୍କା ବାକି

**ଭୁବନେଶ୍ୱର,୪।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ଚାରୋଟି ବିଦ୍ୟୁତ ବିତରଣ କମ୍ପାନୀ (ଡିସକମ୍) ଉପରେ ଓଡ଼ିଶା ସରକାରଙ୍କ ୬,୫୮୭ କୋଟି ଟଙ୍କା ବକେୟା ରହିଛି। ଶକ୍ତି ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ସିଂଦେଓ କହିଛନ୍ତି ଯେ ଏହି ଚାରୋଟି କମ୍ପାନୀ ମଧ୍ୟରେ ସେସୁ ସର୍ବାଧିକ ୨,୬୫୧ କୋଟି ଟଙ୍କା ବକେୟା ରଖିଛି। ନେସ୍କୋ ଉପରେ ୯୫୧ କୋଟି, ୱେସ୍କୋ ଉପରେ ୧,୬୬୭ କୋଟି ଏବଂ ସାଉଥକୋ ଉପରେ ୧,୩୦୦ କୋଟି ଟଙ୍କା ବକେୟା ରହିଛି। ଏ ସମସ୍ତ କମ୍ପାନୀ ଟାଟା ପାୱାର ଅଧୀନରେ ଆସୁଛନ୍ତି। ଯାହା ବର୍ତ୍ତମାନ ସେସୁ ପରିବର୍ତ୍ତନ ହୋଇ ଟିପିସିଓଡିଏଲ ଭାବେ, ନେସ୍କୋ ପରିବର୍ତ୍ତନ ହୋଇ ଟିପିଏନଓଡିଏଲ, ୱେସ୍କୋ ପରିବର୍ତ୍ତନ ହୋଇ ଟିପିଡବ୍ଲ୍ୟୁଓଡିଏଲ ଏବଂ ସାଉଥକୋ ପରିବର୍ତ୍ତନ ହୋଇ ଟିପିଏସଓଡିଏଲ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏ ସମସ୍ତ ବକେୟା ପ୍ରଦାନ କରିବା ଲାଗି ଗ୍ରୀଡକୋ ଟାଟା ପାୱାରର ନୂତନ ମ୍ୟାନେଜମେଣ୍ଟ ସହିତ କାର୍ଯ୍ୟ କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ତଥ୍ୟ ଏଭଳି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ ବକେୟା ପ୍ରଦାନ ନ କରିବା ଫଳରେ କମ୍ପାନୀ ଦ୍ୱାରା ଲାଇନ୍ କାଟିବା ପରେ ଲୋକମାନେ ଆନ୍ଦୋଳନ କରୁଛନ୍ତି। ସୂଚନାଯୋଗ୍ୟ ଟାଟା ପାୱାର ଓଡ଼ିଶାରେ ଚାରି ବର୍ଷ ହେବ କାର୍ଯ୍ୟ କରିବା ଆରମ୍ଭ କରିଥିଲେ ମଧ୍ୟ ଏହା ପୂର୍ବରୁ ଏହି ବକେୟା ଟଙ୍କା ରହିଥିଲା। ଯାହା ପ୍ରାୟତଃ ବଢ଼ିଚାଲିଛି। ଆଗକୁ ଏପରି ସ୍ଥିତି ଲାଗି ରହିଲେ ଟଙ୍କା ଫେରିବା ଆଶା ଶୁନ।



## ବିଧାନସଭା ଖବର

### ● ୫ ଲକ୍ଷ କୁକୁର କାମୁଡ଼ାର ଶିକାର

ରାଜ୍ୟରେ ଦୁଇ ବର୍ଷରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ରାସ୍ତାରେ ୧୭ ଲକ୍ଷ କୁକୁର ବୁଲୁଛନ୍ତି ବୋଲି ବିଧାନସଭାରେ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ୮ ଟି ସହରାଞ୍ଚଳରେ ୪ ହଜାର ୬୦୫ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି। ଚଳିତ ବର୍ଷ ଅର୍ଥାତ ଏଇ ୧୦ ମାସ ରେ ୨ ଲକ୍ଷ ୪୩ ହଜାର ୫୬୫ ଜଣ ଲୋକ କୁକୁର କାମୁଡ଼ା ରେ ଶିକାର ହୋଇଛନ୍ତି। ସେହିପରି ଗତବର୍ଷ ୨ ଲକ୍ଷ ୬୦ ହଜାର ଲୋକ କୁକୁର କାମୁଡ଼ାର ଶିକାର ହୋଇଥିଲେ ବୋଲି ମନ୍ତ୍ରୀ କହିଥିଲେ।

### ● ତାରାଙ୍କ ଷଣ୍ଢ ଚିନ୍ତା

ବର୍ତ୍ତମାନ ରାଜ୍ୟର ୩୦ ଟି ଜିଲ୍ଲାରେ ୨ ଲକ୍ଷ ୩୦ ହଜାର ୪୦୩ ଷଣ୍ଢ ଅଛନ୍ତି। ଉନ୍ନତମାନର ଷଣ୍ଢ ପ୍ରଜନନ ପାଇଁ ହିମିକୃତ ଶୁକ୍ର ଭଣ୍ଡାର ବ୍ୟବହାର କରାଯାଉଛି। ପୂର୍ବରୁ ରାଜ୍ୟରେ ୨ ଲକ୍ଷ ୬୩ ହଜାର ୮୫୦ ଷଣ୍ଢ ରହିଥିବା ବେଳେ ବର୍ତ୍ତମାନ ସେ ସଂଖ୍ୟା କମି ୨ ଲକ୍ଷ ୩୦ ହଜାର ୪୦୩ ରେ ପଡ଼ିଛି। ତେଣୁ ରାଜ୍ୟରେ ଷଣ୍ଢମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ କହିଛନ୍ତି। ସେ କହିଛନ୍ତି, ପ୍ରାଣୀ କଲ୍ୟାଣ ଯୋଜନା କରିବାକୁ ଯାଉଛୁ। କୁକୁର, ଷଣ୍ଢ ଚିକିତ୍ସା ପାଇଁ ବ୍ୟବସ୍ଥା ଜରାଯାଉଛି। ବୁଲା କୁକୁର ବନ୍ଧ୍ୟା କରଣ କରାଯାଉଛି। ୧୯୬୨ ହେଲ୍ପ ଲାଇନ ନଂ ଜାରି କରାଯାଇଛି। ଗୋ ପାଳନ ଓ ଗୋ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଲୋକଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଦେଶୀ ଗାଈ ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୫୨ ଲକ୍ଷ ଟଙ୍କା ୧୫୦ ଗାଈ ରଖିବା ପାଇଁ ଦିଆଯିବ। ଲୋକେ ସ୍ୱାବଲମ୍ବୀ ହେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି।

### ● ୧୪ ଜିଲ୍ଲା ଦାଦନ ପ୍ରବଣ

ବରଗଡ଼, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ସୁବର୍ଣ୍ଣପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ହେଉଛି ଦାଦନ ପ୍ରବଣ ଜିଲ୍ଲା। ୨୦୧୧ ଜନ ଗଣନା ଅନୁସାରେ ୮୮%, ୮୧%, ୯୦%, ୯୪%, ୭୨%, ୭୨%, ୬୩%, ୮୩%, ୭୭%, ୭୫%, ୮୬%, ୮୭%, ୮୮% ଓ ୯୧%ଲୋକଙ୍କୁ ଦିଆଯାଇଛି ରାସନ କାର୍ଡ। ବିଧାନସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

### ● ବିଧାନସଭାରେ ଆମ୍ବ ଟାକୁଆ ମୃତ୍ୟୁ ପ୍ରସଙ୍ଗ

ବିଧାନସଭାରେ ଉଠିଲା ଦାରିଙ୍ଗିବାଡି ବ୍ଲକ ମାଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ କରିବା ପ୍ରସଙ୍ଗ। ଏନେଇ ଆଜି ବିଧାନସଭାରେ ବିସ୍ତୃତ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଜେଡି ବିଧାୟକ ରମାକାନ୍ତ ଭୋଇ ପଚାରିଥିଲେ, ମାଣ୍ଡିପଙ୍କା ଗାଁରେ ରାସନ ହିତାଧିକାରୀଙ୍କ ଇ-ଭେରିଫିକେସନ କେବେ ଆରମ୍ଭ ହେଇଥିଲା, ଆଉ କେବେ ଶେଷ ହେଇଥିଲା। ଏହାସହ ସେମାନଙ୍କୁ କେବେ ରାସନ୍ ଦିଆଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।ଏହାର ଉତ୍ତର ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଥିଲେ, ଗତ ସେପ୍ଟେମ୍ବର ୨୭ ତାରିଖରେ ଦାରିଙ୍ଗିବାଡି ବ୍ଲକ୍ ମାଣ୍ଡିପଙ୍କା ଗାଁରେ ରାସନ୍ ହିତାଧିକାରୀଙ୍କ ଇ-ଭେରିଫିକେସନ୍ ଆରମ୍ଭ ହେଇଥିଲା। ଯାହାକି ଏଯାଏଁ ଚାଲୁ ରହିଛି। ତେବେ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ କରିଥିବା ତିନି ଜଣଙ୍କ ନାଁ କହିବା ସହ ମୋଟ ୧୮ ଜଣ ମୃତ ବ୍ୟକ୍ତିଙ୍କ ନାଁ ଲିଷ୍ଟରୁ କଟାଯାଇଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଥିଲେ।

### ● ଦୁର୍ନୀତିରେ ଜଡ଼ିତ ସମବାୟ ସମିତି କର୍ମଚାରୀ ଓ ଅଧିକାରୀ

ସମବାୟ ସମିତିର ବହୁ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ୪୦୯ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଆସିଛି ଦୁର୍ନୀତି ଅଭିଯୋଗ। କିଛି ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ଅନେକ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଆଉ କିଛି ଅଧିକାରୀ ଙ୍କ ବିରୁଦ୍ଧରେ ବର୍ତ୍ତମାନ ବି ବିଭାଗୀୟ ତଦନ୍ତ ଓ ଭିଜିଲାନ୍ସ ତଦନ୍ତ ଜାରି ରହିଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଲେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

### ● ରାଜ୍ୟରେ ଅଧିକ ପିଆଜ ଉତ୍ପାଦନ

ରାଜ୍ୟରେ ବାର୍ଷିକ ଯେତିକି ପିଆଜ ଆବଶ୍ୟକ ତାହାଠାରୁ ଅଧିକ ପିଆଜ ଫଳୁଛି। ଆଜି ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ପିଆଜ ମିଶନ ହୋଇନାହିଁ। ତେବେ ଜାତୀୟ ନମୁନା ସର୍ବେକ୍ଷଣର ୬୮ତମ ଗଣନା ଆଧାରରେ ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶାରେ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଥିଲା।

### ● ଓବିସି ଜନଗଣନା ଦାବି

ରାଜ୍ୟରେ ଓବିସି ଜନଗଣନା, ଆଦିବାସୀ କମିସନ, ସଂଖ୍ୟାଲଘୁ କମିସନ ଗଠନ ପାଇଁ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଦାବି ରଖିଛନ୍ତି। ସେ କହିଛନ୍ତି, ଡାଟା କହୁଛି ୯୫% ଆଦିବାସୀ, ଦଳିତ ଜେଲରେ ଅଛନ୍ତି। କାରଣ ଦଣ୍ଡବିଧାନ ଠିକ ଭାବେ ହେଉନି। କର୍ପସ ଫଣ୍ଡ ଗଂନ କରାଯାଉ। ଗତ ସରକାରକୁ ଦୋଷ ଦେଲେ ହେବନି। ନିଜେ କଣ ନୂଆ କରିବ, ତାକୁ ସ୍ପଷ୍ଟ କରିବାକୁ ଶ୍ରୀ ବେହେରା ଦାବି କରିଥିଲେ। ସେ ଆହୁରି କହିଥିଲେ, ଜମି ଆବଣ୍ଟନ ବି ଠିକ ଭାବେ ହେଉନି। ଭୂମିହୀନ ଲୋକେ କେମିତି ସଶକ୍ତ ହେବେ। କିଛି ଲୋକ ପଟ୍ଟା ପାଇଛନ୍ତି। ହେଲେ ଜମି ଦଖଲ ମିଳିନି। ସେମାନଙ୍କୁ ଚିହ୍ନଟ କରି ଜମି ଦିଆଯାଉ। ଦାନା ବାତ୍ୟାରେ ରାଜନଗରରେ ୩ ମରିଛନ୍ତି। ଯଦି ସରକାର କହିବେ ଏହା ବାତ୍ୟା ଜନିତ ମୃତ୍ୟୁ ନୁହେଁ, ପୋଷ୍ଟ ମର୍ଟମ କାହିଁକି ହେଲାନି? ଏହାର ତଦନ୍ତ ହେଉ। ସରକାରଙ୍କ ସଫଳତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଉପରେ ନିର୍ଭର କରେ। ବାତ୍ୟା ପରିଚାଳନା କ୍ଷେତ୍ରରେ ନବୀନ ପଟ୍ଟନାୟକ ସରକାର ଇତିହାସ ରଚିଛନ୍ତି। ଏହାକୁ ବର୍ତ୍ତମାନର ସରକାର ସ୍ୱୀକାର କରିବାରେ ଅସୁବିଧା କଣ? ଏହାକୁ ସମୀକ୍ଷା କରି କାମ କଲେ ସୁଶାସନ ଦେଇ ପାରିବେ ରାଜ୍ୟ ସରକାର।

### ● ପେସା ଆଇନ ଆସୁ

ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ଓ ବର୍ତ୍ତମାନର ଶାସକ ଦଳ ନେତା ପେସା ଆଇନ ଆଣିବାକୁ କହିଲେ। ହେଲେ ଏ ଯାଏଁ କାହିଁକି ଲାଗୁ ହେଲାନି ବୋଲି କଂଗ୍ରେସ ବିଧାୟକ ରାଜନ ଏକା ପ୍ରଶ୍ନ କରିଛନ୍ତି। ଜବରଦସ୍ତ ଆଦିବାସୀଙ୍କ ଉପରେ ଅନ୍ୟ ଆଇନ ଲଦି ଦିଆଯାଉଛି। ଗ୍ରାମସଭାର ନିଷ୍ପତ୍ତି ଉଲଂଘନ କରାଯାଉଛି ବୋଲି ସେ କହିଥିଲେ।

## ଆଳୁ ଚାଷ ଆବଶ୍ୟକତା-ଲକ୍ଷେ ହେକ୍ଟର ଜମି

**ଭୁବନେଶ୍ୱର, ୪।୧୨:** ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବି ହେବା ପାଇଁ ଓଡ଼ିଶାରେ ବାର୍ଷିକ ଅନ୍ୟୁନ ଏକ ଲକ୍ଷ ହେକ୍ଟର ଜମିରେ ଆଳୁଚାଷ କରାଯିବାର ଆବଶ୍ୟକତା ରହିଛି। କେବଳ ସେତିକି ନୁହେଁ ଉତ୍ପାଦିତ ଆଳୁର ସଂରକ୍ଷଣ ପାଇଁ ମଧ୍ୟ ଅନ୍ତତଃ ପକ୍ଷେ ୧୦ଲକ୍ଷ ମେଟ୍ରିକ ଟନ୍ ଆଳୁ ରହିବାଭଳି ଶୀତଳଭଣ୍ଡାର ବି ଦରକାର ଅଛି ବୋଲି କୃଷି ବିଶେଷଜ୍ଞମାନେ କହୁଛନ୍ତି।

ଏବେ ଓଡ଼ିଶା ପାଇଁ ବାର୍ଷିକ ପ୍ରାୟ ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଦରକାର ହେଉଛି। ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ହେବା ବେଳକୁ ଓଡ଼ିଶାର ବାର୍ଷିକ ଆଳୁ ଚାହିଦା ୨୦ଲକ୍ଷ ମେଟ୍ରିକ ଟନ୍‌କୁ ଟପି ସାରିଥିବ। ଏବେ ରାଜ୍ୟରେ ପାଖପାଖି ୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦିତ ହେଉଥିବା ସରକାରୀ ରେକର୍ଡ କହୁଛି। କିନ୍ତୁ ବାସ୍ତବରେ ଖାତା ଆଳୁ ଓ କ୍ଷେତ ଆଳୁ ଉତ୍ପାଦନରେ ତଫାତ କେତେ ତାହାର ନିର୍ଦ୍ଦିଷ୍ଟ ହିସାବ କାହା ପାଖରେ ନାହିଁ। ଆଳୁ ପାଇଁ ଓଡ଼ିଶା ମୁଖ୍ୟତଃ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଛି। ମଝିରେ ମଝିରେ ପଶ୍ଚିମବଙ୍ଗ ସରକାର ଆଳୁ ଚାଲାଣ ଉପରେ କଟକଣା ଲଗାଇ ଦେଉଥିବାରୁ ଓଡ଼ିଶାର ଆଳୁ ବଜାରରେ ନିଆଁ ଲାଗିଯାଉଛି। ଉତ୍ପାଦନ ଋତୁରେ ଓଡ଼ିଶାର ଯେଉଁ ଚାଷୀମାନେ ବେପାରୀମାନଙ୍କୁ ଯାଜି ଗୁଞ୍ଜି କିଲୋ ୪/୫ ଟଙ୍କାରେ ବିକିଥିଲେ ସେମାନେ ଏବେ ଘରେ ଖାଇବାପାଇଁ ଆଳୁ କିଲୋ ୪୦ରୁ ୫୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି। କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ଆଳୁ ଉତ୍ପାଦନ ପାଇଁ ଓଡ଼ିଶାର ମାଟି ଓ ଜଳବାୟୁ ବେଶ୍ ଅନୁକୂଳ। ଯୋଜନାବଦ୍ଧ ଭାବରେ ଆଳୁ ଚାଷ କରାଗଲେ ରାଜ୍ୟର ୩ଲକ୍ଷରୁ ଅଧିକ ହେକ୍ଟର ଜମିରେ ଏହା ଫଳାଯାଇ ପାରିବ ଏବଂ ଓଡ଼ିଶା ଏ କ୍ଷେତ୍ରରେ ସ୍ୱାବଲମ୍ବି ହେବା ସହିତ ଅନ୍ୟ ରାଜ୍ୟକୁ ମଧ୍ୟ ଆଳୁ ରପ୍ତାନି କରି ବେଶ୍ ଲାଭବାନ୍ ହୋଇପାରିବ। ନିଅଣ୍ଟିଆ ଚାହିଦା ମେଣ୍ଟାଇବାପାଇଁ ପଶ୍ଚିମବଙ୍ଗ ଛଡା ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଓଡ଼ିଶା ଆଳୁ ଆମଦାନୀ କରୁଛି। ତେବେ ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଅଣାଯାଉଥିବା ଆଳୁର ମୂଲ୍ୟ ଅଧିକ ରହିବା ସହିତ ଖାଉଟିମାନଙ୍କ ମଧ୍ୟରେ ଏହା ଆଦୃତ ହେଉନଥିବାରୁ ପଶ୍ଚିମବଙ୍ଗର ଆଳୁ ଉପରେ ଓଡ଼ିଶା ବିଶେଷ ନିର୍ଭରଶୀଳ। ଅତୀତରେ ଆଳୁ ଚାଷର ବିକାଶ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବ୍ୟାପକ ଗବେଷଣା କରୁଥିଲା। ଏମିତିକି ନଈ ପଠାରେ ଆଳୁଚାଷ ଯୋଜନା ମଧ୍ୟ ବିଶେଷ ସଫଳ ହୋଇଥିଲା। ତେବେ ପ୍ରଶାସନିକ ଓ ରାଜନୈତିକ ପୃଷ୍ଠପୋଷକତା ଅଭାବରୁ ଏହି କାର୍ଯ୍ୟକ୍ରମ ଆଗେଇ ପାରିନଥିଲା। ପରବର୍ତ୍ତୀ ସମୟରେ ୨୦୧୫-୧୬ ବର୍ଷରେ ଓଡ଼ିଶା ସରକାର ଆଳୁ ମିଶନ ଗଠନ କରିଥିଲେ। ୨୦୧୫-୧୬ ବର୍ଷରେ ରାଜ୍ୟରେ ୩୦ହଜାର ହେକ୍ଟରରେ ଆଳୁ ଚାଷ କରି ୨୦୧୭-୧୮ ବେଳକୁ ଏହାର ପରିମାଣ ୬୦ହଜାର ହେକ୍ଟରକୁ ବଢ଼ାଇ ଅନ୍ୟୁନ ୧୦ଲକ୍ଷ ଟନ୍ ଆଳୁ ଉତ୍ପାଦନ କରିବାକୁ ଲକ୍ଷ୍ୟ ରହିଥିଲା। ଏଥିପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବ୍ୟାପକ ଆର୍ଥିକ ସହାୟତା ବି ମିଳିଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁଁ ଆଳୁ ମିଶନ ଶହେରୁ ଶହେ ନମ୍ବର ପାଇବା ପରିବର୍ତ୍ତେ 'ଆଳୁ' ପାଇ ଏକ ପ୍ରକାର ଅକୃତକାର୍ଯ୍ୟ ହୋଇଥିଲା। ରାଜ୍ୟରେ ଯେତେ ସମବାୟ ଶୀତଳଭଣ୍ଡାର ଥିଲା ସେଥିରୁ ଅଧିକାଂଶ ପରିଚାଳନାଗତ ତ୍ରୁଟି, ବିଦ୍ୟୁତ୍ ସଙ୍କଟ ଆଧୁନିକୀକରଣରେ ମନ୍ଥରତା ଏବଂ ସର୍ବୋପରି ମାତ୍ରାଧିକ ପରିମାଣର ବିଦ୍ୟୁତ୍ ବିଲ୍ ଯୋଗୁଁ ଚଳାଇବା ସମ୍ଭବପର ହେଲାନାହିଁ। ସଂରକ୍ଷଣର ସୁବିଧା ନଥିବାରୁ ଚାଷୀମାନେ ଆଳୁ ଚାଷରୁ ମୁହଁ ଫେରାଇ ନେଉଥିବାବେଳେ ଏ ସଂକ୍ରାନ୍ତୀୟ ଗବେଷଣା କାର୍ଯ୍ୟ ଆଗେଇ ନେବାପାଇଁ ଏବେ କୃଷି ମହାବିଦ୍ୟାଳୟରେ ସମସ୍ତ ପ୍ରଫେସର ପଦବୀ ଖାଲିପଡ଼ିବା ବାଧକ ସାଜିଥିବା କୁହାଯାଉଛି।(ତଥ୍ୟ)



## ଛାତ ଭୁଶୁଡ଼ି ନାବାଳକ ମୃତ

**ନବରଙ୍ଗପୁର, ୪।୧୨ (ସଂଚାର ବ୍ୟୁରୋ):** ପରିତ୍ୟକ୍ତ ଘରର ଝରକା ତାଡୁଥିବା ବେଳେ ଭୁଶୁଡି ପଡ଼ିଲା ଛାତ। ସେହି ଛାତ ତଳେ ଚାପି ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ବୁଧବାର ଏପରି ହୃଦୟବିଦାରକ ଘଟଣା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ଘଟିଛି। ଡାବୁଗାଁ ସଦର ହାଟପଦା ସାହିଠାରୁ ଅଳ୍ପ ଦୂରରେ ରହିଛି ଏକ ମୋବାଇଲ୍ ଟାୱାର୍। ସେହି ମୋବାଇଲ ଟାୱାର୍ ପାଖରେ ଥିବା ବିଶ୍ରାମ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା। ମୋବାଇଲ୍ ଟାୱାର୍ କାର୍ଯ୍ୟକ୍ଷମ ନ ଥିବାରୁ ବିଶ୍ରାମ ଗୃହରେ କେହି ରହୁ ନ ଥିଲେ। ଆଜି ସକାଳେ ହାଟପଦା ସାହିର ମହେଶ ଗୌଡ଼ ଓ ଉମା ଜାନୀ ନାମକ ଦୁଇ ନାବାଳକ କୁଆଡ଼େ ମୋବାଇଲ୍ ଟାୱାର୍ ବିଶ୍ରାମ ଗୃହ ଝରକା ଭାଙ୍ଗି ରଡ୍ ବାହାର କରୁଥିଲେ। ହେଲେ ଅସାବଧାନତା ଯୋଗୁ ମୋବାଇଲ ଟାୱାର୍ ବିଶ୍ରାମ ଗୃହ ଛାଡ଼ ଭୁଶୁଡ଼ି ପଡ଼ିଥିଲା। ଛାତ ତଳେ ଦୁଇ ନାବାଳକ ଚାପି ହୋଇଯାଇଥିଲେ। ଭୁଶୁଡିବା ଶବ୍ଦ ଓ ଦୁଇ ନାବାଳକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାକୁ ଯାଇ ଘଟଣା ଦେଖିଥିଲେ। ଏନେଇ ଡାବୁଗାଁ ଅଗ୍ନିଶମ ବିଭାଗ ଓ ପୁଲିସ୍‌କୁ ଖବର ଦେଇଥିଲେ। ଗାଁ ଲୋକଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀମାନେ କଂକ୍ରିଟ୍ ଛାତ ତଳୁ ମହେଶ ଗୌଡ଼ ଓ ଉମା ଜାନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ଡାବୁଗାଁ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ମହେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉମାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଡାବୁଗାଁ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଠାଇ ଦେଇଛି। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା, ତାହା ଉପରେ ପୁଲିସ୍ ତଦନ୍ତ ଚଳାଇଛି।

ଜୀବନ ଅମୃତ ଅନୁଚିନ୍ତା

ଅମରତ୍ୱ ପ୍ରାପ୍ତି- ମନୁଷ୍ୟର ଶରୀର କାଳର କରାୟତ୍ତ ହେବା ସୁନିଶ୍ଚିତ। ଏହା ପ୍ରକୃତିର ନିୟମ। କିନ୍ତୁ ମନୁଷ୍ୟର କର୍ମ ଚିର କାଳ ପାଇଁ ତା'ର ପରିଚୟକୁ ବଜାୟ ରଖିଥାଏ। ସତ କର୍ମ ହିଁ ମନୁଷ୍ୟକୁ ଅମରତ୍ୱ ପ୍ରଦାନ କରିଥାଏ।

SANCHAR
ସଂଚାର

୪ ଗୁରୁବାର ୫ ଡିସେମ୍ବର ୨୦୨୪, ଭୁବନେଶ୍ୱର
Thursday 5 December 2024 Bhubaneswar

# ପଡ଼ୋଶୀ ଦେଶରେ ଅରାଜକତା

ଶେଖ ହାସିନା ଦେଶ ଛାଡ଼ି ପଳାୟନ କରିବା ପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି। ଦେଶର ଶାସନ ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ମୌଳବାଦୀଙ୍କ ହାତକୁ ଚାଲିଯାଇଛି। ସେମାନେ ଦେଶର ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରୁଛନ୍ତି। ଅନେକ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଅନେକ ମନ୍ଦିର ଉପରେ ଆକ୍ରମଣ ହେଉଛି। ଅବଶ୍ୟ ବାଂଲାଦେଶରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଏକ ନୂଆ ଘଟଣା ନୁହେଁ। ସେଠାରେ ହିନ୍ଦୁମାନଙ୍କୁ ବରାବର ଟାର୍ଗେଟ କରାଯାଉଥାଏ। ଏବେ ବାଂଲାଦେଶର ହିନ୍ଦୁ ନାଗରିକମାନଙ୍କୁ ଆକ୍ରମଣ ଏବଂ ଅତ୍ୟାଚାରିତ କରାଯାଉଛି। ଅନେକ ସେମାନଙ୍କୁ ଭାରତୀୟ ବୋଲି ବିଚାର କରୁଛନ୍ତି। କିନ୍ତୁ ସବୁ ଭାରତୀୟ ହିନ୍ଦୁ ନୁହଁନ୍ତି କିମ୍ବା ସବୁ ହିନ୍ଦୁ ଭାରତୀୟ ନୁହଁନ୍ତି। ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁମାନେ ସେଠାକାର ନାଗରିକ। ଏଠାରେ ବସବାସ କରୁଥିବା ମୁସଲମାନମାନେ ପାକିସ୍ତାନ ବା ବାଂଲାଦେଶ ନାଗରିକ ନୁହଁନ୍ତି। ସେମାନେ ଭାରତର ନାଗରିକ। ସେମାନଙ୍କୁ ଭାରତରେ ସବୁ ଅଧିକାର ମିଳିଛି। କିନ୍ତୁ ପଡ଼ୋଶୀ ଦେଶରେ ବସବାସ କରୁଥିବା ହିନ୍ଦୁ ମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି ଯାହା କି ଦୁର୍ଭାଗ୍ୟଜନକ। ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ନୋବେଲ ବିଜେତା ମହମ୍ମଦ ୟୁନୁସ ହେଲେ ଜଣେ ଦୁର୍ବଳ ଶାସକ ନୁହଁନ୍ତି, ସେ ମୌଳବାଦୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଏକ କଣ୍ଢେଇ ବୋଲି ସ୍ପଷ୍ଟ ହୋଇଯାଉଛି। ନିକଟରେ ବାଂଲାଦେଶର ଆଟର୍ଣ୍ଣି ଜେନେରାଲ ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷତା ଶବ୍ଦ ହଟାଇ ଏହାକୁ ଏକ ଇସଲାମିକ ରାଷ୍ଟ୍ରର ମାନ୍ୟତା ଦେବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି। ଦେଶର ୯୦ ପ୍ରତିଶତ ବ୍ୟକ୍ତି ମୁସଲମାନ ଧର୍ମାବଲମ୍ବୀ ହୋଇଥିବାରୁ ବାଂଲାଦେଶକୁ ଧର୍ମନିରପେକ୍ଷ ରାଷ୍ଟ୍ରଭାବେ ଗଢ଼ି ତୋଳିବା ଉଦ୍ୟମ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଭାରତରେ ଆଶ୍ରୟ ନେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶ ସରକାର ଉଦ୍ୟମ କରିବେ ଏବଂ ତାଙ୍କ ଗିରଫଦାରୀ ନିମନ୍ତେ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି ୟୁନୁସ କହିଛନ୍ତି। ଏହି ଦୁଇଟି କଥାରୁ ଗୋଟିଏ କଥା ସ୍ପଷ୍ଟ ଯେ, ବାଂଲାଦେଶ ଏବେ ମୌଳବାଦୀଙ୍କ କବଜାରେ ପଡ଼ିଯାଇଛି। ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଏକ ସୁଚିନ୍ତିତ ଯୋଜନା ଥିଲା। ଛାତ୍ର ଆନ୍ଦୋଳନ ମାଧ୍ୟମରେ ଦେଶରେ ଅରାଜକତା ସୃଷ୍ଟି କରିବା ଏବଂ ବ୍ୟାପକ ହିଂସାକାଣ୍ଡ କରିବା ପଛରେ ଉଦ୍ଦେଶ୍ୟ ଥିଲା ଶେଖ ହାସିନାଙ୍କୁ ପଦଚ୍ୟୁତ କରିବା। ଶେଷରେ ଷଡ଼ଯନ୍ତ୍ରକାରୀଙ୍କ ଏହି ଯୋଜନା ସଫଳ ହେଲା ଏବଂ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ଦେଶଛାଡ଼ି ପଳାୟନ କଲେ। ଏବେ ସେ ଭାରତରେ ଆଶ୍ରୟ ନେଇଛନ୍ତି। ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଦେଶରେ ଏକ ଅନ୍ତରୀଣ ସରକାର ଗଠିତ ହୋଇଛି। ମହମ୍ମଦ ୟୁନୁସ ଜଣେ ଅର୍ଥନୀତିଜ୍ଞ, ରାଜନେତା ନୁହଁନ୍ତି। ବୟସ ହେଲାଣି ୮୪। ଏଭଳି ପରିସ୍ଥିତିରେ ସେ ଅଧିକ ଦିନ ଶାସନର ନେତୃତ୍ୱ ନେଇପାରିବେ ନାହିଁ। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ। ଦେଶରେ ବାସ୍ତବରେ ଶାସନ କ୍ଷମତା ସେନା ନିୟନ୍ତ୍ରଣରେ ରହିଛି। ୟୁନୁସ କେବଳ ମୁଖା। ୟୁନୁସ ଶେଖ ହାସିନାଙ୍କ ସମାଲୋଚକ ଏବଂ ବିରୋଧୀ ଭାବେ ଜଣାଶୁଣା। ତାଙ୍କ ଅନ୍ତରୀଣ ସରକାରରେ ଯେଉଁମାନେ ପରାମର୍ଶଦାତା ଅଛନ୍ତି, ସେମାନେ ସମସ୍ତେ ହାସିନା ବିରୋଧୀ। ତେଣୁ ୟୁନୁସଙ୍କ ଅନ୍ତରୀଣ ସରକାରକୁ ସର୍ବଦଳୀୟ ବୋଲି କୁହାଯାଇପାରିବ ନାହିଁ। ବରଂ ଏହାକୁ ହାସିନା ବିରୋଧୀ ସରକାର ବୋଲି କୁହାଯାଇପାରେ। ନିକଟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗଦେବାକୁ ନ୍ୟୁୟର୍କ ଗସ୍ତରେ ଯାଇଥିବା ବେଳେ ୟୁନୁସ ଏକ ଅପ୍ରିୟ ସତ୍ୟ କହିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ, ବାଂଲାଦେଶରେ ଘଟିଥିବା ହିଂସା ଏବଂ ଅରାଜକତା ପଛରେ ଏକ ସୁଚିନ୍ତିତ ଯୋଜନା ଥିଲା ଏବଂ ଜଣେ କେହି ପରଦା ପଛରେ ରହି ଏହାକୁ ନିୟନ୍ତ୍ରଣ କରୁଥିଲେ। ତେଣୁ ହାସିନା ଯେତେ ଚେଷ୍ଟା କଲେ ବି ଛାତ୍ର ଆନ୍ଦୋଳନ ଥମିଲା ନାହିଁ କିମ୍ବା ହିଂସା ନିୟନ୍ତ୍ରିତ ହୋଇପାରିଲା ନାହିଁ। ଚେଇଁ ଶୋଇଥିବା ଯିଏ ତାକୁ ଉଠାଇବ କିଏ ? ଏହି ଷଡ଼ଯନ୍ତ୍ର ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଛି ବୋଲି ମୂଳରୁ ସନ୍ଦେହ କରାଯାଉଥିଲା। ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ମଧ୍ୟ ହୋଇଛି। ଏହି ଷଡ଼ଯନ୍ତ୍ର ପଛରେ ଯାହାର ବି ହାତ ଥାଉ ସେ ନିଶ୍ଚିତ ଭାବେ ଭାରତ ବିରୋଧୀ। ହାସିନା ଏବଂ ତାଙ୍କ ଦଳ ହେଉଛି ଭାରତ ସପକ୍ଷବାଦୀ। ବାଂଲାଦେଶ ମୁକ୍ତି ସଂଗ୍ରାମରେ ହାସିନାଙ୍କ ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନ ନେତୃତ୍ୱ ନେଇଥିଲେ। ତାଙ୍କ ପଛରେ ଭାରତର ସମର୍ଥନ ଏବଂ ସହାୟତା ଥିଲା। ତେଣୁ ହାସିନା ସ୍ୱାଭାବିକ ଭାବେ ଭାର ସପକ୍ଷବାଦୀ। ଏହା ବ୍ୟତିତ ସେ ମଧ୍ୟ ଜଣେ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖୁଥିବା ନେତ୍ରୀ। ବାସ୍ତବରେ ସେ ଜଣେ ଧର୍ମନିରପେକ୍ଷ ନେତ୍ରୀ। ତାଙ୍କ ଶାସନ କାଳରେ ଦେଶରେ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟ ସୁରକ୍ଷିତ ଥିଲେ। କିନ୍ତୁ ଛାତ୍ର ଆନ୍ଦୋଳନ ବେଳେ ଏବଂ ପରବର୍ତ୍ତୀ ସମୟରେ ଦେଶରେ ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଲା। ଏବେ ବି ଦେଶରେ ଉତ୍ତେଜନା ଲାଗି ରହିଛି। ହାସିନାଙ୍କୁ ଯେଉଁମାନେ ଷଡ଼ଯନ୍ତ୍ର କରି କ୍ଷମତାରୁ ବିତାଡ଼ିତ କଲେ ସେମାନେ ଭାରତ ବିରୋଧୀ ଏବଂ ମୌଳବାଦୀ ଚିନ୍ତାଧାରା ସମ୍ପନ୍ନ। ୟୁନୁସ ଯାହା କହିଛନ୍ତି ତାହା ସତ। ମାତ୍ର ଏହି ସୁଚିନ୍ତିତ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ନାୟକ କିଏ ତାହା ସେ କହିନାହାଁନ୍ତି। ସେ ଯିଏ ବି ହେଉ ନା କାହିଁକି ତାଙ୍କ ପଛରେ ଚୀନ ଏବଂ ପାକିସ୍ତାନର ସମର୍ଥନ ରହିଥିବା ନିଶ୍ଚୟ। ବାଂଲାଦେଶକୁ ଋଣ ଯନ୍ତାରେ ପକାଇ ତାକୁ କବଜା କରିବା ଥିଲା ଚୀନର ଉଦ୍ଦେଶ୍ୟ। ହାସିନା ଏହାକୁ ବି ଫଳ କରିଦେଇଥିଲେ। କିଛି ମୌଳବାଦୀ ସଙ୍ଗଠନ ମଧ୍ୟ ବାଂଲାଦେଶକୁ ଆଉ ଏକ ପାକିସ୍ତାନରେ ପରିଣତ କରିବା ଏବଂ ସେଠାରୁ ଭାରତ ବିରୋଧୀ ଯୋଜନା ପ୍ରସ୍ତୁତ କରିବାକୁ ଚାହୁଁଥିଲେ। ଏହାକୁ ହାସିନା ପ୍ରବଳ ବିରୋଧ କରୁଥିଲେ। ଶେଷରେ ଏଥିପାଇଁ ତାଙ୍କୁ କ୍ଷମତାରୁ ବିଦା ହେବାକୁ ପଡ଼ିଲା। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧିନ ଅନ୍ତରୀଣ ସରକାର ପ୍ରତି ଭାରତର ସମର୍ଥନ ରହିଛି କି ନା ତାହା ଭିନ୍ନ ପ୍ରଶ୍ନ। କିନ୍ତୁ ଭାରତ ସବୁ ବେଳେ ବାଂଲାଦେଶର ହିତ କାମନା କରି ଆସିଛି। ବାଂଲାଦେଶରେ ଗଣତନ୍ତ୍ର ପୁନଃପ୍ରତିଷ୍ଠିତ ହେଉ, ଦେଶରେ ଶଶାନ୍ତି ପ୍ରତିଷ୍ଠା ହେଉ ବୋଲି ଭାରତ ଚାହେଁ। ମହମ୍ମଦ ୟୁନୁସ କିନ୍ତୁ ଏହାକୁ ବୁଝିବାକୁ ନାରାଜ। ସେ ଭାବବୁଛନ୍ତି ଯେ, ଭାରତ ହାସିନାଙ୍କୁ ସମର୍ଥନ କରୁଛି ଏବଂ ତାଙ୍କୁ ବାଂଲାଦେଶ ଫେରିଯାଇ ପୁନର୍ବାର କ୍ଷମତା ଦଖଲ କରିବାକୁ ସହାୟତା ଏବଂ ସହଯୋଗ କରୁଛି। ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ଭାରତ କେବେ ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଏ ନାହିଁ। ଭାରତର ଏହି ମୂଲ୍ୟବୋଧ ସମ୍ପର୍କରେ ସାରା ବିଶ୍ୱବାସୀ ଜାଣନ୍ତି। ୟୁନୁସ ଏହାକୁ ବୁଝିବା ଉଚିତ। କିନ୍ତୁ ସେ ମୌଳବାଦୀ ଏବଂ ବାଂଲାଦେଶ ସେନାର କବଜାରେ ପଡ଼ିଯାଇଛନ୍ତି ଏବଂ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ତାଙ୍କଠାରୁ ଅଧିକ କିଛି ଆଶା କରିବା ଅନୁଚିତ। ବାଂଲାଦେଶରେ ଜଣକ ପରେ ଜଣେ ହିନ୍ଦୁ ପୂଜକଙ୍କୁ ଗିରଫ କରାଯାଉଛି। ସେମାନଙ୍କ ବିରୋଧରେ ଆସୁଥିବା ଅଭିଯୋଗର ପ୍ରାଥମିକ ପ୍ରମାଣ ନଥିଲେ ମଧ୍ୟ ସେମାନଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରାଯାଉଛି। ସେମାନଙ୍କ ପାଇଁ ଲଢ଼ୁଥିବା ଓକିଲଙ୍କୁ ଆକ୍ରମଣ କରାଯାଉଛି। ଏହାକୁ ଭାରତ ସରକାର ଗମ୍ଭୀରତାର ସହ ବିଚାର କରିବା ଉଚିତ। ବାଂଲାଦେଶରେ ମାନବାଧିକାର ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ବିଶ୍ୱ ସମୁଦାୟ ଆଗେଇ ଆସିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଟ୍ରାଫିକ ବ୍ୟବସ୍ଥା ଅଚଳ

**ମହାଶୟ,**

ରାଜଧାନୀ ଭୁବନେଶ୍ୱରର କଳେବର ଏବଂ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଏହାର ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଥିପାଇଁ ପ୍ରତିଦିନ କେଉଁଠି ନା କେଉଁଠି ଛୋଟ ବଡ଼ ସଡ଼କ ଦୁର୍ଘଟଣା ହେଉଛି। ଏହାର କାରଣ ହେଲା ଅନେକ ରାସ୍ତାର ନିୟମ ନମାନି ଗାଡ଼ି ଚଳାଉଛନ୍ତି। କଳ୍ପନାରୁ ରାଜଭବନ, କଟକ ରୋଡ, କଳ୍ପନାରୁ ବାଣୀବିହାର ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଟ୍ରାଫିକ ସମସ୍ୟା ଅତ୍ୟନ୍ତ ଜଟିଳ। ଏସବୁ ରାସ୍ତା ୱାନ ୱେ ଟ୍ରାଫିକ ବ୍ୟବସ୍ଥା ଭିତରେ ରହିଥିଲେ ହେଁ, କେହି ରାସ୍ତାର ନିୟମ ମାନୁନାହାଁନ୍ତି ଏବଂ ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଉଛନ୍ତି। ଏହାକୁ ରୋକିବା ପାଇଁ, ପର୍ଯ୍ୟାପ୍ତ ଟ୍ରାଫିକ ପୋଲିସ ନାହାଁନ୍ତି। ଯିଏ ବି ଅଛନ୍ତି ସେ ସକ୍ରିୟ ହେଉ ନାହାଁନ୍ତି। ରାଜଧାନୀରେ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଆହୁରି ଅଧିକ ଟ୍ରାଫିକ ପୋଲିସର ଆବଶ୍ୟକତା ରହିଛି।

ବିବେକାନନ୍ଦ ମହାପାତ୍ର, ଝାରପଡ଼ା, ଭୁବନେଶ୍ୱର

# ମହାଯୋଗୀ ଶ୍ରୀ ଅରବିନ୍ଦ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ। ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି। ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି। ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି। ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ। ଏହି ମହାଗୁରୁ ବିଲେତରେ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ। ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧୀନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାର ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ। ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା। ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ। ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ। ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ। ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର। ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ। ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତ, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା। କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାତ୍ରୀଙ୍କୁ ସମର୍ପି ଦେଲେ। ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ। ପିଲାଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ। ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ। ଏ ହେଉଛି ସ୍ୱୟଂ ଜଗଜ୍ଜନନୀ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା। ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ

**ଡିସେମ୍ବର ୫ ମହାପ୍ରୟାଣ ଦିବସ**



ଲେଖାଇଲେ। ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ। ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା। ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ। ସେଠାରେ ଡୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା। ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା। ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ। ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ। ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ। ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ। ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ। ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ। ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା। ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ। ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢ଼ୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ। ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ। ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା। ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ। ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ। ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ। ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା। ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା। ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ। ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ। ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ। ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ଆଧୁନିକତା ବନାମ ପୁରାତନ

**ଅନୀତା ପଟ୍ଟନାୟକ**



ଥରେ କେତେକ ଲୋକଙ୍କ ଦ୍ୱାରା ଗୋଟିଏ ମଞ୍ଚ ସଜା ହୋଇଥିଲା। ସେ ମଞ୍ଚରେ ଭାଗୀଦାର ହେବା ପାଇଁ ଲୋକମାନଙ୍କ ମଧ୍ୟରେ ଠେଲାପେଲା ଚାଲିଥାଏ। ତାହାକୁ ଦୂରଦର୍ଶନ ବିଚିତ୍ର ଧର୍ମ ନାମ ଦିଆଯାଇ ପ୍ରସାରଣ କରାଯାଉଥିଲା। ମଞ୍ଚର ଗୋଟିଏ ପଟେ ଲେଖାଯାଇଥାଏ ନବୀନତା ଅନ୍ୟପଟେ ଲେଖାଯାଇଥାଏ ପୁରାତନତା। ହଠାତ୍ ଜଣେ ସୁନ୍ଦରୀ ନାରୀ, ନିଜକୁ ମଞ୍ଚର ଉଦଘୋଷିକା କହି ମଞ୍ଚ ଉପରକୁ ଉଠି ଆସିଲେ ଓ କର୍କଶ ସ୍ୱରରେ କହିଲେ 'ପୁରାତନକୁ ତ୍ୟାଗ କର, କାରଣ ଏହା ଅତ୍ୟନ୍ତ ପୁରୁଣା, ନୂଆ ସହ ଆନନ୍ଦିତ ହୁଅ, କାରଣ ଏହା ଅତ୍ୟନ୍ତ ନୂଆ।' ସଙ୍ଗେ ସଙ୍ଗେ ଦୂରଦର୍ଶନର ପ୍ରଚାରକ କହିଲେ ଏହା ନୂତନ ଧର୍ମର ବାର୍ତ୍ତା। ଏଥର ନାରୀ ଜଣକ କହି ଉଠିଲେ 'ଚାଲନ୍ତୁ, ହାଲୁକା କଥାରେ ଖୁସିହେବା। ଯାହା ବୁଝିବାକୁ କଷ୍ଟ, ଯାହା ଶିଖିବାକୁ କଷ୍ଟ, ଦାୟିତ୍ୱ ଥିବା କର୍ତ୍ତବ୍ୟ, ଚାଲ ପରିତ୍ୟାଗ କରିବା। କୃତଜ୍ଞତା ପ୍ରକାଶ କରିବା ନାହିଁ। ବିରକ୍ତି ଭାବ ପ୍ରକାଶ କରିବା।' ଏହା ଶୁଣି ଦୂରଦର୍ଶନର ପ୍ରଚାରକ, ପ୍ରଚାର କରି ଉଠିଲେ ଏହା ହିଁ 'ନବୀନ ଧର୍ମର ନୀତି ବା ଆଧୁନିକତା'।

ଏହି ସମୟରେ ଆଉ ଜଣେ ନାରୀ ସଭା ମଞ୍ଚ ଉପରକୁ ଉଠି ଆସିଲେ। କହିଲେ ଦେଖନ୍ତୁ ନବୀନତା ବା ଆଧୁନିକତାକୁ କୋଳାଇ ନେଇଥିବା ଲୋକେ କିପରି ଫଟା ଜିନ୍‌ସ ପ୍ୟାଣ୍ଟ, ହାଫ ପ୍ୟାଣ୍ଟ, ହାଫ ପାଣ୍ଟ ନୁହେଁ କି ଫୁଲ ପ୍ୟାଣ୍ଟ ନୁହେଁ ନିମ୍ନ ମାନର ବସ୍ତ୍ର ପ୍ରଭୃତି ପରିଧାନ କରି ସୁନ୍ଦର ଭାବରେ ବସି ଆଧୁନିକତାର ଗୁଣଗାନ କରୁଛନ୍ତି। ଅପର ପକ୍ଷରେ ଆପଣ ପୁରାତନ ସଭ୍ୟତାର ଲୋକଙ୍କ ଆଡ଼କୁ ଟିକେ ଚାହାଁନ୍ତୁ। କିପରି ଧୋତି କୁର୍ତ୍ତା, ପଗଡ଼ି, ଶାଢ଼ୀ ଇତ୍ୟାଦି ପିନ୍ଧି ପୁରାତନତାର ଗୁଣଗାନ କରୁଛନ୍ତି। ଏପରି ମାନସିକତା ଲୋକଙ୍କ ମନରେ କୁପ୍ରଭାବ ପକାଉଛି।

ଆଉ ଜଣେ ନାରୀ, ଉଠି ଆସି କହିଲେ, ପୁରାତନ ଧର୍ମୀ ଲୋକଙ୍କ ମଧ୍ୟରେ ଚପଳତା ନାହିଁ। ପ୍ରଦର୍ଶନ ଭାବ ନାହିଁ। ବୃଥାରେ ଗଦଗଦ ହେବାର ଭାବ ନାହିଁ। କିନ୍ତୁ ଚାପଲ୍ୟ ପ୍ରଦର୍ଶନ ଭାବ, ଗଦ ଗଦ ଭାବ, ଆଧୁନିକ ଧର୍ମର ବୈଶିଷ୍ଟ୍ୟ। ଆଧୁନିକତା କୌଣସି ପ୍ରକାର ବନ୍ଧନ, ସୀମା, ନିୟନ୍ତ୍ରଣ ସଂଯମ ନୀତିକୁ ମାନେ ନାହିଁ। ଏହି ସମୟରେ ଆଉ ଜଣେ ନାରୀ ମଞ୍ଚ ଉପରକୁ ଉଠି ଆସି କହିଲେ ବୟସ, ଜ୍ଞାନ, କଲ୍ୟାଣକାରୀ କଥା, ପଦପଦବୀ ଆଗରେ ମୁଣ୍ଡ ନୁଆଁଇବା ଆମେ ଶିଖିନାହୁଁ। ପୁରାଣ ନିର୍ଦ୍ଦେଶିତ ଫାଲତୁ ରୀତି ନୀତି, ପର୍ବ ପର୍ବାଣୀ ଉପବାସ, ବ୍ରତ ପୂଜା -ଏହାକୁ ଆଧୁନିକତାରେ ଭରା ନାରୀମାନେ ପସନ୍ଦ କରିବା ଉଚିତ ନୁହେଁ। ଦୂରଦର୍ଶନର ପ୍ରଚାରକ କହି ଉଠିଲେ ଶୁଣିଲେ ତ ବୟସ୍କ ଲୋକେ ଯେଉଁମାନେ ପରମ୍ପରା, ପୁରାକାଳର ରୀତିନୀତି ନିୟମ ଶୃଙ୍ଖଳାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ତଥା ଆତ୍ମ ସଂଯମ ଅଭ୍ୟାସର ଗୁଣଗାନ କରନ୍ତି ସେମାନଙ୍କୁ ଏ ଆଧୁନିକ ଧର୍ମ ଉପହାସ କରେ।

ଆଉ ଜଣେ ନାରୀ ମଞ୍ଚ ଉପରକୁ ଉଠି ଆସି କହିଲେ, ଆଧୁନିକତାକୁ ମାନୁଥିବା ବ୍ୟକ୍ତିମାନଙ୍କ ମତରେ ଚକ୍ଷୁ ପବିତ୍ର



ସ୍ଥାନ ବୋଲି କିଛି ନାହିଁ। ଆମେ ତୀର୍ଥଯାତ୍ରାକୁ ଦୋଷାରୋପ କରୁ। ସାଧକଙ୍କର ମୂର୍ତ୍ତିପୂଜା ଗୋଟାଏ କଣ ? ସେଥିରୁ କି ଆନନ୍ଦ ମିଳେ। ତାହା ଆଧୁନିକତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ଉପଲବ୍ଧି କରିପାରନ୍ତି ନାହିଁ। ସେମାନେ ପାଉଥିବା ଆନନ୍ଦକୁ ଆଧୁନିକଧର୍ମୀ ବୁଝିପାରନ୍ତି ନାହିଁ। ଏହା ଏକ ଅନ୍ଧବିଶ୍ୱାସ। ଆମେ ପାଶ୍ଚାତ୍ୟ ପୋଷାକ ପରିହିତ ମାନସପୁତ୍ର ପୁତ୍ରୀଗଣ। ଆମେ ଯାହା ଭାବୁ ତାହା ଭଲ ବା ମନ୍ଦ, ସେକଥା ବିଚାର କରିବାର ଶିକ୍ଷା ପୁରାତନଧର୍ମୀଙ୍କ ପାଖରେ ନାହିଁ। ଶାଶ୍ୱତ ଶାନ୍ତି କ'ଣ ସେ ଜାଣନ୍ତି ନାହିଁ। ଅସ୍ଥାୟୀ ତଥା ରଙ୍ଗ ବେରଙ୍ଗର କଥା ବିଚାର କରିବାର ତାଲିମ ସେମାନେ ପାଇନାହାଁନ୍ତି। ଯଥା ଉତ୍ସବ ମାନଙ୍କରେ ନିଜେ ବଜାଇ ନାଚିବା ଓ ଆନନ୍ଦିତ ହେବା ଉତ୍ୟାଦି।

ଏଥର ଆଉ ଜଣେ ଆଧୁନିକ ପୋଷାକ ପରିହିତା ନାରୀ ମଞ୍ଚ ଉପରକୁ ଆସି କହିଲେ, ଆମର ସମୟ ନାହିଁ। ପୌରାଣିକ କଥା ଶୁଣିବା ପାଇଁ। ଆମେ କୃତ୍ରିମ ଖାଦ୍ୟ ଉପରେ ବଞ୍ଚି ରହିଛୁ। ଏଥର ଜଣେ ଧୋତି ଓ ପଗଡ଼ି ପିନ୍ଧିଥିବା ଜଣେ ସାଧୁବ୍ୟକ୍ତି ମଞ୍ଚ ଉପରକୁ ଉଠିଲେ, ସେ କହିଲେ, ମନୁଷ୍ୟ ଭିତରେ ମୂଲ୍ୟବାନ ରତ୍ନ ଅଛି। ତାହା ହେଉଛି ଅନ୍ନମୟ, ପ୍ରାଣମୟ, ମନମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ। ଏହାକୁ ପୋଡ଼ା ପାଉଁଶ କହି ରତ୍ନକୁ ଚିହ୍ନିନପାରି ନିଜକୁ ଛୋଟକରି ଅମୂଲ୍ୟ ସମ୍ପଦ ଭରା ମଣିଷ ପାଶ୍ଚାତ୍ୟ ଜଗତର ଧାରାକୁ ଆପଣାଇ ଭିକ୍ଷା କରୁଛି। ଯେଉଁ ପଶୁ ସ୍ତରରୁ ଉଠି ସେ ମଣିଷ ହୋଇଥିଲା ଦେବତା ସ୍ତରକୁ ନ ଉଠି ହୀନ ଆଚରଣ କରି ତାର ଗନ୍ତବ୍ୟ ସ୍ଥଳକୁ ସେ ଭୁଲି ଯାଇଛି। ଦୂରଦର୍ଶନ ପ୍ରଚାରକ କହି ଉଠିଲେ, ପୁରାତନ ସଭ୍ୟତାକୁ ଚିହ୍ନ। ପାଶ୍ଚାତ୍ୟ ସଭ୍ୟତାକୁ ଦୂରେଇ ରଖ। ଏବେ ସରସ୍ୱତୀଙ୍କ ପରି ଦେଖା ଯାଉଥିବା ଶୁଭ୍ରବସ୍ତ୍ରଧାରୀ ଜଣେ ମହିଳା ମୁଣ୍ଡରେ ଓଢ଼ଣା ଦେଇ ମଞ୍ଚ ଉପରକୁ ଉଠି କହିଲେ ଭାରତୀ ଶବ୍ଦରୁ ଭାରତର ସୃଷ୍ଟି। ଭା (ଭଗବାନ), ରତ (ମିଶିବା) ଅର୍ଥାତ ଭଗବାନଙ୍କର ଗୁଣଗାନ କରୁଥିବା ଲୋକଙ୍କୁ ଭାରତୀୟ କୁହାଯାଏ। ମୁଁ ଭାରତ ଭୂମିର କନ୍ୟା। ଦୁଷ୍ଟ ପ୍ରକୃତି ଓ ଜଘନ୍ୟ ଲୋକଙ୍କ ପାଖରେ ମୁଣ୍ଡ ନୁଆଁଇବ କିପରି ? ପାଶ୍ଚାତ୍ୟ ଜଗତ ଓ ଆଧୁନିକତାର ଡିଣ୍ଡିମ ପିଟୁଥିବା ମନୁଷ୍ୟ ମାନଙ୍କ ନିକଟରେ ମୁଁ ମିଶି ପାରୁନଥିବାରୁ କ୍ଷମା ମାଗି ନେଉଛି।

ପ୍ରବୋଧ ଚନ୍ଦ୍ରୋଦୟ ଓ ସଂକଳ୍ପ ସୂର୍ଯ୍ୟୋଦୟ ପ୍ରଭୃତି ନାଟକ ମହାମୋହକୁ କିପରି ଅତିକ୍ରମ କରିହେବ ତାହା ଶିକ୍ଷା ଦେଇଥାଏ ଓ ଯମ, ନିୟମ, ଆସନ ପ୍ରାଣାୟମ, ପ୍ରତ୍ୟାହାରର ଶିକ୍ଷା ମଧ୍ୟ ଦେଇଥାଏ। ମନକୁ ଅଗ୍ନିରେ ବସାଇ ତରଳାଇ ଭଗବାନଙ୍କ ଛାଞ୍ଚରେ ପକାଇଲେ ମନର ପ୍ରତ୍ୟକ ଅଣୁ ଦିବ୍ୟ ଅଣୁରେ ପରିଣତ ହେବ। ଆଉ ଜଣେ ଅବଗୁଣ୍ଠନା ନାରୀ ମଞ୍ଚ ଉପରକୁ ଉଠି କହିଲେ, ଜାତି, ବର୍ଣ୍ଣ, ରଙ୍ଗ ଓ ଧର୍ମରେ ପୃଥିବୀ ଖଣ୍ଡ ଖଣ୍ଡ ହେଲାଣି। ଏହା ପ୍ରେମର ନିଆଁରେ ତରଳି ନାହିଁ କି ଭଗବାନଙ୍କ ଢାଞ୍ଚାରେ ପଡ଼ିନାହିଁ। ହୃଦୟ ଘୃଣାଶୂନ୍ୟ ହେଉନାହିଁ। ଜଙ୍ଗଲର ନିଆଁକୁ ନଦୀର ସୁଶୀତଳ ଜଳରେ ଲିଭାଇ ହେବ କି? ଛୋଟ ଛୋଟ କୀଟମାନେ ଲୁଗା କାଟୁଥିବା ସମୟରେ ଲୁଗାର ମୂଲ୍ୟକୁ ବିଚାରକୁ ନେଇନଥାନ୍ତି। ସେହିପରି ଦୁଷ୍ଟ ପାଶ୍ଚାତ୍ୟ ସଭ୍ୟତାକୁ ପ୍ରୟୋଗ କରି ନିଜର କ୍ଷତି କରି ଆନନ୍ଦିତ ହୁଅନାହିଁ। ଏପରି ଲୋକଙ୍କ ଠାରୁ ଦୂରରେ ରହିବା ଉଚିତ। ଅଧିକ ସତସଙ୍ଗ କରିବା ଉଚିତ। ପାଣିରେ ମାଛ ଆନନ୍ଦରେ ରହିବା ପରି ରୁହ।

ଦୂରଦର୍ଶନର ପ୍ରଚାରକ କହିଲେ 'ବର୍ତ୍ତମାନ ଦିବସର ସମାପ୍ତି କରିବା ଉଚିତ। କାରଣ ସମୟ ସ୍ୱଳ୍ପ। ସମ + ଆପ୍ତି = ସମାପ୍ତି ବା ବ୍ରହ୍ମାନନ୍ଦ ପ୍ରାପ୍ତି। ଦର୍ଶକମାନେ ପରମାନନ୍ଦ ଲାଭର ସୁଖ ପାଇଛନ୍ତି। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏହାର ବିସ୍ତୃତ ପ୍ରସାରଣ ହେବ। ଆଜି ବିଦାୟ ଦିଅନ୍ତୁ। ଜୟହିନ୍ଦ।

**ଅବସରପ୍ରାପ୍ତ ପ୍ରଧ୍ୟାପିକା, ସିଡିଏ, କଟକ**
**ମୋବାଇଲ୍: ୯୬୯୨୯୮୦୦୨୬**

# ଯମପୁରକୁ ରାସ୍ତା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ରୋମୀୟମାନଙ୍କର ବିଶ୍ୱାସ ଯେ ସବୁ ରାସ୍ତା ରୋମକୁ ପଡ଼ିଛି। ଆମର ଶାସ୍ତ୍ର କହୁଛି ଦୃଶ୍ୟା ଦୃଶ୍ୟ ଅନେକ ରାସ୍ତା ଅଛି। ଏ ମଧ୍ୟରୁ ବହୁ ରାସ୍ତା ଉପଯୁକ୍ତ ଜ୍ଞାନ ଉପଦେଶରେ ନ ଚାଲିଲେ ତାହା ଯମପୁର ଆଡୁ ଲମ୍ବୀ ଯାଇଛି। ଗୁରୁ ଗୁରୁଜନଙ୍କ ତାଡ଼ନା ଉପଦେଶ ଯମପୁରୁ ଯିବା ରାସ୍ତାରୁ ଦୂରେଇ ଦିଏ। ଅନେକ ବାଣୀ ବ୍ୟକ୍ତିଙ୍କୁ ଖିଙ୍ଗୁସ ଲାଗେ। ବେପରୁଆ ମାନଙ୍କ ପାଇଁ ରାସ୍ତାରେ ବାଙ୍କ ନାହିଁ, ଛକ ନାହିଁ, ଚିନ୍ତନ ପଡ଼େ। ହେଲେ ସବୁରାସ୍ତାରେ ବାଙ୍କ ଛକ ଅଛି ବୋଲି ଯାନରେ ହେଣ୍ଡଲ ବ୍ରେକ ଟ୍ରାଫିକ ନିୟମ ରହିଛି। ତିନିଜଣ ମଦତି, ମଦ୍ୟପାୟୀ ବ୍ୟକ୍ତି ସବୁଙ୍କର ସଭା ଅଛି। ଅତିକମରେ ତିନିଜଣରେ ସଭାଟିଏ ହୋଇପାରେ। ଦୁଇଜଣରେ କାଣ୍ଡ ଘଟିପାରେ। ବ୍ରାହ୍ମଣ ତ୍ରୟମ୍ ମନା କରାଯାଇଛି ତାର କାରଣ ଏକ ଘଟଣାକୁ ମତାନ୍ତର କଲେ କଳି ଉପୁଜିବାରେ ଲାଗେ। ଦ୍ୱୟ ବା ଚତୁଃ ବା ତତୋଧିକ ବ୍ରାହ୍ମଣରେ ପୂଜା ପାର୍ବଣ ଯଜ୍ଞ ଶ୍ରାଦ୍ଧ ସହଜରେ ହେଉଛି। ସେମିତି ସବୁ ମାଷ୍ଟରରେ ଅପେରା ପାର୍ଟି କେବେ ମଞ୍ଚସ୍ଥ ନାଟକ କେବେ ସର୍ବାଙ୍ଗ ସୁନ୍ଦର ହୋଇନପାରେ। ଅତଏବ ଏ ବିଧାନ ସର୍ବଦା ଅନୁସୃତ ହେବା କଥା ଯୁଆଡ଼ି ନିଶାଡ଼ି ମଦତି ଏମାନେ ଏକ ଗୋଷ୍ଠୀରେ ଆସିଗଲେ କଳି ହୋଇ ସାଂଘାତିକ ଅବସ୍ଥା ଉପୁଜିଥାଏ। ଏକ ନାରୀ ଧନ, ଜମିଜମା ଆଦିରେ ଲୋଭ ହୋଇ ଜିଗିରି ଦୋସ୍ତ ବି ଶତ୍ରୁତା ପ୍ରାଣ ହାନି ଅବସ୍ଥା ହୋଇଥାଏ। ଏମିତି ତିନିଜଣ ଘୋଡ଼ା ମଦୁଆ ସେ ପୁଣି ଘୋଡ଼ାରେ ଦ୍ୱାରାନ୍ତ ଯାତ୍ରୀ ଯାତ୍ରା ପଥ ଅତିକ୍ରାନ୍ତ କରୁଥିଲେ ଖେୟାଲ ପଶିଗଲା, ଜୀବନ କେତେ ସୁନ୍ଦର ଏ ଜୀବନ ଦିନେ ଚାଲିଯିବ, ଏ ଜୀବନ ହାନିର କାରଣ ହେଉଛନ୍ତି 'ଯମ' ଯଦି ଯମ ଠିକଣା ଖୋଜି ତାଙ୍କୁ ଖତମ କରି ଦିଆଯାଆନ୍ତା। ତେବେ ଜୀବନ ସାରା ଅୟସ କରି କରି କଟାଯାଇ ପାରନ୍ତା। ଯମ ମାରଣ ଅଭିଯାନ ତିନି ମଦ୍ୟପ ଯୁବକ ଘୋଡ଼ାରେ ଆସି ହସ୍ତା ହୋଇ ନିଶାରେ ଚୁର ହୋଇ ଯମ ଖୋଜାରେ ରାଜପଥରେ କଳିକଳା ନାଦ କରି ଧାବିତ ଲୋକ ଏମାନଙ୍କର ରୂପ ହାତର ଅସ୍ତ୍ର ଦେଖି ଦୂରରୁ ବାଟ କାଟୁଛନ୍ତି କିନ୍ତୁ ସମସ୍ତେ ସ୍ୱାଭାବିକ ଗତିରେ ନଥାନ୍ତି ଅତିବୃଦ୍ଧି ଲେଙ୍ଗଡ଼ା ଅନ୍ଧ ଜଟିଳ ରୋଗୀ ଏମାନେ ସ୍ୱଭାବିକ ଚାଲିବ ସମ୍ଭବ ନୁହଁ। ଏ କିଳିକିଳା ରଡ଼ିକୁ ଘୋଡ଼ା ଝପଟା ବେଗରେ ସେମାନେ ମଛର ପାରି ହେବା ବେଳେ ଏମାନଙ୍କ ମୁଣ୍ଡରେ ଆସେ ଦେଖ ଏମାନଙ୍କୁ କପରି ଯମଯନ୍ତ୍ରଣ ଦେଉଛି। ଆମକୁ ଏମିତି କରାଇପାରେ ନା ଆଉ ନୁହଁ ତାର ସବୁ ଦିଗକୁ ଆମର ଆଜ ଦିନଯାତ୍ରା ଚାଲିଛି। ପାର୍ଟି ଚାଲିଛି ରେ ରେ ଯଜମ ଲଲକାର ଚାଲିଛି। ଏମିତି ବେଳେ ଜଣେ ଅତିବୃଦ୍ଧ ବାଡ଼ିଧରି ନଇଁ ନଇଁ ରାସ୍ତା ଅତିକ୍ରମ କଲାବେଳେ ଏ ତିନିଙ୍କର ଦୃଷ୍ଟିରେ ଆସିଗଲେ। ଏମାନେ ଘୋଡ଼ା ଅଟକାଇ ସେ ବୃଦ୍ଧକୁ ପଚାରିଲେ ହେ ବୁଢ଼ା କହତ



ଦେଖି ତୁ ଯମକୁ ଦେଖିଛୁ ବୁଢ଼ା ଜାଣିଲା ଏମାନେ ଉଦଭ୍ରାନ୍ତ ମଦ୍ୟପ ଅସ୍ତ୍ରଧାରୀ ଯୁବକ ଏମାନଙ୍କର ସପକ୍ଷ କଥା ନକହିଲେ ପ୍ରାଣ ସଂଶୟ ହୋଇପାରେ, ଅଥଚ ରକ୍ଷା ପାଇବା ପାଇଁ ଏକ ଦୂରପଥର ଠିକଣା କହି ଖସିଯିବା ଭଲ। ବୁଢ଼ା କହିଲେ ମହାଭାଗ ବାବୁମାନେ ମୁଁ ଦେଖି ଆସିଲି ମୋର ପଛପଟ ପଥରେ ବହୁ ଦୂରରେ ଏକ ଆମ୍ବତୋଟା ଅଛି ସେଠାରେ ଯମ ତାଙ୍କର ପାରିଷଦଙ୍କ ସହିତ ବସି କଣ ଆଲୋଚନା କରୁଛନ୍ତି। ହଉରେ ବୁଢ଼ା ଆମେ ଯାଉଛୁ ଯମକୁ ମାରିବାକୁ ତୁ ଏ ଯମର ହାନିରେ ମରଣ ଚିନ୍ତାରୁ ନିଶ୍ଚେ ମୁକ୍ତ ହେବୁ ଆମେ ତେବେ ଆସୁଛି।

ମାର୍ଗୀ ହେଲେ ମଦ୍ୟପ ତ୍ରୟ ବୃଦ୍ଧ ଦର୍ଶିତ ପଥରେ କିଛି ବାଟ ଯାଇ ଆମ୍ବତୋଟାରେ ପହଞ୍ଚିଲେ। ସେତେବେଳେ ଅଶ୍ୱାରୋହୀ ପୋଲିଶ ଅପରାଧି ନିୟନ୍ତ୍ରଣ ଶାନ୍ତିରକ୍ଷା ପାଇଁ ସେ ଆମ୍ବତୋଟାରେ ଏକ ଡକାୟତି ଗ୍ୟାଙ୍ଗ ଏକାନ୍ତ ମନେକରି ଲୁଣ୍ଠିତ ଧନ ଅଳଙ୍କାର ସୁନା ଗଦାକରି ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ମସୁଧା ଚଳାଇବା ପାଇଁ ମସୁଧା କଲାବେଳେ ଘୋଡ଼ା ଟାପୁ ଶବ୍ଦରେ ସେ ସ୍ଥାନ ଛାଡ଼ି ପଳାଇଲେ ମାତ୍ର ଲୁଣ୍ଠିତ ଦ୍ରବ୍ୟ ସେଠାରେ ପଡ଼ିରହିଗଲା। ଏ ମଦ୍ୟପ ବାପୁଡ଼ା ମାନେ ଧନ ଦେଖି ଭେଲ ହେଲେ ଧନକୁ କେମିତି ଭୋଗ କରିବେ ଏଇ ଭାବନାରେ ଆସିଗଲେ। ବେଳକୁ ବେଳ ଧନତୃଷ୍ଣା ବଢ଼ିଲା ତେବେ ଆହୁରି ପାନ କରି ଏ ଧନକୁ ତିନି ଜଣ ବାଣ୍ଟିବା ଭାବନାରେ ଆସିଗଲେ। ପ୍ରଥମେ ଆହୁରୀ କିଛି ପିଇବା ଆବଶ୍ୟକ ଗଡ଼ା ବିଲାତି ମାଲ ପିଇବା ଆବଶ୍ୟକ। ଧୃତ ପଇସାରେ ଏକ ମୋଟ ଭାଗକୁ ଏକ ଜଣ ଅଂଶିଦାରକୁ ଦେଇ ବଜାରରୁ ମାଲ ପାଇଁ ପଠାଇ ଆଉ ଦୁଇଜଣ ଧନ ଜଗି ରହିଲେ। ଯେ ଜଗିରହିଲେ ମୁଣ୍ଡ ଆସିଲା ଏ ଧନ ତିନିଭାଗ ନକରି ଏଇ ଦୁଇଜଣ ନିଜ ଭିତରେ ବାଣ୍ଟିନେଲେ ଅଧିକ ଧନ ଭାଗ ମିଳିଯାଆନ୍ତା। ଅତଏବ ଚିନ୍ତାର ଶେଷ ପରିଣତି ତାଙ୍କର ଶେଷ ପରିଣତି ହେଲା ସେ ମଦ୍ୟ ନେଇ ଆସିଲେ ତିନିପାତ୍ର ପରସ୍ପର ସ୍ପର୍ଶ କରି ପାନ ପରେ ତାକୁ ଖଣ୍ଡା ଭୁଷି ମାରିଦେଇ ଭାଗ ଦ୍ୱିଭାଗ କରି ନେବେ। ଯେ ବଜାର ଯାଇଥିଲା ତା ମୁଣ୍ଡକୁ ଆସିଲା ମୁଁ ଏ ଧନର ଏକା ଅଧିକାରୀ କାହିଁକି ହୋଇପାରିବି ନାହିଁ। ଏ ପାଇଁ ଛଳନାରେ ସେ ଦୁଇଜଣଙ୍କ ମଦରେ ବିଷ ମିଶାଇ ଦେଇ ତାଙ୍କୁ ଅନ୍ତଃ କରିବା ବୁଦ୍ଧି ପ୍ରକଟ ହେଲା। ପର ଅବସ୍ଥାରେ ମଦ୍ୟପାନ କରିବାରେ ବିଷାକ୍ତ ମଦ୍ୟ ପ୍ରକ୍ରିୟାରେ ଦୁଇଜଣ ଖଣ୍ଡା ଭୂଷାରେ ଏକ ଜଣ ସେଠାରେ ଟଳି ପଡ଼ିଥିଲେ। ଅତଏବ ଏମାନେ ଯଥାର୍ଥରେ ସେମାନେ ଯମ ପଥରେ ଆସି ଯମଙ୍କୁ ହିଁ ଭେଟିଥିଲେ। କପଟ ଗୋଷ୍ଠୀ ଜୀବନରେ ଜଣେ କରିଲେ ଅନ୍ୟମାନେ ହିଁ ତାହା କରିବାରୁ କ୍ଷାନ୍ତ ନଥିବେ ଏହା ସବୁବେଳେ ବୁଝିବା ଦରକାର ଏହାହିଁ ଯମ ପଥର ଯାତ୍ରା।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ଦୂରଭାଷ : ୯୪୩୭୦୩୧୨୫୩**

### ମହାରାଷ୍ଟ୍ର ସସ୍‌ପେନ୍ସ ହଟିଲା

# ଆଜି ଶପଥ ନେବେ ଫଡ଼ନାବିସ



**ମୁମ୍ବାଇ, ୪।୧୨:** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦକୁ ନେଇ ଗତ ୧୨ଦିନ ହେବ ଚାଲିଥିବା ସସ୍‌ପେନ୍ସର ଅନ୍ତ ଘଟିଛି। ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଭାରତୀୟ ଜନତା ପାର୍ଟିର ଦେବେନ୍ଦ୍ର ଫଡ଼ନାବିସ। ଆଜି ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାର୍ଟିର ନେତାମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତାଙ୍କର ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେବାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ ଘଣ୍ଟା ସମୟରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାବନକୁଳ ଘୋଷଣା କରିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏ ନେଇ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଦଳକୁ ଅନେକ କସରତ କରିବାକୁ ପଡ଼ିଛି। ବିଦାୟୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଅଡ଼ି ବସିବାରୁ ନୂଆ ସରକାର ଗଠନ ବିଳମ୍ବିତ ହୋଇଥିଲେ। ଶେଷରେ ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି ହେବା ପରେ ଆଜି ମହାରାଷ୍ଟ୍ର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଦେବେନ୍ଦ୍ର ଫଡ଼ନାବିସ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ସେ ଆଜି ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିବେ। ଆଜି ବିଜେପି ବିଧାୟକ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦେବେନ୍ଦ୍ର ଫଡ଼ନାବିସଙ୍କୁ ବିଧାୟକ ଦଳ ନେତା ଭାବେ ସର୍ବସମ୍ମତିରେ ନିର୍ବାଚିତ କରାଯାଇଥିଲା। ଏହା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିଥିଲେ ଓ ଦେବେନ୍ଦ୍ର ଫଡ଼ନାବିସଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ରାଜ୍ୟର ୨୮୮ ଆସନରୁ ବିଜେପି ଏକାକି ୧୩୨ ଆସନରେ ବିଜୟୀ ହୋଇଛି। ଏହାର ସହଯୋଗୀ ଦଳ ଭାବେ ସିନ୍ଦେଙ୍କ ଶିବେସନା ୫୭ ଓ ଅଜିତ ପାୱାରଙ୍କ ଏନସିପି ୪୧ ଆସନ ହାସଲ କରିଛନ୍ତି। ଏହି ମେଣ୍ଟ ବିଧାନସଭାରେ ମୋଟ ୨୩୦ ଆସନ ହାସଲ କରିଛି।

## ମୋଦିଙ୍କ ସହ ନିଜକୁ ତୁଳନା କଲେ



**ପୁଣେ,୪।୧୨:** ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଦେବେନ୍ଦ୍ର ଫଡ଼ନାବିସ। ସେ ଡିସେମ୍ବର ୫ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସର୍ବସମ୍ମତି କ୍ରମେ ଭାଜପା ବିଧାନସଭା ଦଳର ନେତା ଭାବରେ ନିର୍ବାଚିତ ହେବା ପରେ ଫଡ଼ନାବିସ ଦଳର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଛତ୍ରପତି ଶିବାଜୀ, ଅଟଳ ବିହାରୀ ବାଜପେୟୀ ଏବଂ ଅହିଲ୍ୟାବାଇ ହୋଲକରଙ୍କୁ ମଧ୍ୟ ମନେ ପକାଇଥିଲେ। ସେ କହିଛନ୍ତି, ନରେନ୍ଦ୍ର ମୋଦି ଲଗାତାର ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ବର୍ତ୍ତମାନ ମୁଁ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବି। ସେ କହିଛନ୍ତି, ମୁଁ ବିଧାନସଭା ଦଳର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଉଛି ଯେ ଆପଣ ସମସ୍ତେ ସର୍ବସମ୍ମତି କ୍ରମେ ମୋତେ ମନୋନୀତ କରିଛନ୍ତି। ଆମର କେନ୍ଦ୍ରୀୟ ସୁପରଭାଇଜର ବିଜୟ ରୂପାନି ଏବଂ ନିର୍ମଳା ସୀତାରମଣଙ୍କୁ ମଧ୍ୟ ମୁଁ କୃତଜ୍ଞତା ଜଣାଉଛି। ଏହା ଐତିହାସିକ ନିର୍ବାଚନ ଥିଲା ଏବଂ ଏହି ନିର୍ବାଚନ ପ୍ରମାଣିତ କରିଛି ଯେ 'ଯଦି ଜଣେ ଅଛନ୍ତି, ଆମେ ସୁରକ୍ଷିତ ଏବଂ ଯଦି ମୋଦି ସେଠାରେ ଅଛନ୍ତି, ଏହା ସମ୍ଭବ'। ସେ ଆହୁରି ମଧ୍ୟ କହିଛନ୍ତି, ନ୍‌ଆମେ ହରିୟାଣା ସହିତ ଆମର ବିଜୟ ଧାରା ଆରମ୍ଭ କରିଛୁ ଏବଂ ବର୍ତ୍ତମାନ ମହାରାଷ୍ଟ୍ର ଏତେ ଦୃଢ଼ ଜନାଦେଶ ଦେଇଛନ୍ତି ଯେ ମୁଁ ମହାରାଷ୍ଟ୍ରର ଭୋଟରଙ୍କ ଆଗରେ ସମ୍ପୂର୍ଣ୍ଣ ଭାବେ ନତମସ୍ତକ। ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ଆମର ଅନ୍ୟ ସହକର୍ମୀଙ୍କୁ ଧନ୍ୟବାଦ ଦେଉଛି। ଫଡ଼ନାବିସ ଆହୁରି ମଧ୍ୟ କହିଛନ୍ତି, ଆମେ ଗର୍ବିତ ଯେ ୨୦୧୯ ପରେ କୌଣସି ବିଧାୟକ ଆମକୁ ଛାଡି ନାହାଁନ୍ତି ଏବଂ ସମସ୍ତେ ଏକାଠି ରହିଛନ୍ତି। ଆମେ ୨୦୨୨ରେ ସରକାର ଗଠନ କରିଥିଲୁ। ଆଜି ମଧ୍ୟ ମହାୟୁତିକୁ ଏକ ଐତିହାସିକ ଜନାଦେଶ ମିଳିଛି। ମୁଁ ୱାର୍ଡ ସ୍ତରର ନେତା ଭାବରେ କ୍ୟାରିୟର ଆରମ୍ଭ କରିଥିଲି ଏବଂ ବର୍ତ୍ତମାନ ମୁଁ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇପାରିଛି। ନିର୍ବାଚନ ସମୟରେ ମହାରାଷ୍ଟ୍ର ଭାଜପାକୁ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବହୁତ ସମର୍ଥନ କରିଛନ୍ତି।

## ସ୍ୱର୍ଣ୍ଣ ମନ୍ଦିରରେ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ଉପରକୁ ଗୁଳିମାଡ଼



**ନୂଆଦିଲ୍ଲୀ, ୪।୧୨:** ଶିରୋମଣି ଅକାଳୀ ଦଳ ନେତା ତଥା ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ହୋଇଛି ଗୁଳିମାଡ଼। ସ୍ୱର୍ଣ୍ଣ ମନ୍ଦିର ଫାଟକ ନିକଟରେ ଆଜି ସକାଳେ ଘଟିଛି ଏହି ଘଟଣା। ତେବେ ଶ୍ରୀ ବାଦଲ ସୁରକ୍ଷିତ ଅଛନ୍ତି। ତାଙ୍କର କିଛି ହୋଇନାହିଁ। ଗୁଳି ମାରିଥିବା ବ୍ୟକ୍ତି ଧରାପଡ଼ିଛନ୍ତି। ତାଙ୍କ ନାଁ ନାରାୟଣ ସିଂହ । ସେ ବାବର ଖାଲସା ଇଣ୍ଟରନ୍ୟାସନାଲର ଜଣେ ପୂର୍ବତନ ଆତଙ୍କବାଦୀ ବୋଲି ଜଣାପଡ଼ିଛି। ସେ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ଲକ୍ଷ୍ୟ କରି ଗୁଳି ଚଳାଇବା ପରେ ସେଠାରେ ଉପସ୍ଥିତ ସ୍ୱର୍ଣ୍ଣ ମନ୍ଦିର କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ତାଙ୍କୁ କାବୁ କରିଥିଲେ ଓ ସେ ଧରିଥିବା ପିସ୍ତଲ ଛଡ଼ାଇ ନେଇଥିଲେ। ଏହା ପରେ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ତାଙ୍କୁ ଗିରଫ କରିଛି। ୨୦୦୭ରୁ ୨୦୧୭ ମଧ୍ୟରେ ଶିରୋମଣି ଅକାଳୀ ସରକାର ସମୟରେ ଏକ ଧାର୍ମିକ ଅପବିତ୍ରୀକରଣ ମାମଲା ସହିତ ଅନ୍ୟାନ୍ୟ ଭୁଲ୍ କରି ଅକାଲ ତଖ୍ତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ଦଣ୍ଡ ସ୍ୱରୂପ ସ୍ୱର୍ଣ୍ଣ ମନ୍ଦିର ଓ ଅନ୍ୟ ଗୁରୁଦ୍ୱାରରେ ଶୌଚାଳୟ,ବାସନ ଓ ଜୋତା ସଫା କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ କୁହାଯାଇଛି। ତେବେ ତାଙ୍କ ଗୋଡ଼ ଭାଙ୍ଗିଥିବାରୁ ସେ ଦୁଇ ଦିନ ହେବ ସ୍ୱର୍ଣ୍ଣ ମନ୍ଦିରର ଫାଟକ ସମ୍ମୁଖରେ ଜଣେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ହୁଇଲ ଚେୟାରରେ ବସି ହାତରେ ଏକ ବର୍ଛା ଧରି ସେ ଏହି ସେବା କରୁଛନ୍ତି। ଆଜି ସକାଳେ ସେ ଏହି ସେବା କରୁଥିବା ବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ତେବେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁଳିଟି ତାଙ୍କ ଦେହରେ ବା ସେଠାରେ ଉପସ୍ଥିତ ଅନ୍ୟ କୌଣସି ବ୍ୟକ୍ତି ଦେହରେ ବାଜି ନଥିଲା।

## ବାପା, ମା' ଓ ଝିଅଙ୍କୁ ଛୁରି ଭୁଷି ହତ୍ୟା

**ନୂଆଦିଲ୍ଲୀ, ୪।୧୨:** ଦକ୍ଷିଣ ଦିଲ୍ଲୀର ନେବ ସରାୟରେ ଆଜି ସକାଳେ ଜଣେ ବ୍ୟକ୍ତି, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଉଛନ୍ତି - ରାଜେଶ (୫୩), କୋମଲ (୪୭) ଓ କବିତା (୨୩)। ମିଳିଥିବା ରିପୋର୍ଟ ଅନୁଯାୟୀ, ରାଜେଶଙ୍କ ପୁଅ ଆଜି ସକାଳ ପ୍ରାୟ ୫ଟା ବେଳେ ମର୍ଣ୍ଣିଂ ୱାକ୍‌ରେ ବାହାରି ଯାଇଥିଲେ। ସେ ଘରକୁ ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିଲା। ସେମାନଙ୍କୁ ସମସ୍ତଙ୍କୁ ଛୁରୀ ବା କୌଣସି ଧାରୁଆ ଅସ୍ତ୍ରରେ ଭୁଷି ଦିଆଯାଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଘରୁ କୌଣସି ଜିନିଷ ଚୋରି ହୋଇନାହିଁ କିଛି ଭଙ୍ଗାରୁଜା କରାଯାଇନାହିଁ। ମୃତ ରାଜେଶଙ୍କର ଜଣେ ପଡ଼ୋଶୀ କହିଛନ୍ତି, ତାଙ୍କ ପୁଅର ପାଟି ଶୁଣି ଆମେ ଦୌଡ଼ି ଆସିଥିଲୁ। ସେ କହିଥିଲେ ଯେ ସେ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ଫେରିବା ପରେ ତାଙ୍କ ବାପା, ମା ଓ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ଆଜି ତାଙ୍କ ବାପାମା'ଙ୍କ ବିବାହ ବାର୍ଷିକୀ ଥିଲା ବୋଲି ସେ କହିଥିଲେ। ସେମାନଙ୍କୁ ଅଭିନନ୍ଦନ ଜଣାଇବା ପରେ ସେ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ।

## କୃଷି ମନ୍ତ୍ରୀଙ୍କୁ ଚେତାଇଲେ ଉପରାଷ୍ଟ୍ରପତି
## ଚାଷୀଙ୍କ ସହ ଆଲୋଚନା, ପ୍ରତିଶ୍ରୁତି ପୂରଣ କର

**ମୁମ୍ବାଇ, ୪।୧୨:** 'ଆନ୍ଦୋଳନ କରୁଥିବା ଚାଷୀମାନଙ୍କ ସହିତ କାହିଁକି ଆଲୋଚନା କରାଯାଉନାହିଁ? ସେମାନଙ୍କୁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିର ଫଳାଫଳ କ'ଣ ହେଲା ?' ମଙ୍ଗଳବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଏଭଳି ପ୍ରଶ୍ନ ପଚାରିଥିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼। ସେତେବେଳେ ମଞ୍ଚରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ ଉପସ୍ଥିତ ଥିଲେ। ଦିଲ୍ଲୀ-ନୋଏଡା ସୀମାରେ ଚାଷୀମାନେ ପୁଣି ଥରେ ଆନ୍ଦୋଳନରେ ବସିଥିବା ବେଳେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କହି ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ କୃଷି ମନ୍ତ୍ରୀଙ୍କୁ କହିଥିଲେ, ଆପଣଙ୍କ ପୂର୍ବରୁ ଯିଏ କୃଷି ମନ୍ତ୍ରୀ ଥିଲେ, ସେ ଚାଷୀମାନଙ୍କୁ କିଛି ଲିଖିତ ପ୍ରତିଶ୍ରୁତି ଦେଇଥିଲେ କି? ଯଦି ପ୍ରତିଶ୍ରୁତି ଦିଆଯାଇଥିଲା, ତା'ହେଲେ ଏଯାବତ କାହିଁକି ପାଳନ କରାଯାଇ ନାହିଁ। ଚାଷୀଙ୍କ ଧୈର୍ଯ୍ୟ ପରୀକ୍ଷା ନ କରିବାକୁ ଚେତାବନୀ ଦେଇ ଉପରାଷ୍ଟ୍ରପତି କହିଥିଲେ ଯେ କୌଣସି ଶକ୍ତି ସେମାନଙ୍କ (ଚାଷୀଙ୍କ) ସ୍ୱରକୁ ଚପାଇ ପାରିବ ନାହିଁ। ଆମେ କ'ଣ ଚାଷୀ ଓ ସରକାରଙ୍କ ମଧ୍ୟରେ ଏକ ପାଚେରୀ ତିଆରି କରିପାରିବା ? ମୁଁ ବୁଝିପାରୁନି କାହିଁକି ଏପର୍ଯ୍ୟନ୍ତ ଚାଷୀଙ୍କ ସହିତ ଆଲୋଚନା କରାଯାଇନାହିଁ। ଏହା ତାଙ୍କୁ ଚିନ୍ତିତ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉଦାହରଣ ଦେଇ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଥିଲେ, ଆପଣ (ଶିବରାଜ ସିଂହ ଚୌହାନ) ହେଉଛନ୍ତି ଦେଶର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ। ମୋର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ କଥା ଓ ସେ କିପରି ପୂରା ଦେଶକୁ ଏକଜୁଟ କରିଥିଲେ, ସେ କଥା ମୋର ମନେ ପଡୁଛି। ସ୍ୱାଧୀନତା ପରେ ଗଡ଼ଜାତ ଅଞ୍ଚଳ ଓ ସ୍ୱାଧୀନ ରାଜ୍ୟଗୁଡ଼ିକୁ ଦେଶରେ ମିଶାଇବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା। ଆଉ ସେହି କାମକୁ ସେ ଅତି ସୁନ୍ଦର ଭାବେ ସମାପନ କରିଥିଲେ। ଆଜି ଆପଣ (ଶିବରାଜ ସିଂହ ଚୌହାନ)ଙ୍କ ସମ୍ମୁଖରେ ସେହି ଚ୍ୟାଲେଞ୍ଜ ଅଛି। କୃଷକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବା ମଧ୍ୟ ସେହିଭଳି ଗୁରୁତ୍ୱପୂର୍ଣ୍ଣ ଯେମିତି ଦେଶର ଏକତାକୁ ଅକ୍ଷୁର୍ଣ୍ଣ ରଖିବା।

# ଉପ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବେନି ସିନ୍ଦେ !

**ମୁମ୍ବାଇ,୪।୧୨:** ଡିସେମ୍ବର ୫ରେ ମୁମ୍ବାଇର ଆଜାଦ ମଇଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ କେବଳ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ଶିବସେନା ନେତା ଉଦୟ ସାମନ୍ତ ବୁଧବାର କହିଛନ୍ତି। ତେବେ ମହାରାଷ୍ଟ୍ରର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ଆଗ୍ରହୀ ନୁହଁନ୍ତି ବୋଲି ସେ ଦର୍ଶାଇଛନ୍ତି। ତେବେ ଏନ୍‌ସିପି ନେତା ଅଜିତ ପାୱାର ଆସନ୍ତାକାଲି ଶପଥ ନେବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

ଶିବସେନା ନେତା ଉଦୟ ସାମନ୍ତ କହିଛନ୍ତି ଯେ ଶିବସେନା କର୍ମୀ, ବିଧାୟକ ଏବଂ ଏମପିମାନେ ଚାହୁଁଛନ୍ତି ଯେ ଏକନାଥ ସିନ୍ଦେ ଉପ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରନ୍ତୁ। ତେବେ ଶିବସେନା ମୁଖ୍ୟ ଭାବରେ ସେ ରାଜ୍ୟ ଗସ୍ତ କରିବାକୁ ଚାହୁଁଛନ୍ତି ବୋଲି ସିନ୍ଦେ ତାଙ୍କୁ କହିଛନ୍ତି। ତେବେ ଉପ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରି ସେ ପ୍ରଶାସନର ଏକ ଅଂଶ ହୁଅନ୍ତୁ ବୋଲି ଦଳ ଚାହୁଁଛି। ସାମନ୍ତଙ୍କ ଏହି ବିବୃତ୍ତିରୁ ଜଣାପଡିଛି ଯେ ଏକନାଥ ସିନ୍ଦେ ନୂତନ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ଆଗ୍ରହୀ ନୁହଁନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମୋ ପାଖରେ ଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀମାନେ ଶପଥ ଗ୍ରହଣ କରିବା ପରେ କ୍ୟାବିନେଟ ଗଠନ ଏବଂ ବିଭାଗର ବିଭାଜନ ଉପରେ ତିନିଜଣ ମହାତ୍ମା ନେତା (ଭାଜପାର ଫଡନାଭିସ, ଶିବସେନାର ସିନ୍ଦେ



### ଶପଥ ନେବାକୁ ଅଜିତ ପ୍ରସ୍ତୁତ

ଏବଂ ଏନସିପି ଅଜିତ ପାୱାର) ନିଷ୍ପତ୍ତି ନେବେ। ଏହି ତିନି ନେତା ରାଜ୍ୟପାଳଙ୍କ ନିକଟକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିବେ।

ସାମନ୍ତ କହିଛନ୍ତି, ଏକନାଥ ସିନ୍ଦେଙ୍କ ଇଚ୍ଛାଠାରୁ ଅଧିକ, ଆମେ ୬-୬୧ ବିଧାୟକ ଚାହୁଁଛୁ ଯେ ସରକାରରେ ରହି ସିନ୍ଦେ ଆମକୁ ଆଗେଇ ନିଅନ୍ତୁ। ଏହା ଆମର ଦାବି। ଏଥିରେ କୌଣସି ସନ୍ଦେହ ନାହିଁ। ଆମେ ଶିବ ସୈନିକ, ବିଧାୟକ ଏବଂ ଏମପିମାନେ ଏହାକୁ ପୂରଣ କରିବା ଉଚିତ। ଉପ-ମୁଖ୍ୟମନ୍ତ୍ରୀ ହୋଇ ସିନ୍ଦେଙ୍କର ଇଚ୍ଛା ପୂରଣ ହେବା ଜରୁରୀ।

## ସମ୍ଭଲ ଯାତ୍ରା ବେଳେ ରାହୁଲ ଓ ପ୍ରିୟଙ୍କାଙ୍କୁ ଅଟକାଇଲା ପୁଲିସ

**ନୂଆଦିଲ୍ଲୀ, ୪।୧୨:** ଉତ୍ତରପ୍ରଦେଶର ସମ୍ଭଲରେ ଘଟିଥିବା ହିଂସାକୁ ନେଇ ରାଜନୀତି ଥମିବାର ନାଁ ଧରୁନି। ଆଜି (ବୁଧବାର) କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଧରି ସମ୍ଭଲ ଯାତ୍ରାରେ ବାହାରିଥିଲେ ମଧ୍ୟ ଏହି ଯାତ୍ରା ସଫଳ ହୋଇପାରିନାହିଁ। ରାହୁଲ ଓ ପ୍ରିୟଙ୍କାଙ୍କୁ ଦିଲ୍ଲୀ ଏବଂ ନୋଏଡା ମଧ୍ୟରେ ଥିବା ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି। ଫଳରେ ଏଠାରେ ଏକ ହାଇଭୋଲ୍ଟେଜ ଡ୍ରାମା ଦେଖିବାକୁ ମିଳିଥିଲା।

ତେବେ ପ୍ରାୟ ୨ ଘଣ୍ଟାର ଡ୍ରାମା ପରେ କଂଗ୍ରେସ ନେତାଙ୍କୁ ଦିଲ୍ଲୀ ଫେରିବାକୁ ପଡ଼ିଛି। ଏନେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ବିରୋଧୀ ଦଳର ନେତା, ତାଙ୍କର ସାମ୍ବିଧାନିକ ଅଧିକାର ଅଛି, ତାଙ୍କୁ ପୀଡିତ ପରିବାରଙ୍କୁ ଭେଟିବାକୁ ଦିଆଯିବା ଉଚିତ। ତାଙ୍କୁ ଏପରି ଅଟକାଯାଇପାରିବ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ସେ ପୁଲିସ ସହ ଏକା ପୀଡ଼ିତଙ୍କୁ ଭେଟିବାକୁ ଯିବେ, ହେଲେ ପୁଲିସ ଏଥିରେ ମଧ୍ୟ ସହମତ ନୁହଁନ୍ତି, ପୁଲିସ ନିକଟରେ କୌଣସି ଉତ୍ତର ନାହିଁ ବୋଲି କହି ବର୍ଷିଛନ୍ତି ରାହୁଲ। ଏହି ସମୟର ଏକ ଭିଡିଓ ସୋଶାଲ ମିଡିଆରେ ଶେୟାର କରିଛନ୍ତି ରାହୁଲ ଗାନ୍ଧୀ।



ଏଥିରେ ସେ ପୁଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ପୁଲିସ ସମେତ ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି। ସେପଟେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଏବଂ ଅନ୍ୟ ବରିଷ୍ଠ ନେତା ସମ୍ଭଲ ଗସ୍ତ କରୁଥିବାବେଳେ ସେମାନଙ୍କୁ ଗାଜୀପୁର ସୀମାରେ ଅଟକାଇ ଦିଆଯାଇଛି। ଘଟଣାସ୍ଥଳରେ ଆବଶ୍ୟକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଗାଜିଆବାଦ ପୁଲିସ କମିଶନର ଅଜୟ କୁମାର ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ସମ୍ଭଲରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଭାରତୀୟ ନାଗରିକ ପ୍ରତିରକ୍ଷା ଆଇନର ଧାରା ୧୬୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ସହିତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଗତ ଶନିବାର ଶେଷ ହୋଇଥିଲା, ଯାହାକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ଜିଲ୍ଲା ମାଜିଷ୍ଟ୍ରେଟ୍।

## ଛାତ୍ରଙ୍କ ମୃତ୍ୟୁର ମିଛ ଖବର ଦେଇଥିଲେ ଶିକ୍ଷକ

**ଭୋପାଳ, ୪।୧୨:** ଜୀବିତ ଛାତ୍ରଙ୍କୁ ମୃତ ଦର୍ଶାଇ ତାଙ୍କ ଶେଷକୃତ୍ୟରେ ସାମିଲ ହେବାକୁ କହି ଛୁଟି ନେଇଥିବା ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଘଟଣାଟି ଘଟିଛି ମଧ୍ୟ ପ୍ରଦେଶର ମଉଗଞ୍ଜ ଜିଲ୍ଲାରେ। ଏହି ଶିକ୍ଷକଙ୍କ ନାଁ ହୀରାଲାଲ ପଟେଲ। ସେ ଚିଗ୍ରିକା ସ୍ଥିତ ଏକ ପ୍ରାଥମିକ ସ୍କୁଲରେ ନିଯୁକ୍ତ ହୋଇଥିଲେ। ସେ ନଭେମ୍ବର ୨୭ ତାରିଖରେ ଛୁଟି ନେଇଥିଲେ। ହୀରାଲାଲ ପଟେଲ ଉପସ୍ଥାନ ଖାତାରେ ଉଲ୍ଲେଖ କରିଥିଲେ ଯେ ତୃତୀୟ ଶ୍ରେଣୀର ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେ ତାଙ୍କ ଶେଷକୃତ୍ୟରେ ଯୋଗ ଦେବାକୁ ଯାଇଥିଲେ। ତେଣୁ ସ୍କୁଲରେ ଉପସ୍ଥିତ ରହିପାରି ନଥିଲେ। ଉପସ୍ଥାନ ଖାତାରେ ଶିକ୍ଷକ ହୀରାଲା ପଟେଲ ଛୁଟି ପାଇଁ ଉଲ୍ଲେଖ କରିଥିବା କାରଣ ସଂପର୍କରେ କୌଣସି ସୂତ୍ରରୁ ଉକ୍ତ ଛାତ୍ରଙ୍କ ବାପା ଖବର ପାଇଥିଲେ। ସେ ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ତାଙ୍କ ପୁଅ ବଞ୍ଚିଛନ୍ତି ଓ ସୁସ୍ଥ ଅଛନ୍ତି। ଅଭିଯୋଗ ପାଇବା ପରେ ମଉଗଞ୍ଜ ଜିଲ୍ଲାପାଳ ଅଜୟ ଶ୍ରୀବାସ୍ତବ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହିତ ଶିକ୍ଷକ ହୀରାଲାଲ ପଟେଲଙ୍କୁ ନିଲମ୍ବନ କରିଛନ୍ତି।

### ଛୁଟି ପାଇଁ ଏତେ ବଡ଼ କାରନାମା

## ନିର୍ବାଚନ ହାରିବା ପରେ ଉଦ୍ଧବଙ୍କ ପ୍ରତ୍ୟାବର୍ତ୍ତନ ପ୍ରସ୍ତୁତି

**ମୁମ୍ବାଇ,୪।୧୨:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଉଦ୍ଧବ ଠାକରେଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା ଏବଂ ତାଙ୍କ ଦଳ ମାତ୍ର ୨୦ ଟି ଆସନ ଜିତିବାରେ ସଫଳ ହୋଇଥିଲା। ତେବେ ବର୍ତ୍ତମାନ ଲାଗୁଛି ଯେ ଶିବସେନା (ୟୁବିଟି) ସଭାପତି ଉଦ୍ଧବ ଠାକରେ ବିଧାନସଭା ନିର୍ବାଚନର ଦୁଃଖ ଭୁଲିଯାଇ ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ମଙ୍ଗଳବାର ଉଦ୍ଧବ ପୂର୍ବତନ ଦଳର କାଉନସିଲରଙ୍କୁ ଭେଟି ଆସନ୍ତା ବିଏମସି ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ଏବଂ ପ୍ରତ୍ୟେକ ଘରକୁ 'ହିନ୍ଦୁତ୍ୱ ଏଜେଣ୍ଡା' ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଉଦ୍ଧବଙ୍କ ନୂତନ ପଦକ୍ଷେପକୁ ଭାଜପା କିପରି ମୁକାବିଲା କରିବ ବୋଲି ଏବେ ପ୍ରଶ୍ନ ଉଠିଛି। ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ଅନୁଯାୟୀ, ବୈଠକରେ ଯୋଗ ଦେଇଥିବା ସୂତ୍ରରୁ ପ୍ରକାଶ ଯେ, ଉଦ୍ଧବ ଠାକରେ ପୂର୍ବତନ କାଉନସିଲରମାନଙ୍କୁ ଭାଜପା ଏବଂ ମହାୟୁତିର ବିବୃତ୍ତିକୁ ଖଣ୍ଡନ କରିବାକୁ କହିଥିଲେ ଯେ ଶିବସେନା ୟୁବିଟି ହିନ୍ଦୁତ୍ୱର ଆଦର୍ଶକୁ ପରିତ୍ୟାଗ କରିଛି। ଜଣେ ପୂର୍ବତନ କାଉନସିଲର କହିଛନ୍ତି, 'ସେ ଆମକୁ କହିଥିଲେ ଯେ ଶିବସେନା ୟୁବିଟି ସର୍ବଦା ହିନ୍ଦୁତ୍ୱ ପାଇଁ କାମ କରୁଛି ଏବଂ ଏହା ସର୍ବଦା କାମ କରିବ। କିନ୍ତୁ ବିରୋଧୀମାନେ ଏକ ମିଥ୍ୟା କାହାଣୀ ବିସ୍ତାର କରିଛନ୍ତି ଯେ ଆମେ ହିନ୍ଦୁତ୍ୱକୁ ପରିତ୍ୟାଗ କରିଛୁ।

### ଦକ୍ଷିଣ କୋରିଆରେ ରାଜନୈତିକ ହଟଚମଟ

## ୬ ଘଣ୍ଟାରେ ସାମରିକ ଆଇନ ପ୍ରତ୍ୟାହୃତ

**ସିଓଲ, ୪।୧୨:** ସାଂସଦମାନଙ୍କ ଚାପରେ ମାତ୍ର କେଇ ଘଣ୍ଟା ମଧ୍ୟରେ ସାମରିକ ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ। ମଙ୍ଗଳବାର ରାତିରେ ସେ ଟେଲିଭିଜନରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଜରିଆର ଯେଉଁ ଜରୁରୀ ପରିସ୍ଥିତି ଦୃଷ୍ଟିରୁ ସାମରିକ ଆଇନ ଜାରି କରିଥିଲେ ତାହାକୁ ମାତ୍ର କେଇ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର କରାଗଲା ବୋଲି ଆଉ ଥରେ ଘୋଷଣା କରିଛନ୍ତି। କାରଣ ତାଙ୍କର ସାମରିକ ଆଇନ ଜାରିକୁ ବିରୋଧ କରି ଦେଶର ସାଂସଦମାନେ ସେନା ଓ ବନ୍ଧୁକକୁ ନଡରି ରାତିସାରା ଏକଜୁଟ ହୋଇଥିଲେ ରାଷ୍ଟ୍ରପତିଙ୍କ ଘୋଷଣାକୁ ବିରୋଧ କରିଥିଲେ। ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ ମଙ୍ଗଳବାର ରାତିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ କହିଥିଲେ ଯେ ଗଣତାନ୍ତ୍ରିକ ଦକ୍ଷିଣ କୋରିଆ ପ୍ରତି କମ୍ୟୁନିଷ୍ଟ ଉତ୍ତର କୋରିଆ ପକ୍ଷରୁ ଭୟଙ୍କର ବିପଦ ଦେଖାଦେଇଛି। ଏଣେ ଦେଶର ବିରୋଧୀ ଦଳ ଦେଶବାସୀଙ୍କର ସୁଖ ଓ ସ୍ୱାଧୀନତା ହଡ଼ପ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ ଦେଶରେ ଜରୁରୀକାଳୀନ ସାମରିକ ଆଇନ ଲାଗୁ କରାଯାଉଛି। ୧୯୮୦ ମସିହା ପରେ ଏହା ଥିଲା ଏହି ପୂର୍ବ ଏସୀୟ ଦେଶରେ ପ୍ରଥମ ସାମରିକ ଆଇନ। ୟୁନ୍ ତାଙ୍କ ଭାଷଣରେ କହିଥିଲେ ଯେ ଦେଶର ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଦେଶବିରୋଧୀ କାର୍ଯ୍ୟରେ ସଂପୃକ୍ତ ଅଛି। ସେମାନେ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ସହିତ ସ୍ୱତନ୍ତ୍ର ତଦନ୍ତ ଆଦି ଚଳାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି। ସେମାନେ ସେମାନଙ୍କ ନେତାମାନଙ୍କୁ ନ୍ୟାୟିକ ପ୍ରକ୍ରିୟାରୁ ବାଦ ଦେବାକୁ ଚାହୁଁଛନ୍ତି। ସେମାନେ ଦେଶର ଶାସନକୁ ଅଚଳ କରିବାକୁ ଉଦ୍ୟମ କରୁଛନ୍ତି। ଏସବୁ କାରଣରୁ ଦେଶରେ ଜରୁରୀକାଳୀନ ସାମରିକ ଆଇନ ଲାଗୁ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଏପ୍ରିଲ ମାସରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦକ୍ଷିଣ କୋରିଆର ଏକସଦନ ତଥା ୩୦୦ ସଦସ୍ୟ ବିଶିଷ୍ଟ ସଂସଦରେ ବିପକ୍ଷ ଡେମୋକ୍ରାଟିକ ପାର୍ଟି ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି ଏବଂ ୟୁନ୍‌ଙ୍କ ପିପୁଲ୍ସ ପାୱାର ପାର୍ଟି ବିପୁଳ ପରାଜୟ ବରଣ କରିଛି। ମଙ୍ଗଳବାର ରାତିରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ୍ ସାମରିକ ଆଇନ ଲାଗୁ କରିବା ପରେ ରାତି ସାରା ବିରୋଧୀ ଦଳର ସାଂସଦମାନେ ଏକଜୁଟ ହୋଇ ଏହା ବିରୋଧରେ ମତ ପ୍ରଦାନ କରିଥିଲେ। ସେମାନେ ଓ ସେମାନଙ୍କ ଦଳର କର୍ମୀମାନଙ୍କ ସହିତ ଦେଶର ହଜାର ହଜାର ସାଧାରଣ ନାଗରିକ ମଧ୍ୟ ସେନା ଓ ବନ୍ଧୁକକୁ ଭୟ ନକରି ରାସ୍ତାକୁ ଓହ୍ଲାଇଥିଲେ। ପ୍ରତିବାଦ ଏତେ ଜୋରଦାର ଥିଲା ଯେ ମାତ୍ର ଛଅ ଘଣ୍ଟା ମଧ୍ୟରେ ରାଷ୍ଟ୍ରପତି ୟୁନ୍ ପୁଣି ଥରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ସାମରିକ ଆଇନ ପ୍ରତ୍ୟାହୃତ ହେଲା ବୋଲି ଘୋଷଣା କରିଥିଲେ। ସେ କହିଥିଲେ, କେଇ ମୁହୂର୍ତ୍ତ ପୂର୍ବରୁ ନ୍ୟାସନାଲ ଆସେମ୍ବ୍ଲି ସାମରିକ ଆଇନ ପ୍ରତ୍ୟାହା କରିବାକୁ ଦାବି କରିଛି। ତେଣୁ ଏହାକୁ ପ୍ରତ୍ୟାହାର କରାଗଲା ଓ ଯେଉଁ ସୈନ୍ୟମାନଙ୍କୁ ସାମରିକ ଆଇନ କାର୍ଯ୍ୟକାରୀ କରିବାକୁ ମୁତୟନ କରାଯାଇଥିଲା ସେମାନଙ୍କୁ ମଧ୍ୟ ପ୍ରତ୍ୟାହାର କରାଗଲା।



# ହରଭଜନଙ୍କ ସହ ୧୦ ବର୍ଷ ହେଲା କଥା ହୋଇନାହାନ୍ତି ଧୋନି

**ମୁମ୍ବାଇ, ୪।୧୨:** ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ପୂର୍ବତନ ସ୍ପିନର ହରଭଜନ ସିଂହଙ୍କ ମଧ୍ୟରେ ଭଲ ସଂପର୍କ ନାହିଁ। ଏ କଥା ବେଶ୍ କିଛି ବର୍ଷ ହେବ ଆଲୋଚନା ହୋଇ ଆସୁଥିବା ବେଳେ ଏବେ ଏକ ସାକ୍ଷାତକାରରେ ଏହା ସତ୍ୟ ବୋଲି କହିଛନ୍ତି ହରଭଜନ ସିଂହ।

ସେ କହିଛନ୍ତି ଯେ ପ୍ରାୟ ୧୦ ବର୍ଷ ହେଲାଣି ଧୋନିଙ୍କ ସହିତ ତାଙ୍କର ଭଲରେ କଥାବାର୍ତ୍ତା ହୋଇନାହିଁ। ଯଦିଓ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଉଭୟ ଚେନ୍ନାଇ ସୁପର କିଙ୍ଗସ ତରଫରୁ ଆଇପିଏଲ୍ ଖେଳୁଥିଲେ, ତଥାପି ସେମାନଙ୍କ କଥାବାର୍ତ୍ତା କେବଳ ଖେଳ ପଡ଼ିଆରେ ସୀମିତ ଥିଲା। ହରଭଜନ କହିଛନ୍ତି, ମୁଁ ଧୋନିଙ୍କ ସହିତ କଥା ହୁଏ ନାହିଁ। ଯେତେବେଳେ ମୁଁ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳୁଥିଲି,ସେତେବେଳେ ମଧ୍ୟ ଆମେ କଥା ହେଉ ନଥିଲୁ। ପ୍ରାୟ ୧୦ ବର୍ଷ ହେଲାଣି ଆମେ କଥାବାର୍ତ୍ତା ହେଉ ନାହୁଁ। ମୋ ପକ୍ଷରୁ କିଛି ଅସୁବିଧା ନାହିଁ। ବୋଧେହୁଏ ତାଙ୍କର କିଛି ସମସ୍ୟା ଅଛି। ମୁଁ ଜାଣିନି କାରଣ କ'ଣ। ଯେତେବେଳେ ଆମେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳୁଥିଲୁ ସେତେବେଳେ ଆମ ମଧ୍ୟରେ କଥାବାର୍ତ୍ତା କେବଳ ପଡ଼ିଆରେ ସୀମିତ ଥିଲା। ଖେଳ ପରେ ସେ ମୋ ରୁମ୍‌କୁ ଆସୁ ନଥିଲେ କି ମୁଁ ବି ତାଙ୍କ ରୁମ୍‌କୁ ଯାଉ ନଥିଲି। ଭାରତ ପାଇଁ ୧୦୩ଟି ଟେଷ୍ଟ ଓ ୨୩୬ଟି ଦିନିକିଆ ମ୍ୟାଚ୍ ଖେଳିଥିବା ସ୍ପିନର ହରଭଜନ ସିଂହ କହିଛନ୍ତି, ମୋର ତାଙ୍କ ବିପକ୍ଷରେ କିଛି କହିବାର ନାହିଁ। ଯଦି ତାଙ୍କର କିଛି କହିବାର ଅଛି, ସେ ମୋତେ କହିପାରିବେ। ମୁଁ ତାଙ୍କୁ କେବେ ଫୋନ୍ କରି ନାହିଁ। ମୁଁ କେବଳ ସେମାନଙ୍କୁ ଫୋନ୍ କରେ,ଯେଉଁମାନେ ମୋ ଫୋନ୍ ଉଠାନ୍ତି। ନହେଲେ ମୋ ପାଖରେ ସମୟ ନାହିଁ। ଯେଉଁମାନେ ମୋ ବନ୍ଧୁ, ମୁଁ ସେମାନଙ୍କ ସହିତ ସଂପର୍କରେ ରହେ। ଯଦି ମୁଁ ଆପଣଙ୍କୁ ସମ୍ମାନ କରେ, ତା'ହେଲେ ମୁଁ ଆଶା କରିବି ଯେ ଆପଣ ମଧ୍ୟ ମୋତେ ସମ୍ମାନ ଦେବେ। ଯଦି ମୁଁ ଆପଣଙ୍କୁ ଥରେ କିମ୍ବା ଦୁଇ ଥର ଫୋନ୍ କରିବି, କିନ୍ତୁ ଆପଣ ଉଠାଇବେ ନାହିଁ, ତା'ହେଲେ ଯେତିକି ଆବଶ୍ୟକ ମୁଁ ଆପଣଙ୍କୁ ସେତିକି ସମ୍ମାନ ଦେବି।

# ୧୫ ବର୍ଷ ପରେ ଇତିହାସ ରଚିଲା ବାଂଲାଦେଶ



**ଆଣ୍ଟିଗୁଆ,୪।୧୨:** ୱେଷ୍ଟଇଣ୍ଡିଜରେ ବାଂଲାଦେଶ କ୍ରିକେଟ ଦଳ ଇତିହାସ ସୃଷ୍ଟି କରିଛି। ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ୱେଷ୍ଟଇଣ୍ଡିଜକୁ ୧୦୧ ରନରେ ପରାସ୍ତ କରିଛି। ୧୫ ବର୍ଷ ପରେ ୱେଷ୍ଟଇଣ୍ଡିଜରେ ବାଂଲାଦେଶ ଜିତିଛି। ନାହିଦ ରାଣା ଏବଂ ତାଇଜୁଲ ଇସଲାମ ବାଂଲାଦେଶର ଏହି ଐତିହାସିକ ବିଜୟର ହିରୋ ଥିଲେ। ଜଣେ ପ୍ରଥମ ଇନିଂସରେ ୫ଟି ଉଇକେଟ ନେଇଥିବା ବେଳେ ଅନ୍ୟ ଜଣେ ଦ୍ୱିତୀୟ ଇନିଂସରେ ଚମତ୍କାର ଖେଳିଥିଲା। ୱେଷ୍ଟଇଣ୍ଡିଜରେ କ୍ରମାଗତ ୭ ପରାଜୟ ପରେ ବାଂଲାଦେଶ ଜିତିଛି।

ଏହି ଟେଷ୍ଟ ମ୍ୟାଚରେ ବାଂଲାଦେଶ ଦଳ ପ୍ରଥମ ଇନିଂସରେ ମାତ୍ର ୧୬୪ ରନ ସ୍କୋର କରିପାରିବ। ବାଂଲାଦେଶ ପାଇଁ ଓପନର୍ ଶ୍ୟାଡମାନ ଇସଲାମ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଜାଡେନ ସିଲ୍ସ ଭଲ ବୋଲିଂ କରିଥିଲେ। ସେ ୧୫.୫ ଓଭରରେ ମାତ୍ର ପାଞ୍ଚ ରନ ଦେଇ ୪ ଉଇକେଟ ନେଇଥିଲେ। ତେବେ ଏହାର ଜବାବରେ ୱେଷ୍ଟଇଣ୍ଡିଜ ଦଳ ଏହାର ପ୍ରଥମ ଇନିଂସରେ ୧୪୬ ରନ ସଂଗ୍ରହ କରିଥିଲା। ଆୟୋଜକ ଦଳ ପାଇଁ କେସି କାର୍ଟି ୪୦ ରନ ଏବଂ କ୍ରେଗ ବ୍ରାଥୱାଇଟ ୩୯ ରନ ସଂଗ୍ରହ କରିଥିଲେ। ନାହିଦ ରାଣା ବାଂଲାଦେଶ ପାଇଁ ୫ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ୧୮ ରନ ଅଗ୍ରଣୀ ହାସଲ କରିବା ପରେ ବାଂଲାଦେଶ ଦ୍ୱିତୀୟ ଇନିଂସରେ ୨୬୮ ରନ ସଂଗ୍ରହ କରିଥିଲା। ଷଷ୍ଠ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜାକର ଅଲି ୯୧ ରନର ଇନିଂସ ଖେଳିଥିଲେ। ତାଙ୍କ ବ୍ୟାଟରୁ ୮ ଚୌକା ଓ ୫ ଛକା ଆସିଥିଲା। ଓପନର୍ ଶ୍ୟାଡମ୍ୟାନ ଇସଲାମ ମଧ୍ୟ ୪୬ ରନ କରିଥିଲେ। କେମାର ରୋଚ ଏବଂ ଅଲଜାରି ଜୋସେଫ ୱେଷ୍ଟଇଣ୍ଡିଜ ପାଇଁ ତିନୋଟି ଉଇକେଟ ନେଇଥିଲେ।

ୱେଷ୍ଟଇଣ୍ଡିଜ ଜିତିବା ପାଇଁ ୨୮୭ ରନ ଲକ୍ଷ୍ୟ ରଖିଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ଦଳ ମାତ୍ର ୧୮୫ ରନ ସଂଗ୍ରହ କରିଥିଲା। ଏହିପରି ବାଂଲାଦେଶ ୧୦୧ ରନ୍‌ରେ ମ୍ୟାଚ ଜିତିଥିଲା। ଏଥର ତାଇଜୁଲ ଇସଲାମ ବାଂଲାଦେଶ ପାଇଁ ପାଞ୍ଚଟି ଉଇକେଟ ନେଇଥିଲେ। ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଆଖ୍ୟା ମଧ୍ୟ ଦିଆଯାଇଥିଲା।

## ବର୍ଡର-ଗାଭାସ୍କର ଟ୍ରଫି

# ଦ୍ୱିତୀୟ ଟେଷ୍ଟ ଖେଳିବେନି କୋହଲି !



**ପର୍ଥ, ୪।୧୨:** ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଚିନ୍ତା ବଢ଼ାଇବା ଭଳି ଖବର ଆସିଛି। ପର୍ଥ ଟେଷ୍ଟରେ ଦମଦାର ଶତକ ହାସଲ କରିଥିବା ବିରାଟ କୋହଲିଙ୍କ ଅଭ୍ୟାସ ବେଳର ଫଟୋକୁ ଦେଖି ସମସ୍ତେ ଚିନ୍ତାରେ ପଡ଼ି ଯାଇଛନ୍ତି। ଆଡିଲେଡରେ ପିଙ୍କ ବଲ ଟେଷ୍ଟ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ ବିରାଟ କୋହଲି ଆହତ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି।

ସାମ୍ନାକୁ ଆସିଥିବା ଗୋଟିଏ ଫଟୋରେ ବିରାଟଙ୍କ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ସାମ୍ନାକୁ ଆସିଥିବା ଭିଡିଓରେ ବିରାଟ ଥ୍ରୋର ଅଭ୍ୟାସ କରୁଥିଲେ ହେଁ ଠିକ ଭାବେ ଚାଲି ପାରୁ ନଥିବାରୁ ଦେଖାଯାଉଛି। ଆସନ୍ତା ୬ରୁ ଆଡିଲେଡରେ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରାଟଙ୍କ ଆଣ୍ଠୁ ପାଖରେ ପଡ଼ିଥିବା ବ୍ୟାଣ୍ଡେଜ କେତେ ଗୁରୁତର ସେକଥା ଜଣାପଡ଼ିନି।

ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ, ଅଭ୍ୟାସ ବେଳେ ବିରାଟ ସମ୍ଭବତଃ ଆଣ୍ଠୁର ସାମାନ୍ୟ ତଳକୁ ସମସ୍ୟା ଅନୁଭବ କରିଥିଲେ। ଏଥିପାଇଁ ମେଡିକାଲ ଟିମ ତାଙ୍କର ଯାଞ୍ଚ କରିଥିଲା। ତଥାପି ସେ ସମସ୍ୟାରୁ ନ ମୁକୁଳିବାରୁ ଆଣ୍ଠୁର ସାମାନ୍ୟ ତଳକୁ ବ୍ୟାଣ୍ଡେଜ କରିବାକୁ ପଡ଼ିଛି। ଅଭ୍ୟାସ ସେସନ୍ସ ସମୟରେ ବିରାଟଙ୍କ ଆଣ୍ଠୁରେ ବ୍ୟାଣ୍ଡେଜ କରାଯାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଡାହାଣ ଆଣ୍ଠୁ ପାଖରେ ବ୍ୟାଣ୍ଡେଜ କରିବା ପରେ ବିରାଟ ଥ୍ରୋର ଅଭ୍ୟାସ କରିଥିଲେ। ତେବେ ସେ ଚାଲିବାରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି।

ପର୍ଥ ଟେଷ୍ଟରେ ବିରାଟ ଶତକ ମାରି ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି। ତେଣୁ ସେ ବର୍ତ୍ତମାନ ଭାରତର ପ୍ରମୁଖ ବ୍ୟାଟିଂ ଅସ୍ତ୍ର। ଏପରି ସ୍ଥିତିରେ ସେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆହତ ସମସ୍ୟାରେ ପଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇଛି। ଗୋଟିଏ ପଟେ ବିରାଟ ଆହତ ସମସ୍ୟାରେ ପଡ଼ିଥିବା ବେଳେ ଅନ୍ୟପଟେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦଳକୁ ନିୟମିତ ଅଧିନାୟକ ରୋହିତ ଶର୍ମା ଫେରିବା ମଧ୍ୟ ବଡ଼ କଥା। ଆଜି ସେ ଆଡିଲେଡରେ ବେଶ କିଛି ଘଣ୍ଟା ଧରି ଅଭ୍ୟାସ କରିଛନ୍ତି। ତଥାପି କୋହଲି ଯଦି ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଫିଟ ନ ହେବେ, ତା'ହେଲେ ଏହା ଦଳ ପାଇଁ ଶକ୍ତ ଝଟକା ସଦୃଶ ହେବ।

# ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡକୁ ଦଣ୍ଡିତ କଲା ଆଇସିସି

**ନୂଆଦିଲ୍ଲୀ, ୪।୧୨:** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାକୁ ଆଶା ରଖିଥିବା ନ୍ୟୁଜିଲ୍ୟାଣ୍ଡକୁ ବଡ଼ ଝଟକା ଲାଗିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଧିମା ଓଭର ରେଟ ପାଇଁ କ୍ୱିୱି ଟିମକୁ ଆଇସିସି ଦଣ୍ଡିତ କରିଛି। ମ୍ୟାଚ ଫି' ସହ ଆଇସିସି ନ୍ୟୁଜିଲ୍ୟାଣ୍ଡର ଡବ୍ଲ୍ୟୁଟିସି ପଏଣ୍ଟକୁ ମଧ୍ୟ କାଟି ଦେଇଛି। ନ୍ୟୁଜିଲ୍ୟାଣ୍ଡ ୩ ପଏଣ୍ଟ ହରାଇବାରୁ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଖସି ଯାଇଛି। ଶ୍ରୀଲଙ୍କା ୫୦% ବିଜୟ ପ୍ରତିଶତ ପଏଣ୍ଟ ସହ ୪ର୍ଥକୁ ଉଠିଛି।

ନ୍ୟୁଜିଲ୍ୟାଣ୍ଡର ପଏଣ୍ଟ କଟିଥିବାରୁ ଏହା ଭାରତ ପାଇଁ ଭଲ ଖବର। ବର୍ତ୍ତମାନ ୬୧.୧୧ ବିଜୟ ପ୍ରତିଶତ ପଏଣ୍ଟ ସହ ଭାରତ ତାଲିକାର ୧ ନଂରେ ରହିଛି। ୪୭.୯୨ ପଏଣ୍ଟ ପାଇଥିବା ନ୍ୟୁଜିଲ୍ୟାଣ୍ଡ ଚଳିତ ଡବ୍ଲ୍ୟୁଟିସି ସାଇକେଲରେ ସର୍ବାଧିକ ୫୫.୩୬ ପଏଣ୍ଟ ପାଇପାରିବ। ଇଂଲଣ୍ଡ ବିପକ୍ଷ ଦୁଇଟି ଯାକ ଟେଷ୍ଟ ଜିତିଲେ ଦଳକୁ ଏପରି ପଏଣ୍ଟ ମିଳିବ। ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୮ ୱିକେଟରେ ଜିତିଥିଲା। ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକା(୫୯.୨୬), ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ(୫୭.୨୬) ଓ ୪ର୍ଥ ସ୍ଥାନରେ ଶ୍ରୀଲଙ୍କା(୫୦) ରହିଛି। ଧିମା ଓଭର ରେଟ ପାଇଁ ଇଂଲଣ୍ଡ ମଧ୍ୟ ଦଣ୍ଡିତ ହୋଇଛି। ଆଇସିସିର ଦଳର ୩ ପଏଣ୍ଟ ହ୍ରାସ କରିଛି। ହେଲେ ଇଂଲଣ୍ଡ ଡବ୍ଲ୍ୟୁଟିସି ଫାଇନାଲ ଦୌଡ଼ରୁ ବାଦ ପଡ଼ିଥିବାରୁ ଦଳ ଉପରେ ପଏଣ୍ଟ ହ୍ରାସର ପ୍ରଭାବ ସେତେଟା ପଡ଼ିବ ନାହିଁ। କିନ୍ତୁ ନ୍ୟୁଜିଲ୍ୟାଣ୍ଡ ଫାଇନାଲ ଦୌଡ଼ରେ ଥିବାରୁ ପଏଣ୍ଟ ହ୍ରାସ ଦଳକୁ ଶକ୍ତ ଝଟକା ଦେଇଛି।

ଆଇସିସି ପକ୍ଷରୁ କୁହାଯାଇଛି ଯେ ଆସନ୍ତା ବର୍ଷ ଲର୍ଡରେ ହେବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟଶିପ ଫାଇନାଲରେ ନୂଆ ଟ୍ୱିଷ୍ଟ ଆସିଛି। କାରଣ ଖ୍ରୀଷ୍ଟଚର୍ଚ୍ଚରେ ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଧିମା ଓଭର ରେଟ ପାଇଁ ଉଭୟ ଟିମ ଦଣ୍ଡିତ ହୋଇଛନ୍ତି। ଉଭୟ ଟିମର ମ୍ୟାଚ୍ ଫି' ୧୫% ଲେଖାଏ କଟିଛି। ସେହିପରି ଉଭୟ ଟିମ ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ ଲେଖାଏ ହରାଇଛନ୍ତି ବୋଲି ଆଇସିସି କହିଛି।



# ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଗୋଆ ଟିମ୍‌ରୁ ବାଦ୍



**ମୁମ୍ବାଇ, ୪।୧୨:** କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କୁ ପୁଣି ବଡ଼ ଝଟକା ଲାଗିଛି। କ୍ରମାଗତ ଖରାପ ପ୍ରଦର୍ଶନ ପାଇଁ ତାଙ୍କୁ ପୁଣିଥରେ ଗୋଆ ଟିମରୁ ବାଦ ଦିଆଯାଇଛି। ବର୍ତ୍ତମାନ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ଗୋଆ ଟିମର ଚୂଡ଼ାନ୍ତ ଏକାଦଶରେ ନିଜକୁ ସାମିଲ କରିବାକୁ ସମର୍ଥ ହୋଇପାରି ନାହାନ୍ତି।

ଗୋଆ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପୂର୍ବ ମ୍ୟାଚ୍‌ରେ କେରଳକୁ ଭେଟିଥିବା ବେଳେ ଅର୍ଜୁନଙ୍କୁ ଏଥିରେ ସୁଯୋଗ ମିଳି ନଥିଲା। ଲାଗୁଥିଲା ମଙ୍ଗଳବାର ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ନଜର ଆସିବେ। ହେଲେ ବାମହାତୀ ଦ୍ରୁତ ବୋଲିଂ ଅଲରାଉଣ୍ଡର ଅର୍ଜୁନଙ୍କୁ ଗୋଆ ଆଜି ମଧ୍ୟ ଚୂଡ଼ାନ୍ତ ଏକାଦଶରେ ରଖି ନାହିଁ। ନିକଟରେ ଅର୍ଜୁନ ତେନ୍ଦୁଲକରଙ୍କୁ ଆଇପିଏଲ ମେଗା ଅକ୍ସନ ବେଳେ ମୁମ୍ବାଇ ଇଣ୍ଡିଆନ୍ସ ବେସ ପ୍ରାଇସ ୩୦ ଲକ୍ଷ ଟଙ୍କା ବଳରେ ନିଜ ସହ ସାମିଲ କରିଥିଲା। ହେଲେ ଟି-୨୦ ଫର୍ମାଟରେ ଖେଳା ଯାଉଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ସୁଯୋଗ ନ ପାଇବାରୁ ତାଙ୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଅର୍ଜୁନ ଗୋଆ ପାଇଁ ପ୍ରଥମ ମ୍ୟାଚ୍ ମୁମ୍ବାଇ ବିପକ୍ଷ ଖଳିଥିଲେ। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୪୮ ରନ ଦେଇଥିଲେ। ସେହପରି ବ୍ୟାଟିଂରେ କେବଳ ୯ ରନ କରିପାରି ଥିଲେ। ଗୋଆ ମଧ୍ୟ ବଡ଼ ପରାଜୟ ବରଣ କରିଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଜୁନ ସର୍ଭିସେସ ବିପକ୍ଷରେ ୩ ଓଭର ବୋଲିଂ କରି ୧୯ ରନ ଦେଇଥିଲେ। କିନ୍ତୁ ତାଙ୍କୁ ୱିକେଟ ମିଳି ନଥିଲା। ତୃତୀୟ ମ୍ୟାଚ୍‌ରେ ସେ ଆନ୍ଧ୍ର ବିପକ୍ଷରେ ୩.୪ ଓଭରରେ ୩୬ ରନ ଖର୍ଚ୍ଚ କରି ଗୋଟିଏ ବି ୱିକେଟ ପାଇ ନଥିଲେ। ୪ର୍ଥ ମ୍ୟାଚ୍ ଗୋଆ କେରଳ ବିପକ୍ଷରେ ଖେଳିଥିଲେ ହେଁ ପୁଣି ହାରିଥିଲା। ଅର୍ଜୁନ ଆଜି ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଖେଳୁ ନଥିବା ବେଳେ ଗୋଆ ୪ ୱିକେଟରେ ମ୍ୟାଚ୍ ଜିତିଛି। ଗୋଆ ସୟଦ ମୁସ୍ତାକ ଅଲୀ ଟ୍ରଫିର ପ୍ରଥମ ୪ଟି ଯାକ ମ୍ୟାଚ୍ ହାରିଥିବା ଗୋଆ ଆଜି ପ୍ରଥମଥର ବିଜୟ ସ୍ୱାଦ ଚାଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱ ଦେଖିଲା ...

ଏହି ନୂଆ ପରିବର୍ତ୍ତିତ ଧାରାର ସର୍ବୋତ୍ତମ ଉଦାହରଣ ପ୍ରଦାନ କରିଛନ୍ତି। ନୌସେନା ଦିବସ ଅବସରରେ ଆଜି ଶ୍ରୀକ୍ଷେତ୍ରରୁ ବିଶ୍ୱ ଦେଖିଲା ଭାରତୀୟ ଜଳଶକ୍ତିର ପରାକ୍ରମ। ପୁରୀ ଉପକୂଳରେ ପ୍ରାୟ ଦେଢ଼ଘଣ୍ଟା ସାମର୍ଥ୍ୟ ଦେଖାଇଲା ନୌସେନା। ଯୁଦ୍ଧ ଜାହାଜ ଓ ବିମାନର ଗର୍ଜନରେ ରୋମାଞ୍ଚିତ ହେଲେ ଦର୍ଶକ। ବେଳାଭୂମିରେ ସୃଷ୍ଟି ହେଲା ଯୁଦ୍ଧର ଭ୍ରମ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଜପତି ଦିବ୍ୟସିଂହ ଦେବ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂଦେଓ, ରାଜ୍ୟର ସବୁ ମନ୍ତ୍ରୀ, ବିଧାୟକ, ଏକାଧିକ କେନ୍ଦ୍ରମନ୍ତ୍ରୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କେ ତ୍ରିପାଠି, ସ୍ଥଳ ଓ ବାୟୁ ସେନା ମୁଖ୍ୟଙ୍କ ସମେତ ଅଗଣିତ ଜନତା ଯୁଦ୍ଧ କୌଶଳ ଦେଖି ଅଭିଭୂତ ହୋଇପଡ଼ିଛନ୍ତି। ୧୫ ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ ଓ ୩୫ ଶହରୁ ଅଧିକ ନୌବୀରଙ୍କ ଦୁର୍ଦ୍ଧର୍ଷ ରଣକୌଶଳ ଦେଖି ଚକିତ ହୋଇଛନ୍ତି ଜନତା। ଓଡ଼ିଆ କମାଣ୍ଡର ରାହୁଲ ପଟ୍ଟନାୟକଙ୍କ ନେତୃତ୍ୱରେ ସବ୍‌ମେରିନ୍ ଆଇଏନ୍‌ଏସ୍ ଶଲ୍-କୀ ପରାକ୍ରମ ଦେଖାଇବା ପରେ ଆରମ୍ଭ ହୋଇଥିଲା ଶୌର୍ଯ୍ୟ, ସାହସ, ସମନ୍ୱୟର ଅଭୂତପୂର୍ବ ପ୍ରଦର୍ଶନ। ରାଷ୍ଟ୍ରପତି ତଥା ୩ ସେନାର କମାଣ୍ଡର-ଇନ-ଚିଫ୍ ଦ୍ରୌପଦୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ପରେ କମ୍ପି ଉଠିଥିଲା ବ୍ଲୁ ଫ୍ଲାଗ୍ ବିଚ୍। ସମୁଦ୍ରର ଘୋ' ଘୋ' ଶବ୍ଦକୁ ଚିରି ଆକାଶରୁ ଶୁଭିଥିଲା ବିମାନର ଗୁରୁଗର୍ଜନ। ଚିତାକର୍ଷକ ଫ୍ଲାଏପାଷ୍ଟ ସହ ବମ୍ ବର୍ଷା ମାନୁଏଭର ଦେଖାଇଥିଲେ ୫ ହକ୍ ବିମାନ। ଏହାପରେ ୩ଟି ଚେତକ ହେଲିକପ୍ଟର ବ୍ୟାନର ଫର୍ମେସନରେ ସଗର୍ବେ ଉଡ଼ାଇଥିଲେ ଜାତୀୟ ପତାକା ଓ ଭାରତୀୟ ନୌସେନାର ଧ୍ୱଜା। ସାମରିକ ଦକ୍ଷତା ଦେଖାଇଥିଲା ସମୁଦ୍ରର ଅଥଳ ଗର୍ଭରେ ଲୁଚି ରହୁଥିବା ବୁଡ଼ା ଜାହାଜ ଆଇଏନ୍‌ଏସ୍ ଶଲ୍-କୀ। ଏହାର ନେତୃତ୍ୱ ନେଇଥିଲେ କମାଣ୍ଡର ରାହୁଲ ପଟ୍ଟନାୟକ। ଏହା ପରେ ଦେଖିବାକୁ ମିଳିଥିଲା ଦୁର୍ଦ୍ଧର୍ଷ ମାରିନ କମାଣ୍ଡୋ-ମାର୍କସ୍‌ର ଜଲୱା। ଲୋକଲୋଚନରୁ ସର୍ବଦା ଦୂରେଇ ରହୁଥିବା ଭାରତର ଏହି ଏଲିଟ୍ ସ୍ପେଶାଲ ଫୋର୍ସର ଯୋଦ୍ଧାମାନେ ଦେଖାଇଥିଲେ ରଣକୌଶଳ। ଆତଙ୍କୀଙ୍କ କବ୍ଜାରୁ ନିରୀହଙ୍କୁ ଉଦ୍ଧାର କରିବାର ଡେମୋ ଚକିତ କରିଥିଲା ମାର୍କସ୍‌ଙ୍କ କାରନାମା ପରେ ଦେଖିବାକୁ ମିଳିଥିଲା ଆମ୍ଫିବିଅସ୍ ଡେମୋ। ବେଳାଭୂମିରେ ଘର୍ଘର ନାଦ କରି ଛୁଟିଥିଲେ ଯୁଦ୍ଧ ଟ୍ୟାଙ୍କ। ଉଭୟ ଜଳ, ସ୍ଥଳ ଓ ଆକାଶରେ ୩ ସେନା ସମନ୍ୱୟ ରଖି କିଭଳି କରନ୍ତି ଅପରେସନ, ତା'ର ଚାକ୍ଷୁସ ପ୍ରମାଣ ପାଇଥିଲେ ଅଗଣିତ ଦର୍ଶକ ଓ ଅତିଥି। ଏହାପରେ ପୁଣି ଆକାଶରେ ଦିଶିଥିଲା ସଶସ୍ତ୍ର ମାର୍କସଙ୍କ କରିସ୍ମା। ତ୍ରିରଙ୍ଗା ଓ ଅନ୍ୟ ରଙ୍ଗୀନ ପାରାସୁଟରେ ୨୪ ହଜାର ଫୁଟ୍ ଉଚ୍ଚତାରୁ କରିଥିଲେ କମ୍ବାଟ୍ ଫ୍ରି ଫଲ। ଆକାଶରୁ ଖସି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ ସୁନ୍ଦର ସ୍ମୃତିର ଉପହାର।ପ୍ରଦର୍ଶିତ ହୋଇଛି ହେଲୋ ଲ୍ୟାଣ୍ଡିଂ ଡେମୋ, ଆଞ୍ଜେଲ୍ ଡେମୋ, ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁର ଡେମୋ ଭଳି ବିଭିନ୍ନ କୌଶଳ। ଆଇଏନ୍‌ଏସ୍ ଜଲସା, ମିଜାଇଲ୍ ଡେଷ୍ଟ୍ରୋୟର ଆଇଏନ୍‌ଏସ୍ ଦିଲ୍ଲୀ, ଆଇଏନ୍‌ଏସ୍ ଶକ୍ତି, ଆଇଏନ୍‌ଏସ୍ ସରୟୁ, ଆଇଏନ୍‌ଏସ୍ ଅରିହନ୍ତ, ଆଇଏନ୍‌ଏସ୍ ସାତପୁରା ସମେତ ପରାକ୍ରମ ଦେଖାଇଛନ୍ତି ହକ, ସି-କିଙ୍ଗ, ମିଗ୍-୨୯ ଓ ଡ୍ରୋନିୟର ଭଳି ଏୟାରକ୍ରାଫ୍ଟ ଏବଂ ଚେତକ, ଏମ୍‌ଏସ୍-୬୦ ହେଲିକପ୍ଟର। ନୌସେନା ଦିବସର ପରବର୍ତ୍ତୀ ପର୍ଯ୍ୟାୟରେ ଆସିଥିଲା ପରଂପରା ପ୍ରଦର୍ଶନର ବେଳ। ମନମୁଗ୍ଧ କରିଥିଲା ହର୍ଣ୍ଣ ପାଇପ ଡାନ୍ସ। ସଞ୍ଜ ନଇଁ ଆସୁଥାଏ, ସମୁଦ୍ର ଭିତରୁ ଅନ୍ଧାର ମାଡ଼ି ଆସୁଥାଏ। ହେଲେ ଦର୍ଶକଙ୍କ ମନରେ ବଢ଼ି ଚାଲିଥାଏ ଉତ୍ସାହ ଓ ଉତ୍ସୁକତା। ଅଚାନକ ଅଗ୍ନିବର୍ଷାରେ ଝଲସି ଉଠିଲା ଆକାଶ।ଏମ୍‌ଏସ୍-୬୦ ଆର୍ ହେଲିକପ୍ଟର ଦେଖାଇଥିଲା ଫ୍ଲେୟାର ଫାୟାରିଂ ଦକ୍ଷତା।

ଏହାପରେ ମିଗ୍‌୨୯କେ, ଆଣ୍ଟି ସବମରିନ ରକେଟ୍ ଫାୟାରିଂ ଓ ଅନ୍ତିମ ପର୍ଯ୍ୟାୟରେ ସମସ୍ତ ବିମାନର କମ୍ପୋଜିଟ୍ ଫ୍ଲାଏପାଷ୍ଟ ଦେଖିବାକୁ ମିଳିଥିଲା ଆକାଶରେ। ଏହାସହିତ ଆକର୍ଷଣୀୟ ଲେଜର ଶୋ', ଡ୍ରୋନ ଶୋ', ଆତସବାଜୀ ମନ ମୋହିଥିଲା। ଶେଷରେ ବିଟିଂ ରିଟ୍ରିଟ, ଧ୍ୱଜାବତରଣ ଓ ସେରିମନିଆଲ ସନସେଟ ସହ ଆଜି ମହୋଦଧିରେ ଅସ୍ତ ଯାଇଥିଲା ରକ୍ତିମ ସୂର୍ଯ୍ୟ। ଏଥର ନୌସେନା ଦିବସରେ ଥିମ୍ ଥିଲା 'ଉଦ୍ଭାବନ ଓ ସ୍ୱଦେଶୀକରଣ ଦ୍ୱାରା ଶକ୍ତି ଓ ସାମର୍ଥ୍ୟ'। ପୁରୀରେ ପ୍ରଥମ କରି ଆୟୋଜିତ ନୌସେନା ଦିବସର କାର୍ଯ୍ୟକ୍ରମ ଦେଖିବାକୁ ଲକ୍ଷଲକ୍ଷ ଜନସମାଗମ ହୋଇଥିଲା। ଦିଗବାରେଣୀ ଖୁଣ୍ଟିଠାରୁ ବଳିଆପଣ୍ଡା ପର୍ଯ୍ୟନ୍ତ ପ୍ରବଳ ଗହଳି ହୋଇଥିଲା।

## ୨୦ ବର୍ଷ ...

ପୋଲାଭରମ ପ୍ରକଳ୍ପ କଥା ଏବଂ ସର୍ବୋପରି ମାଲକାନଗିରିର ଆଦିବାସୀଙ୍କ କଥା ମନେ ପଡୁଛି। ପୋଲାଭରମ ପ୍ରକଳ୍ପକୁ ନେଇ ବିଜେଡିର ଡବଲ ଷ୍ଟାଣ୍ଡାର୍ଡ ପଦାରେ ପଡ଼ିଯାଇଛି। ୨୦୦୪ରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ଯେତେବେଳେ ଜାତୀୟ ପ୍ରକଳ୍ପର ମାନ୍ୟତା ମିଳିଲା ସେତେବେଳେ ବିଜେଡି ରାସ୍ତାକୁ ଓହ୍ଲାଇନଥିଲା। ଉପା ସରକାର ସହ ସାଲିସ କରି ପ୍ରକଳ୍ପକୁ ଟେବୁଲ ତଳେ ହେବାକୁ ଛାଡିଦେଲା। କେବଳ ଉପରଠାଉରିଆ ଭାବେ ବିରୋଧ କରୁଥିଲା। ରାଜନୈତିକ ସମୀକ୍ଷକଙ୍କ ଅଭିଯୋଗ ମହାନଦୀ ବିବାଦରେ ଯେମିତି ବିଜେଡିର ଆଭିମୁଖ୍ୟ ସନ୍ଦେହଜନକ ଥିଲା, ପୋଲାଭରମ ପ୍ରସଙ୍ଗରେ ମଧ୍ୟ ବିଜେଡି ଦୋମୁହାଁ ନୀତି ଆପଣେଇଛି। ଆଉ ବିଜେଡିର ନେତୃତ୍ୱ ବିଶେଷ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଦାୟୀ କରାଯାଉଛି।ଯେଉଁ ସମୟରେ ବିଜେଡି ପାଖରେ ଲୋକସଭାରେ ୧୯ ସାଂସଦ ଓ ରାଜ୍ୟସଭାରେ ୯ଜଣ ସାଂସଦ ଥିଲେ, ସେତେବେଳେ ବିଜେଡି ଏହି ପ୍ରସଙ୍ଗକୁ ନେଇ ସଂସଦରେ ହଲ୍ଲାବୋଲ କଲାନାହିଁ। ନବୀନଙ୍କ କିଛି ତଥାକଥିତ ପରାମର୍ଶଦାତାଙ୍କ ମନ୍ତ୍ରଣାରେ ସାଂସଦମାନେ ତୁଣ୍ଡରେ ତୁଣ୍ଡି ବାନ୍ଧି ବସିଲେ। ଆଇନଗତ ଲଢେଇ ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା ତାହା ମଧ୍ୟ ସରକାରୀ ପ୍ରୋତ୍ସାହନ ଅଭାବରୁ ଫସର ଫାଟିଗଲା। ଆନ୍ଧ୍ରର ଟିମ ଆସି ମାଲକାନଗିରିରେ ସର୍ଭେ କରି ଡିପିଆର ଦେଇ ପ୍ରକଳ୍ପର ଉଚ୍ଚତା ବଢ଼ାଇଲେ। ଓଡିଶାରେ କିନ୍ତୁ ସେମାନଙ୍କୁ ସେତେବେଳେ ବିରୋଧ କରାଯାଇନଥିଲା। ଏବେ ବିଜେଡି ପାଖରେ ଜଣେ ହେଲେ ଲୋକସଭା ସାଂସଦ ନାହାଁନ୍ତି। କେବଳ ସାତ ଜଣ ରାଜ୍ୟସଭା ସାଂସଦ ଓ କିଛି ହାରୁ ନେତାଙ୍କୁ ନେଇ ରାଜନୈତିକ ହଟଚମଟ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି। ନବୀନ ପଟ୍ଟନାୟକ ଗଠନ କରିଥିବା ପୋଲାଭରମ କମିଟିର ମୁଖ୍ୟ ଥିଲେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ତାଙ୍କ ସହ ଦେବୀ ମିଶ୍ର, ପ୍ରଦୀପ ମାଝୀ ଓ ଭୃଗୁ ବକ୍ସିପାତ୍ର ନିକଟରେ ମାଲକାନଗିରି ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ରିପୋର୍ଟ ଦାଖଲ ବେଳକୁ କମିଟିର ମୁଖ୍ୟ ଅତନୁଙ୍କ ଦେଖା ଦର୍ଶନ ନାହିଁ।

ଅତନୁ କୌଣସି ବ୍ୟକ୍ତିଗତ କାରଣରୁ ଯାଇନାହାଁନ୍ତି ନା ଏଥିରେ କିଛି ରାଜନୀତି ରହିଛି, ତାକୁ ନେଇ ଚର୍ଚ୍ଚା ହେଉଛି। ସବୁଠୁ ବଡ କଥା ହେଲା ପୋଲାଭରମ ଲଢେଇର ନେତୃତ୍ୱ କାହିଁକି ନିଜେ ନବୀନ ପଟ୍ଟନାୟକ ନେଉନାହାଁନ୍ତି। କମିଟି ମାଲକାନଗିରି ଯାଇ ଅନୁଧ୍ୟାନ କଲା ଆଉ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ଅନୁସୂଚିତ ଜନଜାତି କମିଶନ ଅଧ୍ୟକ୍ଷ ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ସଚିବଙ୍କୁ ସ୍ମାରକପତ୍ର ଦେଲା। ଯଦି ବିଜେଡି ରାଜ୍ୟ ସ୍ୱାର୍ଥ ପାଇଁ ଏତେ ବ୍ୟାକୁଳ ତେବେ ନିଜେ ନବୀନ କାହିଁକି ମୈଦାନକୁ ଓହ୍ଲାଉନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ସଂସାର...

ନେବାର କିଛି ଦିନ ଭିତରେ ସେ ଦିଲ୍ଲୀରେ ଧର୍ମେନ୍ଦ୍ରଙ୍କୁ ଭେଟି ଫଟୋ ସୋସିଆଲ ମିଡିଆରେ ଛାଡିଲେ। ସେଇ ଭେଟଘାଟର ଆଉ କିଛି ମାସ ପରେ ଆଉ ଥରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ୨୦୨୪ ନିର୍ବାଚନ ଫଳାଫଳ ଘୋଷଣା ହେବାର ଛଅ ମାସ ମଧ୍ୟରେ ଅଚ୍ୟୁତ ଏମିତି ଦୁଇ ଥର ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିସାରିଲେଣି। ଗତ ସରକାରରେ ମଧ୍ୟ ଧର୍ମେନ୍ଦ୍ର ପ୍ରଦାନ ଶିକ୍ଷା ମନ୍ତ୍ରୀ ଥିଲେ, ଆଉ ଏବେ ପୁଣି ଥରେ ଶିକ୍ଷା ବିଭାଗ ଦାୟିତ୍ୱରେ ଅଛନ୍ତି। ଅଚ୍ୟୁତ ପୂର୍ବରୁ ବିଜେଡିର ସାଂସଦ ଥିବା ବେଳେ ଅନେକ ଥର ଦିଲ୍ଲୀ ଯାଇଛନ୍ତି। ସଂସଦରେ ବିଭିନ୍ନ ଆଲୋଚନାରେ ବି ଭାଗ ନେଇଛନ୍ତି। କିନ୍ତୁ ସେତେବେଳେ ତାଙ୍କୁ ଧର୍ମେନ୍ଦ୍ରଙ୍କୁ ଭେଟିବାକୁ ସମୟ ହେଉନଥିଲା। ଏବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିବାକୁ ଏତେ ତରତର ଓ ଉତ୍କଣ୍ଠା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସାଢେ ତିନି ବର୍ଷରେ ଥରୁଟିଏ ଭେଟିଲେନି, ଏବେ ଛଅ ମାସରେ ଦୁଇ ଦୁଇ ଥର ଭେଟିବାକୁ ନେଇ ସାଧାରଣରେ ଆଲୋଚନା ହେଉଛି ଏହା ଭାବକୁ ନିକଟ, ଅଭାବକୁ ଦୂର ପରିସେହିଭଳି ବିଜେଡିରେ ଥିବା ବେଳେ ଏକଦା ସେ କହୁ କହୁ ଭୁଲ୍‌ରେ କହିଦେଇଥିଲେ ଯେ, ତାଙ୍କ ସିରା 'ପରିସ୍ରାରେ' ପାଣ୍ଡିଆନ୍। ଏବେ ଧର୍ମେନ୍ଦ୍ରଙ୍କ ପ୍ରତି ତାଙ୍କ ବଢୁଥିବା ଭାବକୁ ଦେଖିଲେ ଲାଗୁଛି ବୋଧହୁଏ ତାଙ୍କ ଧମନୀରେ ଧର୍ମେନ୍ଦ୍ର ପ୍ରଧାନ। ରାଜନୀତିରେ ନେତାମାନେ ପଟ୍ଟ ପରିବର୍ତ୍ତନ କରିବା କିଛି ନୂଆ ନୁହେଁ। ହେଲେ ସନ୍ୟାସୀ ପ୍ରୋଙ୍କ ସଂସାର ମୋହ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ବିଜେପି ତାଙ୍କର ଆକର୍ଷଣ ନା ବ୍ୟାବସାୟୀକ ସ୍ୱାର୍ଥ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ସିଜର ବ୍ରାଉନ...

ଗାଏବ କରାଯାଇଛି ? ଯଦି ଗାଏବ ହୋଇଛି ତେବେ ଏଥିପାଇଁ ଦାୟୀ କିଏ ? ୨୦୨୦ରୁ ଆଜି ଯାଏଁ ଓଡ଼ିଶା ପୋଲିସ, କମିଶନରେଟ ପୋଲିସ, ଅବକାରୀ ବିଭାଗ ଓ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୮୦ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରାଯାଇଛି। ଆସନ୍ତା ମେ ୩୧ ସୁଦ୍ଧା ସମସ୍ତ ଫୋରେନସିକ ରିପୋର୍ଟ ଦାଖଲ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନଷ୍ଟ କରାଯିବା ସମୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ଉପସ୍ଥିତିରେ ଭିଡ଼ିଓଗ୍ରାଫି କରାଯିବ। ଯଦି ସେମାନେ ଅନୁପସ୍ଥିତ ରୁହନ୍ତି, ତେବେ ଅଦାଲତ ନିଶା ସାମଗ୍ରୀ ନଷ୍ଟ କରିବା ପାଇଁ ଆଦେଶନାମା ଦେଇପାରିବେ। ୨୦୧୬ ମସିହାରେ କୋର୍ଟ ମାଲଖାନାରେ ପଡ଼ିରହିଥିବା ବ୍ରାଉନସୁଗରକୁ ତୁରନ୍ତ ନଷ୍ଟ କରିବା ବିଭିନ୍ନ ରାଜ୍ୟକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ। କିନ୍ତୁ ହାତସଫେଇ ନ ହେବା ଭୟରେ ଏହି ଗାଇଡଲାଇନ ଲାଗୁ କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ମହାରାଷ୍ଟ୍ର ...

ସୁନ୍ଦରଗଡର ପୂର୍ବତନ ଜିଲ୍ଲାପାଳ ଓ ତାଙ୍କର ମହାରାଷ୍ଟ୍ର ଗଡ଼ଫାଦର ରହିଥିବାକୁ କମ୍ପାନୀ ଏଭଳି ଲାଭ ପାଇଛି। ଏପରିକି କରୋନା କାଳରେ କମ୍ପାନୀକୁ କୋଟି କୋଟି ଟଙ୍କା ଦିଆଯାଇଛି। ବର୍ତ୍ତମାନ ସେହି ଜିଲ୍ଲାପାଳ ମହାଶୟ ନାହାନ୍ତି। ଗଡ଼ଫାଦର ବି ଆଉ ଫାଦର ପାହ୍ୟାରେ ନାହାନ୍ତି। ତେଣୁ ବର୍ତ୍ତମାନର ବାବୁମାନେ କାଠଗଡ଼ାକୁ ଟଣାହେବା ଏକ ପ୍ରକାର ଥୟ। ଖଣି ଅଞ୍ଚଳର ବିକାଶ ପାଇଁ ଥିବା ଖଣିଜ ପାଣ୍ଠିକୁ ଯେଉଁଭଳି ଚଳୁ କରାଯାଇଛି ତାହାର ତଦନ୍ତକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରିବାପାଇଁ ମତପ୍ରକାଶ ପାଉଛି।

## ପୋଲିସ...

ବି ଥିଲେ ନାଛୋଡବନ୍ଧା। ସାମ୍ପ୍ରଦିକ ନାଁରେ ହାତରେ ମୋବାଇଲ ଖଣ୍ଡେ ଖଣ୍ଡେ ଧରି ବୁଲୁଥିବା କିଛି ଲୋକ ସକାଳୁ ପହଞ୍ଚି ଯାଇଥିଲେ ଜାଗା ଉପରେ। ପକେଟରେ କିଛି ମାଲ ପୁରାଇ ଆରମ୍ଭ କରିଥିଲେ କାମଳ ସାମ୍ପ୍ରଦିକତା। ଦୁଇପକ୍ଷର ଝଗଡ଼ା ଭିତରେ ପହଞ୍ଚିଥିଲା ପୋଲିସ। କିନ୍ତୁ ଦୁଃଖର ବିଷୟ ହେଉଛି ସବୁ ଦେଖି ମଧ୍ୟ ଚୁପ ହୋଇ ଛିଡ଼ାହୋଇଥିଲେ ଖାକି ବାବୁ। ପାଚେରୀ ଉଠିବା ପରେ ଗଣ୍ଡଗୋଳ ଚରମ ସୀମାରେ ପହଞ୍ଚିବା ଦେଖି ଦୁଇପକ୍ଷକୁ ଥାନାକୁ ନେଇଥିଲା ପୋଲିସ। ଗଣ୍ଡଗୋଳ ନକରିବା ସହ ଜମି ପାଖକୁ ନଯିବା ପାଇଁ ଦସ୍ତଖତ ମଧ୍ୟ ନେଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ପୋଲିସ କେବେଠାରୁ ରାଜଧାନୀରେ ଜମି ପୋଜେସନ ଦେଉଛି ? ପାୱାରଫୁଲ ଲୋକଙ୍କ ଆଗରେ କାହିଁକି ଚୁପ ରହୁଛି କମିଶନରେଟ ପୋଲିସ ? ନାଁ ଚୁପ ରହିବା ପାଇଁ ବଡ଼ ଧରଣର କାରବାର ହେଉଛି ? ଏ ସମସ୍ତ ଘଟଣା ବର୍ତ୍ତମାନ ତଦନ୍ତ ସାପେକ୍ଷ।

## ଚାରି ମେଡିକାଲ...

ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ପରିବେଶ ମଂଜୁରି ପାଇଁ ଆବେଦନ କରିନାହାଁନ୍ତି। ତେଣୁ ଏହି ତିନି ମେଡିକାଲ କଲେଜକୁ ପରିବେଶ ମଂଜୁରି ପ୍ରଦାନ କରାଯାଇନଥିଲା। ତେବେ ଯାଜପୁରର ଯଜାତୀ କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ପରିବେଶ ମଂଜୁରିକୁ ପରିବେଶ ପୋର୍ଟାଲରେ ପ୍ରତ୍ୟାହାର କରିନିଆଯାଇଛି।

# ଶିକ୍ଷକଙ୍କ ବଦଳି ଦାବିରେ ରାସ୍ତା ରୋକ

## ନେତାଙ୍କ ଚାପରେ ଚେପା ଶିକ୍ଷା ବିଭାଗ



**ନୟାଗଡ଼,୪।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରବ୍ଲକ କେନ୍ଦୁଡିପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ରୋଚକ ସ୍ଥିତି ଦେଖାଦେଇଛି । ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଉତ୍ତମ ବେହେରା ଦୀର୍ଘବର୍ଷ ଧରି ଉକ୍ତ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ମନମୁଖୀ କାର୍ଯ୍ୟ କରୁଛନ୍ତି । ଯାହାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଶଙ୍ଖେଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନ୍ ବଦଳି କରାଯାଇଥିଲା । ଗତ ଅକ୍ଟୋମ୍ବର ୨୯ ତାରିଖରେ ବଦଳି ନିର୍ଦ୍ଦେଶ ଆସିଥିବା ବେଳେ ୪ ତାରିଖରେ କେନ୍ଦୁଡିପି ବିଦ୍ୟାଳୟ ପ୍ରଧାନଶିକ୍ଷକ ତାଙ୍କୁ ରିଲିଫ କରିବା ପାଇଁ ଚିଠି କରିଥିଲେ । ମାତ୍ର ଶିକ୍ଷୟିତ୍ରୀ ହ୍ୱାଟସ୍ ଆପ୍ ଗ୍ରୁପରେ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯାହାକୁ ନେଇ ପ୍ରଧାନଶିକ୍ଷକ ତାଙ୍କୁ ପୋଷ୍ଟାଲ ମାଧ୍ୟମରେ ରିଲିଫ ଅର୍ଡର ପ୍ରଦାନ କରିଥିବା ବେଳେ ଉକ୍ତ ବିଦ୍ୟାଳୟ ଛାଡ଼ିବା ପାଇଁ ଶିକ୍ଷୟିତ୍ରୀ ରାଜି ନାହାନ୍ତି। ଶିକ୍ଷୟିତ୍ରୀଙ୍କ ସମ୍ପର୍କୀୟ ବିଜେପି ନେତାଙ୍କ ଦ୍ୱାରସ୍ଥ ହୋଇ ଶିକ୍ଷା ବିଭାଗ ଉପରେ ଚାପ ସୃଷ୍ଟି କରୁଥିବା ନେଇ ଗ୍ରାମବାସୀ ଗତ ୧୧ ତାରିଖରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇଥିଲେ । ତଥାପି ଶିକ୍ଷା ବିଭାଗ କୌଣସି ଗୁରୁତ୍ୱ ନଦେଇ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରାଯାଇଥିବାରୁ ଆଜି ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଓ ଅଭିଭାବକ ନୟାଗଡ଼ ରଣପୁର ରାସ୍ତା ଅବରୋଧ କରିଛନ୍ତି । ବିଜେପି ନେତାଙ୍କ ଚାପରେ ଶିକ୍ଷା ବିଭାଗ ଚେପା ହୋଇ ଏଭଳି କାଣ୍ଡ କରୁଥିବା ଅଭିଯୋଗ ହୋଇଛି । ଯେ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ନକରାଯାଇଛି, ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି । ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ବେଳେ ଇଟାମାଟି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛି । ଲୋକମାନେ ଜିଦରେ ଅଟଳ ରହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ବିରୋଧ କରୁଥିବାରୁ ମିଛରେ ଶିକ୍ଷୟିତ୍ରୀ ବିଦ୍ୟାଳୟ କମିଟି ନାଁରେ ଇଟାମାଟି ଥାନାରେ ଏକ ଅଭିଯୋଗ କରିଥିଲେ । ଇଟାମାଟି ପୁଲିସ ଏକ ମାମଲା ରୁଜୁ କରିଥିଲା । ଯାହାକୁ ନେଇ ବିଦ୍ୟାଳୟ କମିଟି ଓ ଗ୍ରାମବାସୀ ଉତକ୍ଷୀପ୍ତ ଅବସ୍ଥାରେ ରହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ବଦଳି ସହ ମାମଲା ପ୍ରତ୍ୟାହାର ପାଇଁ ଦାବି ରଖିଛନ୍ତି । ଶିକ୍ଷା ବିଭାଗର କୌଣସି ଅଧିକାରୀ ପହଞ୍ଚି ନଥିବା ସୂଚନା ମିଳିଛି । ରାସ୍ତା ରୋକ ହୋଇଥିବା ଖବର ପାଇବା ପରେ ଘଟଣାସ୍ଥଳରେ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଏସଡ଼ିପିଓ ସୁଦର୍ଶନ ଗାଙ୍ଗୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ, ଇଟାମାଟି ଆଇଆଇସି ଜଗଦିଶ କର ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ପରେ ରାସ୍ତା ରୋକ ହଟିଥିବା ସୂଚନା ମିଳିଛି ।

## ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ଯୁଗାନ୍ତକାରୀ ନିଷ୍ପତ୍ତି

**ନବରଙ୍ଗପୁର,୪।୧୨(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହାକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କର ନିର୍ଦ୍ଦେଶରେ ଗଠିତ ଟାସ୍କ ଫୋର୍ସ ଆସନ୍ତା ଅଳ୍ପ ଦିନ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଓ ତୃଣମୂଳ ରିପୋର୍ଟ ରାଜ୍ୟ ସରକାର ଙ୍କୁ ପ୍ରଦାନ କରିବ। ଏହିପରିଷଦ ଦ୍ୱାରା ସବୁ କ୍ଷେତ୍ରରେ ଅବହେଳିତ ଓ ପଛୁଆ ରହିଥିବା ଦକ୍ଷିଣ ଓଡିଶାର ସର୍ବାଙ୍ଗୀନ ବିକାଶ ହେବ । ଏହି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ, ଜଳସେଚନ, ପରିବହନ, କୃଷି, ଶିଳ୍ପ, ପର୍ଯ୍ୟଟନ ର ବିଶେଷ ଉନ୍ନତି ହୋଇପାରିବ । ଏହା ସହିତ ଏହି ଦକ୍ଷିଣ ଓଡିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ପରମ୍ପରା ର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇପାରିବ । ଏହି ଅଞ୍ଚଳର ଖଣିଜ ସମ୍ପଦ ର ସଦୁପଯୋଗ ହେବ । ପରିଷଦର ଅଧ୍ୟକ୍ଷ ଭାବରେ ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ତଥା ଉମରକୋଟ ର ବିଧାୟକ ନିତ୍ୟାନନ୍ଦ ଗଣ୍ଡ,ଓ ସଦସ୍ୟ ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଙ୍କୁ ନିଯୁକ୍ତି ଦିଆଯିବା ସବୁଠାରୁ ଉଲ୍ଲେଖନୀୟ ବିଷୟ । ଏଥିପାଇଁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଉଛି ।

## ଶ୍ରେଣୀ ଗୃହରେ ଫ୍ୟାନ ଖସିପଡିବାରୁ ଶିକ୍ଷୟିତ୍ରୀ ଆହତ



**ଉମରକୋଟ,୪।୧୨(ସଂଚାର ବ୍ୟୁରୋ):** ଶ୍ରେଣୀ ଗୃହର ଛାତ ଉପରୁ ଫ୍ୟାନ ଖସି ଶିକ୍ଷୟିତ୍ରୀ ଆହତ ଏହିଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ଅଧୀନ କଣ୍ଡେଆଗୁଡା ଗ୍ରାମର ପ୍ରାଥମିକ ସ୍କୁଲରେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାୟ ପିଲାଙ୍କୁ ଡ୍ରେସ ବାଣ୍ଟିବା ସମୟରେ ଶ୍ରେଣୀ ଗୃହର ଛାତରୁ ଫ୍ୟାନ ଖସି ଶିକ୍ଷୟିତ୍ରୀ ଙ୍କ ମୁଣ୍ଡ ଉପରେ ପଡିଥିଲା ଏବଂ ମୁଣ୍ଡର ବାମ ପାଖରେ ଆଘାତ ଲାଗିଥିବା ସୂଚନା ମିଳିଛି। ପ୍ରଧାନ ଶିକ୍ଷୟିତ୍ରୀ ହଠାତ ତଳେ ବସିପଡି ଚିତ୍କାର କରିବାରୁ ଅନ୍ୟ ସହଯୋଗୀ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ ଏବଂ ପ୍ରଥମେ ଫ୍ୟାନରୁ ବିଦ୍ୟୁତ ସଂଯୋଗ ବନ୍ଦ କରିଥିଲେ ଏବଂ ଆହତ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକଙ୍କ ସହାୟତାରେ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇଥିଲେ। ଫ୍ୟାନ ଛାତରୁ ଖସିବା ସମୟରେ କୌଣସି ପିଲା ଆହତ ହୋଇ ନାହାନ୍ତି। ପିଲାମାନେ ପାଠ ପଢୁଥିବା ଶ୍ରେଣୀ ଗୃହର ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି ଅନେକ ସମୟରେ ଛାତରୁ କଂକ୍ରିଟ ଖସୁଛି ଏବଂ ଛାତର ଅନେକ ସ୍ଥାନରେ ଫାଟ ହୋଇ ରହିଛି ବିଦ୍ୟାଳୟ ର ସେହି ଗୋଟିଏ ଶ୍ରେଣୀ ଗୃହ ରହିଛି, ଗୋଟିଏ ଶ୍ରେଣୀରେ ୮୫ ପିଲା ବସି ପାଠ ପଢୁଛନ୍ତି ଅଧା ପଡ଼ିରହିଥିବା ଦୁଇଟି ଶ୍ରେଣୀ ଗୃହକୁ ସମ୍ପୂର୍ଣ୍ଣ କରାଯାଉ ନାହିଁ ଅନ୍ୟପଟେ ଜରି ପାଲ ଘେରା ରୋଷେଇ ଗୃହରେ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଉଛି ଅନେକ ଦିନରୁ ଶ୍ରେଣୀ ଗୃହ ଓ ରୋଷେଇ ଗୃହ ପାଇଁ ପ୍ରଶାସନ କୁ ଦାବି ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସ୍ଥାନୀୟ ୱାର୍ଡ ମେମ୍ବର।

## ଖୋର୍ଦ୍ଧା ମହୋତ୍ସବକୁ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ



**ଖୋର୍ଦ୍ଧା,୪।୧୨(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ସଂଗଠନ ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଆୟୋଜିତ ଖୋର୍ଦ୍ଧା ମହୋତ୍ସବ ଚଳିତ ଡିସେମ୍ବର ମାସ ୧୫ ରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଳୀ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ମହୋତ୍ସବ ଅନୁଷ୍ଠିତ ହେଲେ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ବହୁ ସଂଖ୍ୟାରେ ଜନ ସମାଗମ ସହିତ, ଉଚ୍ଚ ସ୍ୱରରେ ମାଇକ ବାଜିବା ଯୋଗୁଁ ଏବଂ ବୁଲା ବେପାରୀ ମାନେ ଯାତାୟାତ ପଥ ଅବରୋଧ କରି ନିଜ ପସରା ମେଲାଇବା ଦ୍ୱାରା ସେହି ବାଟ ସ୍ଥାନୀୟ ବାସିନ୍ଦାଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। ଏପରିକି ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ସେବା ବାହିନୀର ଗାଡି ଯାଇ ପାରୁନାହିଁ। ମୁଣ୍ଡ ଉପରେ ଛାତ୍ରଛାତ୍ରୀ ମାନଙ୍କ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଥିବାରୁ ଏବଂ ବିଶେଷ କରି ସେହି ଅଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକ, ଛୋଟ ପିଲା, ହୃଦରୋଗୀ ମାନଙ୍କର କ୍ଷେତ୍ରରେ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଉଚ୍ଚ ସ୍ୱରରେ ମାଇକ ଏବଂ ବିଭିନ୍ନ ବାଦ୍ୟ ଯନ୍ତ୍ର ବାଜିବା ଦ୍ୱାରା ସେହି ଅଞ୍ଚଳର ବାସିନ୍ଦା ଶାନ୍ତିରେ ଶୋଇ ପାରୁନାହାଁନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ନିଜ ଘରକୁ ଫେରିବା ପାଇଁ ଆଧାର କାର୍ଡ ଭଳି ପରିଚୟ ପତ୍ରକୁ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ନିୟୋଜିତ ଯୁବକ ମାନଙ୍କୁ ଦେଖାଇବାକୁ ବାଧ୍ୟ ହେଉଛନ୍ତି। ବାହାରୁ ଆସୁଥିବା ବ୍ୟବସାୟୀ ମାନଙ୍କ ନିମନ୍ତେ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ପରିସ୍ରା ଓ ଶୌଚ ପାଇଁ କୌଣସି ବ୍ୟବସ୍ଥା କରାଯାଉନଥିବା ବେଳେ ସେମାନେ ବାଧ୍ୟ ରାସ୍ତା କଡରେ ଏବଂ ଜନବସତି ଅଞ୍ଚଳରେ ପରିସ୍ରା ମଳ ତ୍ୟାଗ କରିବା ଦ୍ୱାରା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

## ବନ୍ଦର ବିରୋଧରେ ପୁଣି ଜନ ଅସନ୍ତୋଷ ତେଜୁଛି

### ଜନ ଶୁଣାଣିରେ ବନ୍ଦରକୁ ବିରୋଧ କରିବା ପାଇଁ ଜନ ଜାଗରଣ ଅଭିଯାନ



**ବାଲିଆପାଳ,୪।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ଚଳିତ ମାସ ୧୭ ତାରିଖ ହେବାକୁ ଥିବା ଜନ ଶୁଣାଣିରେ ବନ୍ଦରକୁ ବିରୋଧ କରି ଭିଟାମାଟିକୁ ସୁରକ୍ଷା ଦେବା ପାଇଁ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଏକ ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି। ଏହି କାର୍ଯ୍ୟକ୍ରମରେ ପରିବେଶବିତ ତଥା ଗ୍ରୀନ ନୁବେଲ ପୁରସ୍କାର ପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଯୋଗ ଦେଇ ଜମ୍ବିରାଇ ପଞ୍ଚାୟତର ବାଲିବିଲ ଗ୍ରାମ ଠାରୁ ଏହି ଜନ ଜାଗରଣ ଅଭିଯାନ ଆରମ୍ଭ କରି ଚଉମୁଖ ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭେଟି ଜଙ୍ଗଲ ଜମି ଆଇନ ଓ ବନ୍ଦର ହେଲେ ପରିବେଶ କିପରି ନଷ୍ଟ ହେବ ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପରିଶେଷରେ ଚଉମୁଖ ଗ୍ରାମରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ କୁମାର ଜେନାଙ୍କ ସଭାପତିତ୍ୱ ରେ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପରିବେଶବିତ ଶ୍ରୀ ସାମନ୍ତରା,ସିପିଆଇଏମ ନେତା ଜୟନ୍ତ ଦାସ, ବାଲେଶ୍ୱର ସିଭିଲ ସୁସାଇଟିର ସମ୍ପାଦକ ମନୋଜ ନାୟକ,ରମା ଚୌଧୁରୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରେ କହିଥିଲେ ଯେ ଉର୍ବର ତିନି ଫସଲି ଜମିରେ ସରକାର ବନ୍ଦର ନିର୍ମାଣ ପାଇଁ ଅନୁମତି ଦେବା ଉଚିତ ନୁହେଁ, ଯଦି ଅଗଣତାନ୍ତ୍ରିକ ଭାବରେ ବନ୍ଦର ନିର୍ମାଣ କରାଯାଏ ତାହା ହେଲେ ଆଇନ ର ଆଶ୍ରୟନେଇ ବନ୍ଦରକୁ ବିରୋଧ କରାଯିବ। ଏହି ସଭାରେ ୨ଶହରୁ ଅଧିକ ଭିଟାମାଟି ସୁରକ୍ଷା କମିଟିର ସକ୍ରିୟ ସଦସ୍ୟ ଯୋଗ ଦେଇ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ବଜ୍ର ଶପଥ ନେଇଥିଲେ। ଜୀବନର ଶେଷ ରକ୍ତ ବିନ୍ଦୁ ଥିବାଯାଏ ଲଢେଇ ଜାରି ରହିବ ବୋଲି ମଧ୍ୟ କହିଥିଲେ। ପରି ଶେଷରେ ତୀର୍ଥ କୁମାର ନାଗ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବାଲିଆପାଳ ପଞ୍ଚାଯତ ସମିତିର ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ସହିତ ଭିଟାମାଟି ସୁରକ୍ଷା କମିଟିର ଅନ୍ୟ ସଦସ୍ୟ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଆବାସ ଯୋଜନାର ନୂତନ ହିତାଧିକାରୀ ଚିହ୍ନଟ ତାଲିମି ଶିବିର



**ରାଜକନିକା,୪।୧୨(ସଂଚାର ବ୍ୟୁର):** ରାଜକନିକା ବ୍ଲକ ଅନ୍ତର୍ଗତ ୨୯ଟି ପଞ୍ଚାୟତ କାର୍ଯ୍ୟାଳୟରେ ଗତ ସୋମବାର ଠାରୁ ଆଜି ବୁଧବାର ପର୍ଯ୍ୟନ୍ତ ଏହି ତିନି ଦିନ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର( ଗ୍ରାମୀଣ )ନୂତନ ହିତାଧିକାରୀ ଚିହ୍ନଟ ତାଲିମି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ରାଜକନିକା ବିଡ଼ିଓ ଅଶୋକ କୁମାର ଦେହୁରୀ ଓ ବ୍ଲକ ପ୍ରକଳ୍ପ ସଂଯୋଜକ (ଗ୍ରାମୀଣ ଆବାସ ଯୋଜନା)ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ ଉପସ୍ଥିତ ରହି ଆବାଆସପ୍ଲସ-୨୦୨୪ ଆପ ମାଧ୍ୟମରେ କେମିତି ଯୋଗ୍ୟ ହିତାଧିକାରୀ ମାନେ ଚୟନ ହେବା ସହିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ମାନେ କେମିତି ସର୍ଭେ କରିବେ ସେହି ବିଷୟରେ ଆଲୋଚନା କରିଥିଲେ। ଏହି କର୍ମଶାଳରେ ବ୍ଲକର ବିପିସି,ଏପିଓ,ଜୁନିର ଇଂଜିନିୟର,ପିଓ,ଏଡିଓ ମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏବଂ ବ୍ଲକ ପକ୍ଷରୁ ଟ୍ରେନିଂ ପାଇଥିବା ଅଧିକାରୀ ମାନେ ପ୍ରତେକ ଗ୍ରାମପଞ୍ଚାୟତ ରେ ସମସ୍ତ ଜନସାଧାରଣ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଆଗକୁ ହେବାକୁ ଥିବା ସର୍ଭେ ରେ କେମିତି ହିତାଧିକାରୀ ନିଜେ ସର୍ଭେ କରିପାରିବେ,ଏବଂ କ୍ଷେତ୍ର କର୍ମଚାରୀ ମାନେ ଗ୍ରାମ କୁ ଯାଇ ସର୍ଭେ କରିବେ, ଏହି ସର୍ଭେ ରେ ସାମିଲ ହେବାକୁ ହେଲେ କଣ ସବୁ ପ୍ରମାଣ ପତ୍ର ଦରକାର ସେହି ବିଷୟରେ ରେ ବୁଝାଇଥିଲେ।

## ବୁଡ଼ିବାକୁ ବସିଛି ଚିନାବାଦାମ ଚାଷ



**କାକଟପୁର/ଅସ୍ତରଙ୍ଗ,୪।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେଇ ପ୍ରବାହିତ ଦେବୀ ନଦୀ ତଟବର୍ତ୍ତୀ ପଂଚାୟତର ଦୋରସା ରୁ ବାଲିଆ କିସମ ଏକର ଏକର ଜମିରେ ଅର୍ଥକାରୀ ଚିନାବାଦାମ ଚାଷ ହେଉଥିଲା। ଏବେ କୃଷି ବିଭାଗର ଉଦାସୀନତା ଯୋଗୁଁ ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ତାଳଦା, ନଈଗୁଆଁ, ଛୁରିଆନା, ଶିଶୁଆ, ନୂଆଗଡ଼,ସୁଦିକେଶର,ଝାଡ଼ଲିଙ୍ଗ, ଓସିଆଁ ଆଦି ଗ୍ରାମ ମାନଙ୍କ ରେ ଚାଷୀ ମାନେ ପୂର୍ବରୁ ଚିନାବାଦାମ ଚାଷ କରୁଥିବା ବେଳେ କିଛି ବର୍ଷ ହେବ ଆଉ ଚାଷ କରୁନାହାନ୍ତି। ଉଲ୍ଲେଖ ଯୋଗ୍ୟ କିଛି ବର୍ଷ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ବିହନ ଯୋଗାଇ ଦିଆଯାଇନଥିବା କୃଷିବିଭାଗ ପକ୍ଷରୁ ସୂଚନା ମିଳିଛି। ଯେଉଁ ବ୍ଲକରେ ଏକଦା ୪ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଥିଲା ତାହା କିଛି ବର୍ଷ ହେବ ୨୫ହେକ୍ଟର ଜମିରେ ସୀମିତ ରହିଛି। ଅନ୍ୟ ପଟେ ଚିନାବାଦାମ ଚାଷ ପାଇଁ ଉର୍ବର ମୃର୍ତ୍ତିକା ଥିବା ନଦୀ ପଠା ନଗର, ଆଳସାହି, ତାଳଦା ସମେତ ଆଦି ପଂଚାୟତ ର ଚାଷୀମାନେ କୃଷି ବିଭାଗ ପକ୍ଷରୁ ବିହନ ମିଳୁନଥିବାରୁ ନେଇ ଚାଷୀଙ୍କ ମଧ୍ୟରେ ଅଶୋନ୍ତସ ଦେଖିବାକୁ ମିଳିଛି। ଅପରପକ୍ଷେ ପରିବର୍ତ୍ତିତ ଜଳବାୟୁ ଓ ମାଟିର ଉର୍ବରତା ହ୍ରାସ ସହିତ ପ୍ରଶାସନିକ ଅବହେଳା ଅଣଦେଖା ଯୋଗୁଁ ଏହି ଚାଷ ବୁଡି ଯିବାକୁ ବସିଛି। ଚାଷୀ କହିବା ଅନୁଯାୟୀ ୧୦ବର୍ଷ ତଳେ ଏହି ଚାଷରୁ ପର୍ଯ୍ୟାପ୍ତ ଲାଭ ମିଳୁଥିଲା। ଗୁଣ୍ଠ ପ୍ରତି ହଳ, ବିହନ, ସାର, ଔଷଧ ଶହ ସମସ୍ତ ଖର୍ଚ୍ଚ ୫ଶହ ଟଙ୍କା ମଧ୍ୟରେ ହେଉଥିବା ବେଳେ ଚାଷୀ ୨୫ଟଙ୍କା ଟଙ୍କା ଅର୍ଥ ପାଉଥିଲା। ଟ୍ରକ ଟ୍ରକ ଚିନାବାଦାମ କଟକ ମାଲଗୋଦାମ କୁ ଯାଉଥିଲା। ଏହି ଚାଷ ଚାଷୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରୁଥିଲା। ଏବେ ଆଉ ସେ ଦିନ ନାହିଁ। ନଗର ପଂଚାୟତର କୈଳାଶ ବେହେରା କହିବାନୁଯାୟୀ ବିହନ, ସାର, ଔଷଧ ସମସ୍ତ ଖର୍ଚ୍ଚ ଯାଇ ଲାଭ ୨ ଗୁଣା ହେଉଥିଲା। ସରକାରୀ ପ୍ରୋତ୍ସାହନ ମଧ୍ୟ ମିଳୁଥିଲା। ଆମ ଅଞ୍ଚଳର ଉର୍ବର ମୃତ୍ତିକା ରେ ଚିନାବାଦାମ ଚାଷ ଲାଭ ହୋଇଥାଏ। ଏହି ଚାଷ ଆମର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରୁଥିବା ବେଳେ ୫ରୁ ୭ବର୍ଷ ହେବ ଚାଷୀ ଏହି ଚାଷରୁ ମୁହଁ ଫେରାଇବା ଆରମ୍ଭ କରିଛି।

## ଜେଲଗଲେ ୨ ଗଞ୍ଜେଇ ବେପାରୀ



**ବାଲିଅନ୍ତା,୪।୧୨(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ କୋରା ଗଞ୍ଜେଇ କାରବାର ମାମଲାରେ ଆଜି ୨ ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଗଞ୍ଜେଇ ବେପାରୀ ଦ୍ୱୟ ହେଲେ ପୁରୀ ଜିଲ୍ଲା ପିପିଲି ଥାନା ଅଧୀନ ମାଣିକଦେଇପୁର ଗ୍ରାମର ଅଶୋକ ବରାଳ (୩୬) ଏବଂ ଉକ୍ତ ଥାନା ଅଧୀନ ଭବାନିପୁର ଗ୍ରାମର ଶେଖ ସକିଲ ( ୪୪)। ତେବେ କୋର୍ଟରେ ଉଭୟ ଅଶୋକ ଏବଂ ସକିଲ ଜାମିନ ଖାରଜ ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶମତେ ସମ୍ପୃକ୍ତ ଥାନାର ଏକ ସ୍ୱତନ୍ତ୍ର ଟିମ କାକରୁଦ୍ରପୁର କେନାଲ ରାସ୍ତାରେ ଅତର୍କିତ ଚଢଉ କରି ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଜରି ବସ୍ତାରେ ଥିବା ମୋଟ ୨୧ କିଲୋଗ୍ରାମ ୭୦୦ ଗ୍ରାମ ଓଜନର ଗଞ୍ଜେଇ, ଗୋଟିଏ କାର ଏବଂ ଦୁଇଟି ମୋବାଇଲ ଫୋନ ଜବତ କରିଥିଲେ ।

## ସଜେଇ ହେଉଛି ପାହାଡି ଇଲାକା ଦଣ୍ଡାବାଡ଼ ଇକୋ




**ବୋରିଗୁମ୍ମା,୪।୧୨(ସଂଚାର ବ୍ୟୁର):** ପର୍ଯ୍ୟଟନ ଋତୁରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ହେଉଛି ଦଣ୍ଡାବାଡ଼ ଇକୋ-ଟୁରିଜିମ। ସେଥିପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ରାଜ୍ୟ ରାଜଧାନୀ ଓ ପଡୋଶୀ ଆନ୍ଧ୍ର,ଛତିଶଗଡ ରୁ ମଧ୍ୟ ବହୁ ପର୍ଯ୍ୟଟକ ଚମ୍ପାପଦର ପଞ୍ଚାୟତ ସ୍ଥିତ ଦଣ୍ଡାବାଡ଼ ଇକୋ -ଟୁରିଜିମକୁ ଛୁଟି ଆସନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଆଦିବାସୀ ଅଧ୍ୟଷିତ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ ବିକାଶର ସ୍ରୋତ ଦେଖିବାକୁ ମିଳିଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଚେଷ୍ଟାରେ ସମ୍ଭବ ହୋଇପାରିଛି ଉପାନ୍ତ ଅଞ୍ଚଳର ପାହାଡି ଇଲାକାର ବିକାଶ। ବୋରିଗୁମ୍ମା ବ୍ଲକ ଚମ୍ପାପଦର ପଞ୍ଚାୟତର ଦଣ୍ଡାବାଡ଼ ଗ୍ରାମ, ପର୍ଯ୍ୟଟନସ୍ଥଳର ବିକାଶ ଏବେ ଶିଖର ଛୁଇଁଛି। ଯାହାକୁ ନେଇ ଏବେ ବୋରିଗୁମ୍ମା ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ପୂର୍ବରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ସ୍ଥାନରେ ତତ୍କାଳୀନ ପ୍ରଶାସନିକ ସ୍ତରର ତୂଳୀ ଅଙ୍କିତ ହୋଇଛି । ଯାହାଦ୍ୱାରା ଏହି ସ୍ଥାନ ଏବେ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଗଣିତ ହେଉଛି । ବୋରିଗୁମ୍ମା ବ୍ଲକର ଉପାନ୍ତ ଦଣ୍ଡାୱାଡ଼ ଏବେ ପାଲଟିଛି ପର୍ଯ୍ୟଟନ ସ୍ଥଳ । ତତ୍କାଳୀନ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ଉପାନ୍ତ ଅଞ୍ଚଳରେ ଇକୋ-ଟୁରିଜିମ୍ କରି ଏହାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଭିତ୍ତିଭୂମିର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ ସ୍ଥଳ ରୂପେ ପ୍ରସ୍ତୁତ କରାଇଛନ୍ତି । ଏଥିପାଇଁ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠି ଅନୁଦାନ ବ୍ୟବହାର ହୋଇଥିବା ଜଣାପଡ଼ିଛି । ଏବେ ଉପାନ୍ତ ଦଣ୍ଡାୱାଡ଼ ଇକୋ -ଟୁରିଜିମ ସଜଡା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି ।

## ଚାକିରି ନାରେ ଠକେଇ ଅଭିଯୋଗ, ୯ ଗିରଫ



**ବ୍ରହ୍ମପୁର,୪।୧୨(ସଂଚାର ବ୍ୟୁରୋ):** ଚାକିରୀର ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ୍। ଅଭିଯୋଗ ପରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଠକ ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ରେଳ ବିଭାଗ, ଓଡିଶା ସେକ୍ରେଟାରିଏଟ୍ ଆଦି ସରକାରୀ ଚାକିରୀ କରାଇ ଦେବାକୁ କହି ଗଂଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବେକାର ଯୁବକ ଓ ଯୁବତୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ଏନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଗିରଫ କରିବାରେ ସଫଳ ହୋଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ଠାରୁ ନକଲି ନିଯୁକ୍ତି ପତ୍ର, ସରାକରୀ ସିଲ, ଟଙ୍କା ସଂଗ୍ରହ ଡାଏରୀ, ଯୁବକ ମାନଙ୍କ ବାୟ ଡାଟା ଓ ଗୋଟିଏ କାର ଜବତ କରିଛି ପୋଲିସ। ଗିରଫ ଠକମାନେ ହେଲେ ଗୋପାଳପୁରର ଜଗଦିଶ କୁମାର ବେହେରା, ଆସିକା କାଳଷଣ୍ଡପୁରର ହୃଦୟାନନ୍ଦ ମୁନି, କେନ୍ଦ୍ରାପଡ଼ା ମର୍ଶାଘାଇର ଶିଶିର କୁମାର ମିଶ୍ର, ଆସିକା ନଳବଣ୍ଟାର ସୂର୍ଯ୍ୟକାନ୍ତ ବେହେରା , ଖୋର୍ଦ୍ଧା ବାଲିପାଟଣାର ସୁନୀଲ ବେହେରା , ଖୋର୍ଦ୍ଧା ବାଲିଅନ୍ତାର ପ୍ରକାଶ ସେଠୀ, ବାଲେଶ୍ୱର ଖାଣ୍ଟପଡାର ସୁମନ୍ତ ପାତ୍ର , ଖୋର୍ଦ୍ଧା ବୁଦ୍ଧିପଡାର ଚୌଅନ ଜେନା ଓ ନୟାଗଡ଼ର ସନ୍ତୋଷ ନାୟକ । ଗିରଫ ଠକମାନେ ଚାକିରୀ ଆଶାୟୀ ମାନଙ୍କୁ ସରକାରୀ ଚାକିରୀ କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକେଇ କରିନେଇଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୁବକ ମାନଙ୍କୁ ନେଇ ବୁଲାଇ ଆଣି ସେମାନଙ୍କ ଚିହ୍ନା ଥିବା କହି ଟଙ୍କା ସଂଗ୍ରହ କରୁଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କୁ ନକଲି ନିଯୁକ୍ତି ପତ୍ର ପ୍ରଦାନ କରୁଥିଲେ । ଏନେଇ ଯୁବକ ମାନେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ । ସେପଟେ ବର୍ତ୍ତମାନ ସୁଦ୍ଧା ୩୦ରୁ ଅଧିକ ଯୁବକ ଏଭଳି ଠକେଇର ଶୀକାର ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ କୋଟିଏରୁ ଅଧିକା ଟଙ୍କା ଠକି ନେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଅବ୍ୟବସ୍ଥା ଘେରରେ କଟକର ଶିଶୁ ଭବନ

**କଟକ,୪।୧୨(ସଂଚାର ବ୍ୟୁରୋ):** ଏକ କ୍ଷମତା ସଂପନ୍ନ ଆଡଭୋକେଟ କମିଟି କଟକର ପୁରାତନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ ବୁଲି ହସ୍ପିଟାଲର ସ୍ଥିତି ଓ ବିଭିନ୍ନ ସମସ୍ୟା ସଂପର୍କ ରେ ଅନୁଧ୍ୟାନ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଅନୁଧ୍ୟାନ କରିଛି ଟିମ । ବିଶେଷ କରି ଉଭୟ ପଟ ମୁଖ୍ଯ ଫାଟକରେ ଥିବା ଜବରଦଖଲ, ପରିସରର ପରିଷ୍କାର ପରିଚ୍ଛନ୍ନତା, ଆଇସିୟୁର ବ୍ୟବସ୍ଥା ଓ ପୂର୍ବ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସାତ ମହଲା ବିଲଡିଂ କାର୍ଯ୍ୟକ୍ଷମ ନ ହେବା ନେଇ ଚିନ୍ତାପ୍ରକଟ କରିଛନ୍ତି । ଏ ନେଇ ହାଇକୋର୍ଟଙ୍କ ପାଖରେ ଶୀଘ୍ର ରିପୋର୍ଟ ଦିଆଯିବ ବୋଲି କମିଟି ସଦସ୍ଯ କହିଛନ୍ତି । ଅବ୍ଯବସ୍ଥାରେ କଟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସା ପ୍ରତିଷ୍ଠାନ । ଅନୁଧ୍ଯାନ ପରେ ଚିନ୍ତା ପ୍ରକଟ କଲେ ଆଡଭୋକେଟ କମିଟି । ଖୁବଶୀଘ୍ର ହାଇକୋର୍ଟଙ୍କୁ ଦିଆଯିବ ରିପୋର୍ଟ । ହାଇକୋର୍ଟଙ୍କ ନିର୍ଦ୍ଦେଶ ରେ ରାଜ୍ୟ ତଥା ପୂର୍ବ ଭାରତର ପୁରାତନ ଶିଶୁ ଚିକିତ୍ସାଳୟ କଟକ ର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ରୋଗ ପ୍ରତିଷ୍ଠାନକୁ ତନ୍ନ ତନ୍ନ କରି ବୁଲି ଦେଖିଛନ୍ତି ଏକ କ୍ଷମତାସଂପନ୍ନ ଆଡଭୋକେଟ କମିଟି । ହାଇକୋର୍ଟ ବାର ଆସୋସିଏସନ ସଭାପତିଙ୍କ ନେତୃତ୍ୱ ରେ ଏହି କମିଟି ପ୍ରଥମେ ଲାଲବାଗ ପଟ ମୁଖ୍ୟ ଫାଟକ ଓ ରିଙ୍ଗରୋଡ ପଟ ଗେଟରେ ଥିବା ଉଠାଦୋକାନ ଓ ଜବରଦଖଲ ବୁଲି ଦେଖିଥିଲେ। ପରେ ପରେ ପରିସରର ପରିଷ୍କାର ଓ ପରିଚ୍ଛନ୍ନତା ନେଇ ଅନୁଧ୍ୟାନ କରିଥିଲେ। ଏହା ପରେ ଆଇସିୟୁ ଓ ଏନଆଇ.ଆଇସିୟୁ ବୁଲି ଏହାର ସ୍ଥିତି ଓ ସଂଖ୍ୟା ସଂପର୍କ ରେ ତଥ୍ଯ ନେଇ ଥିଲେ । ହାଇକୋର୍ଟ ଆଡଭୋକେଟ କମିଟି




ପୂର୍ବ ନବୀନ ସରକାର ଅମଳରେ ଶିଶୁଭବନ ପରିସରରେ ଶହ ଶହ କୋଟି ଟଙ୍କା ବ୍ୟୟବରାଦ ରେ ଗଢା ଯାଇ ଥିବା ୭ ମହଲା ନୂଆ ମଲଟି ପରପୋଜ୍ ବିଲଡିଂ ବୁଲି ଦେଖିଥିଲେ । କାମ ଦେଢ ବର୍ଷ ହେବ ସରିଥିଲେ ସୁଦ୍ଧା ଏହାକୁ କିଛି ବୈଷୟିକ ପ୍ରତିବନ୍ଧକ କାରଣରୁ ଏହା କାର୍ଯ୍ଯକ୍ଷମ ହୋଇ ନଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କାମରେ ଆସୁ ନଥିଲେ ସୁଦ୍ଧା ମାସିକ ସାଢେ ୪ ଲକ୍ଷ ଟଙ୍କା ବିଜୁଳି ବିଲ ପୈଠ କରାଯାଉଛି । ଏ ସବୁ ସଂପର୍କ ରେ ହାଇକୋର୍ଟ ଆଡଭୋକେଟ କମିଟି ତୁରନ୍ତ ଏକ ରିପୋର୍ଟ ହାଇକୋର୍ଟଙ୍କୁ ପ୍ରଦାନ କରିବେ। ପୂର୍ବରୁ ଶିଶୁଭବନର ଭଲ ମନ୍ଦ ନେଇ ଅନେକ ଚର୍ଚ୍ଚା ଓ ଆଲୋଚନା ହୋଇଛି । ତେବେ ହାଇକୋର୍ଟ ଆଡଭୋକେଟ କମିଟିର ଅନୁଧ୍ୟାନ ଓ ରିପୋର୍ଟ ପରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି ।

## ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

**ବେତନଟୀ,୪।୧୨(ସଂଚାର ବ୍ୟୁରୋ):** ବେତନଟୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ସଠିଲୋ ସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଡିସେମ୍ବର ୩ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ବେତନଟୀ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ବିଜୟ କୁମାର ପରିଡା ଓ ଭରତ ଚନ୍ଦ୍ର କାଣ୍ଡିଙ୍କ ସଂଯୋଜନା ଓ ପରିଚାଳନାରେ ଅୟୋଜିତ କାର୍ଯ୍ୟକ୍ରମକୁ ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଦ୍ୱାରା ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ସନ୍ଦର୍ଭରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ମ୍ୟୁଜିକ୍ ଚେଆର, ଜିଲାପି ଦୌଡ଼ ସମେତ ବିଭିନ୍ନ ପ୍ରକାରର ଖେଳକୁଦ କରାଯାଇଥିଲା। ତେବେ ଦିନତମାମ୍ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଖେଳକୁଦ, ନାଚଗୀତ ସମେତ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମଉଜ ମଜଲିସରେ ବିତାଇଥିବା ବେଳେ ସେମାନଙ୍କ ଭିତରେ ମନବଳ ସାଙ୍ଗକୁ ସୃଜନଶକ୍ତିର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ସଠିଲୋ ଗ୍ରାପ ପଞ୍ଚାୟତ ସମିତି ସଭ୍ୟ କିଶୋର କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ମହାନ୍ତ ପ୍ରମୁଖ ଅତିଥି ଅଧିକାରୀଗଣ କୃତି ଛାତ୍ରଛାତ୍ରୀମାନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପରିଚାଳନାରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସୁଭଦ୍ରାମଣୀ ଜେନା,ସାରଥି ମହାନ୍ତ, ମୃତ୍ୟୁଞ୍ଜୟ ସାହୁ, ଶିକ୍ଷକ ଜୟଚନ୍ଦ୍ର ଦାସ, ବୈରାଗୀ ମହାନ୍ତ,କମଳାକାନ୍ତ ସିଂ,ତଥ୍ୟ ତଥା ଯୋଜନା ସଂଯୋଜକ ଅଚ୍ୟୁତାନନ୍ଦ ଦାସ ଏବଂ ସଠିଲୋ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ପଣ୍ଡିତଙ୍କ ସହ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।




# ୨୦୨୫ରେ ଲଞ୍ଚ୍ ହେବ ହୁଣ୍ଡାଇ କ୍ରେଟା ଇଭି

**ନୂଆଦିଲ୍ଲୀ, ୪।୧୨:** ସାଉଥ କୋରିଆର ଅଟୋମୋବାଇଲ୍ ନିର୍ମାତା କମ୍ପାନୀ ହୁଣ୍ଡାଇ ଦ୍ୱାରା ଭାରତରେ ଅନେକ ଦମଦାର କାର ଲଞ୍ଚ କରିଥାଏ। କ୍ରେଟା ମିଡ୍ ସାଇଜର SUV ଭାବରେ କମ୍ପାନୀ ଦ୍ୱାରା ସେଲ୍ ପାଇଁ ଉପଲବ୍ଧ। ଏବେ କମ୍ପାନୀ ଖୁବ ଶୀଘ୍ର ଏହାର ଇଲେକ୍ଟ୍ରିକ ଭର୍ସନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ବର୍ତ୍ତମାନ ଭାରତୀୟ ବଜାରରେ ହୁଣ୍ଡାଇ କ୍ରେଟା ଇଭି ଲଞ୍ଚ କରିବାକୁ ପ୍ରସ୍ତୁତି ଚଳାଇଛି। ଜାନୁଆରୀ ୨୦୨୫ ରେ କମ୍ପାନୀ ଦ୍ୱାରା ଏହି ଗାଡି ଲଞ୍ଚ ହେବ। ଅଟୋ ଏକ୍ସପୋ ୨୦୨୫ ରେ ଏହା ଲଞ୍ଚ ହେବ ବୋଲି ଆଶା କରାଯାଉଛି। ତେବେ କମ୍ପାନୀ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଏହି ସୂଚନା ଦେଇନାହିଁ।



ଲଞ୍ଚ ପୂର୍ବରୁ, କ୍ରେଟା ଇଭି ଭାରତର ବିଭିନ୍ନ ପରିସ୍ଥିତିରେ ଟେଷ୍ଟିଂ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ଏହା ଅପଡେଟ୍ ମଧ୍ୟ ହେବ। ଟେଷ୍ଟିଂ ସମୟରେ ଏହା ଅନେକ ଥର ସ୍ପଟ୍ ମଧ୍ୟ ହୋଇଛି। ଯେଉଁଥିରେ ଏହାର ଫ୍ରଣ୍ଟ୍ ଲୁକ୍ ବିଷୟରେ ସୂଚନା ଉପଲବ୍ଧ। ଖବର ଅନୁଯାୟୀ, ICE ଭର୍ସନ ତୁଳନାରେ ଏସୟୁଭିର ଇଲେକ୍ଟ୍ରିକ ଭର୍ସନକୁ ଏକ ଭିନ୍ନ ଫ୍ରଣ୍ଟ ଦିଆଯିବ। ଏଥିରେ ଫ୍ରଣ୍ଟ୍ ଗ୍ରିଲ୍ ବଦଳରେ ଖାଲି ଅଫ୍ ଗ୍ରିଲ୍ ବ୍ୟବହାର କରାଯିବ। ଏହା ସହିତ, ଫ୍ରଣ୍ଟରେ ଆଉ କିଛି ପରିବର୍ତ୍ତନ କରାଯାଇପାରେ। ଏହାର ଫ୍ରଣ୍ଟରେ ଚାର୍ଜିଂ ପୋର୍ଟ ପାଇଁ ସ୍ଥାନ ଯୋଗାଇ ଦିଆଯିବ ଏବଂ ଏହାର ଆଲଏ ହ୍ୱିଲ୍ ଗୁଡିକ ଡିଜାଇନରେ ଭିନ୍ନ ହେବ। ରିୟର ପ୍ରୋଫାଇଲରେ ମଧ୍ୟ କିଛି ଛୋଟ ପରିବର୍ତ୍ତନ କରାଯାଇପାରେ। ରିପୋର୍ଟ ଅନୁଯାୟୀ, ଏହାକୁ ୧୦. ୨୫ ଇଞ୍ଚ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୧୦. ୨୫ ଇଞ୍ଚ ଇନଫୋଟେନ୍ମେଣ୍ଟ ସିଷ୍ଟମ୍, ସେଣ୍ଟ୍ରାଲ୍ କନସୋଲରେ ବଟନ୍ ପ୍ୟାନେଲ୍, ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍, USB ଚାର୍ଜିଂ ପୋର୍ଟ, କି-ଲେସ୍ ଏଣ୍ଟ୍ରି, ରିୟର ଏସି ଭେଣ୍ଟସ୍, ୱାୟରଲେସ୍ ଫୋନ୍ ଚାର୍ଜର ଭଳି ଫିଚର୍ସ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଏହାର ଇଣ୍ଟେରିୟରକୁ ICE ଭର୍ସନ ଭଳି ସମାନ ଭାବରେ ଦିଆଯାଇପାରେ। ସେଫ୍ଟି ପାଇଁ, SUV ରେ ADAS, ABS, EBD, Hill Hold Assist, ESP ଏବଂ ୬ ଟି ଏୟାରବ୍ୟାଗ ଭଳି ଫିଚର୍ସ ପ୍ରଦାନ କରାଯାଇପାରେ। କମ୍ପାନୀ ଦ୍ୱାରା ଦୁଇଟି ବ୍ୟାଟେରୀ ଅପ୍ସନ ପ୍ରଦାନ କରାଯାଇପାରେ। ଯେଉଁଥିରେ ୫୦ kWh ଏବଂ ୬୦ kWh କ୍ଷମତା ବିଶିଷ୍ଟ ବ୍ୟାଟେରୀ ଦିଆଯାଇପାରିବ। ଯେଉଁଥିପାଇଁ SUV ଗୋଟିଏ ଚାର୍ଜ ପରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପାଇପାରିବ। ହୁଣ୍ଡାଇର ଏହି ସେଗମେଣ୍ଟ ଇଲେକ୍ଟ୍ରିକ୍ ଏସୟୁଭିର ପ୍ରକୃତ ମୂଲ୍ୟ କେବଳ ଏହାର ଲଞ୍ଚ ସମୟରେ ହି ଜଣାପଡିବ। କିନ୍ତୁ ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୨୦ ଲକ୍ଷ ଟଙ୍କା ଭିତରେ ରହିବ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ଉତ୍ସାହ



ମୁମ୍ବାଇ,୪।୧୨:କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୯୮ (୫୯୭.୬୭) ପଏଣ୍ଟ ବଢ଼ି ୮୦,୮୪୬ (୮୦,୮୪୫.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୧ (୧୮୧.୧୦) ପଏଣ୍ଟ ବୃଦ୍ଧି ଘଟି ୨୪,୪୫୭ (୨୪,୪୫୭.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍ଇ ସେନ୍ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।



# ଲଞ୍ଚ୍ ହେଲା ହୋଣ୍ଡା ଆମାଜ ୨୦୨୪

ନୂଆଦିଲ୍ଲୀ: କମ୍ ଦାମରେ ମହଙ୍ଗା ଫିଚର୍ସବାଲା କାର ଲଞ୍ଚ କଲା ହୋଣ୍ଡା। ହୋଣ୍ଡା ଆମାଜ ୨୦୨୪(ହୋଣ୍ଡା ଆମେଜ୍ ୨୦୨୪) ଲଞ୍ଚ ହୋଇଛି। ଏହାର ଟପ୍ ଭ୍ୟାରିଏଣ୍ଟର ଏକ୍ସ ଶୋରୁମ ମୂଲ୍ୟ ୧୦.୯୦ ଲକ୍ଷ ଟଙ୍କା ରଖାଯାଇଛି। ଏହି କାର୍‌ର ଦାମ ସୁହାଇଲା ଭଳି ହୋଇଥିବା ବେଳେ ଆଡଭାନ୍ସ ଆସିଷ୍ଟାଣ୍ଟ ସିଷ୍ଟମ(ଏଡିଏଏସ୍) ଓ ହୋଣ୍ଡା ସେନ୍ସିଂ ରହିଛି। ଭାରତରେ ଏକମାତ୍ର କାର୍ କମ୍ପାନୀ ହିସାବରେ ହୋଣ୍ଡା ପାଖରେ ଏଡିଏଏସ୍ ଯୁକ୍ତ ପୋର୍ଟଫୋଲିଓ ରହିଛି। ୨୦୨୪ ଆମାଜ ହେଉଛି କମ୍ପାକ୍ଟ ସେଡାନ୍‌ର ଥାର୍ଡ ଜେନେରେସନ କାର୍। ଫାଷ୍ଟ ଜେନେରେସନ ମଡେଲ୍ ଏପ୍ରିଲ୍ ୨୦୧୩ରେ ମାର୍କେଟକୁ ଆସିଥିଲା। ସେହିପରି ୨୦୧୮ରେ ସେକେଣ୍ଡ ଜେନେରେସନ କାର୍ ବଜାରରେ ଏଣ୍ଟ୍ରି ମାରିଥିଲା। କମ୍ପାନୀର ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ହୋଣ୍ଡା ଏହି ୟୁନିଟ୍‌ରେ ମୋଟ ବିକ୍ରି ୫.୮୦ ଲକ୍ଷ ହୋଇଛି। ତେବେ ଆମାଜେ ମୋଟ ବିକ୍ରିର ୪୦ ପ୍ରତିଶତ କବ୍ଜା କରିବ ବୋଲି କମ୍ପାନୀ ଦାବି କରିଛି। କାର୍‌ରେ ଅନେକ ଆଡଭାନ୍ସ ସିଷ୍ଟମ ରହିଥିବା ବେଳେ ପାୱାରଟେନ କିନ୍ତୁ ସମାନ ରହିଛି। ଡ୍ରାଇଭିଂ ଏକ୍ସପିରିଏନ୍ସକୁ ଉନ୍ନତମାନ କରିବା ପାଇଁ କାର୍‌ରେ ୧.୨ ଲିଟରର ୪ଟି ସିଲିଣ୍ଡର ଏସଓଏଚସି ଆଇ-ଭିଟିଇସ ପେଟ୍ରୋଲ ଇଞ୍ଜିନ ଦିଆଯାଇଛି। ଯାହା ୯୦ପିଏସ ମାକ୍ସିମମ ପାୱାର ଏବଂ ୧୧୦ ଏନ୍ ପିକ୍ ଟର୍କ ଜେନେରେଟ କରିବ। ଟ୍ରାନ୍ସମିସନ ବିକଳ୍ପରେ ୫ ସ୍ପିଡ୍ ଏମ୍‌ଟି ଏବଂ ସିଭିଟି ଅଟୋମେଟିକ ବ୍ୟବସ୍ଥା ରହିଛି। ହୋଣ୍ଡା ଆମେଜ କାର୍‌ର CVT ଅପସନ ପାଇଁ ପ୍ରତି ଲିଟର ୧୯.୪୬ କିମି ଓ ଏମ୍‌ଟି ଅପସନ ପାଇଁ ୧୮.୬୫ କିମି ମାଇଲେଜ ଦେବ ବୋଲି କମ୍ପାନୀ ଦାବି କରିଛି।

# କେଟିଏମ୍ ୨୫୦ ଡିୟୁକ୍ ବାଇକରେ ମିଳୁଛି ଜବରଦସ୍ତ ଡିସ୍‌କାଉଣ୍ଟ

ମୁମ୍ବାଇ, ୪।୧୨: ୟୁରୋପୀୟ ମୋଟରସାଇକେଲ୍ ବ୍ରାଣ୍ଡ କେଟିଏମ୍ ର ବାଇକ୍ ପାଇଁ ଆଜିର ଯୁବପିଢ଼ି ମଧ୍ୟରେ ଏକ ଭିନ୍ନ କ୍ରେଜ୍ ରହିଛି। ଭାରତୀୟ ବଜାରରେ ଆକର୍ଷଣୀୟ ଡିଜାଇନ୍ ଏବଂ ଦମଦାର ଫିଚର୍ସ ପାଇଁ ଏହି କମ୍ପାନୀ ବେଶ ଜଣାଶୁଣା। କିନ୍ତୁ ହାଇ ବଜେଟ୍ ହେତୁ ଅନେକ ଲୋକେ ଏହି ବାଇକ୍ କିଣିବାକୁ ସକ୍ଷମ ନୁହଁନ୍ତି। ଏପରି ପରିସ୍ଥିତିରେ, ଯଦି ଆପଣ ଏହି ବାଇକକୁ କମ୍ ମୂଲ୍ୟରେ କିଣିବାକୁ ଚାହୁଁଛନ୍ତି, ତେବେ ଏହା ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ବର୍ଷ ଶେଷରେ ଭାରତରେ ସର୍ବାଧିକ ବିକ୍ରି ହେଉଥିବା ୨୫୦ସିସି ମୋଟରସାଇକେଲ, କେଟିଏମ୍ ୨୫୦ ଡିୟୁକ୍ ପାଇଁ କେଟିଏମ୍ କମ୍ପାନୀ ଏକ ବଡ ଡିସକାଉଣ୍ଟ ଘୋଷଣା କରିଛି। ବର୍ତ୍ତମାନ ଆପଣ ୨ ଲକ୍ଷ ୨୫ ହଜାର ଟଙ୍କା ମୂଲ୍ୟର ଏକ ଏକ୍ସ-ସୋରୁମ୍ ମୂଲ୍ୟରେ କେଟିଏମ୍ ବାଇକ୍ କିଣିପାରିବେ। ବିନା ଅଫରର କଥା କହିବାକୁ ଗଲେ, ଏହି ବାଇକ୍ ର ମୂଲ୍ୟ ହେଉଛି ୨. ୪୫ ଲକ୍ଷ ଏକ୍ସ-ଶୋ'ରୁମ୍। ଏହି ଡିସକାଉଣ୍ଟ କେବଳ ୩୧ ଡିସେମ୍ବର ପର୍ଯ୍ୟନ୍ତ ଭାଲିଡ୍ ଅଟେ। ଅଧିକ ସୂଚନା ପାଇଁ ଆପଣ ନିଜର ନିକଟତମ ଶୋ'ରୁମ୍ କିମ୍ବା ଅଫିସିଆଲ୍ ୱେବସାଇଟ୍ ଭିଜିଟ୍ କରିପାରିବେ। କେଟିଏମ୍ 250 Duke ବାଇକରେ ୨୪୯.୦୭ ସିସି ଲିକ୍ୱିଡ୍-କୁଲ୍ଡ ଇଞ୍ଜିନ ଅଛି।



ଏହି ଇଞ୍ଜିନ୍ ୯,୨୫୦ rpm ରେ ୩୦.୫୭ bhp ର ପାୱାର ଜେନେରେଟ କରେ ଏବଂ ୭,୨୫୦ rpm ରେ ୨୫ Nm ଟର୍କ ଜେନେରେଟ କରେ। ଇଞ୍ଜିନ୍ ସହିତ ଏହି ବାଇକ୍ କୁ ୬-ସ୍ପିଡ୍ ଗିଅର୍ ବକ୍ସ ମଧ୍ୟ ଯୋଗାଇ ଦିଆଯାଇଛି, ଯାହା ବାଇ-ଡ଼ାଇରେକ୍ସନାଲ୍ କ୍ୱିକ୍ ଶିଫ୍ଟର୍ ସହିତ ମଧ୍ୟ ସଜ୍ଜିତ। ଏହି କେଟିଏମ୍ ବାଇକ୍ ର ଫ୍ରଣ୍ଟ ହ୍ୱିଲରେ ୩୨୦ mm ଡିସ୍କ ବ୍ରେକ୍ ଲଗାଯାଇଛି। ସେହି ସମୟରେ, ରିୟର୍ ହ୍ୱିଲରେ ଫ୍ଲୋଟିଂ କେଲିପର୍ ସହିତ ୨୪୦ mm ଡିସ୍କ ବ୍ରେକ୍ ବ୍ୟବହାର କରାଯାଇଛି। ଏହି ବାଇକରେ ସୁପରମୋଟୋ ମୋଡ୍ ସହିତ ଏକ ଡୁଆଲ୍ ଚ୍ୟାନେଲ୍ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ ଅଛି। ଏହି ବାଇକ୍ ର ଅପଡେଟ୍ ଭର୍ସନରେ, ପୂର୍ବ ମଡେଲ୍ ପରି ୧୭-ଇଞ୍ଚର ଆଲଏ ହ୍ୱିଲ୍ ଇନଷ୍ଟଲ୍ କରାଯାଇଛି।

# ଭାରତକୁ ଉପହାର ଦେଲେ ବାଇଡେନ

ୱାଶିଂଟନ୍: ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ମାତ୍ର କିଛି ସପ୍ତାହ ବାକି ଅଛି। ଏହି ସମୟ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ଚୁକ୍ତିକୁ ଆମେରିକା ଅନୁମୋଦନ କରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆମେରିକା ଭାରତକୁ ହେଲିକପ୍ଟର ଉପକରଣ ବିକ୍ରିର ଦାବିକୁ ଅନୁମୋଦନ କରିଛି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନର ପ୍ରସ୍ତାବ କ୍ରମେ ଆମେରିକା ସଂସଦ ଏମଏଚ-୬୦ଆର ମଲ୍ଟି ମିଶନ ହେଲିକପ୍ଟର ଉପକରଣ' ଏବଂ ଆନୁଷଙ୍ଗିକ ଉପକରଣ ବିକ୍ରିକୁ ଅନୁମୋଦନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଏମଏଚ-୬୦ଆର ମଲ୍ଟି ମିଶନ୍ ହେଲିକପ୍ଟର ଉପକରଣର ଆନୁମାନିକ ମୂଲ୍ୟ ହେଉଛି ୧.୧୭ ବିଲିୟନ ଆମେରିକୀୟ ଡଲାର। ପ୍ରସ୍ତାବିତ ଉପକରଣ ବିକ୍ରୟ ଭାରତର ସାମୁଦ୍ରିକ ଯୁଦ୍ଧ ଯୁଦ୍ଧ କ୍ଷମତାକୁ ନବୀକରଣ କରି ବର୍ତ୍ତମାନର ତଥା ଭବିଷ୍ୟତର ବିପଦକୁ ରୋକିବାରେ ଭାରତର ଦକ୍ଷତାକୁ ଉନ୍ନତ କରିବ ବୋଲି ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି କଂଗ୍ରେସକୁ ଏକ ବିଜ୍ଞପ୍ତିରେ କହିଛି। ଚାରି ବର୍ଷର କାର୍ଯ୍ୟକାଳ ଶେଷ ହେବାର କିଛି ସପ୍ତାହ ପୂର୍ବରୁ ବାଇଡେନ ପ୍ରଶାସନ ଭାରତରେ ପ୍ରମୁଖ ପ୍ରତିରକ୍ଷା ଉପକରଣ ବିକ୍ରିକୁ ଅନୁମୋଦନ କରି ଏକ ଉପହାର ପ୍ରଦାନ କରିଛନ୍ତି।

# ହାଇଦ୍ରାବାଦରେ ଉଦ୍‌ଘାଟିତ ହେଲା ଗରୁଡଭେଗାର ଗ୍ଲୋବାଲ କର୍ପୋରେଟ୍ ଅଫିସ




ହାଇଦ୍ରାବାଦ,୪।୧୨: ଦେଶର ପ୍ରମୁଖ ଅନ୍ତର୍ଜାତୀୟ କୋରିଅର୍ ଏବଂ ଲଜିଷ୍ଟିକ ସଂସ୍ଥା ଗରୁଡଭେଗାର ପୁଣି ଏକ ଗ୍ଲୋବାଲ କର୍ପୋରେଟ ଅଫିସ ହାଇଦ୍ରାବାଦରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅଫିସର ଉଦ୍‌ଘାଟନ ପରେ ଗରୁଡଭେଗା ଆଉ ଏକ ମାଇଲଖୁଣ୍ଟରେ ପହଞ୍ଚି ପାରିଛି। ନିକଟରେ ଅନୁଷ୍ଠିତ ଉକ୍ତ ଉଦ୍‌ଘାଟନୀ ସମାରୋହରେ ଗରୁଡାଭେଗାର ବରିଷ୍ଠ ନେତୃତ୍ୱ ଏବଂ ଇଣ୍ଡଷ୍ଟ୍ରି ଏକ୍ସପର୍ଟ, ତେଲେଙ୍ଗାନା ସରକାରଙ୍କ ଲଜିଷ୍ଟିକ ନିର୍ଦ୍ଦେଶକ ଅପର୍ଣ୍ଣା ଭୂମି ଏବଂ ଜିଏମ୍‌ଆର୍ ହାଇଦ୍ରାବାଦ ଅନ୍ତର୍ଜାତୀୟ ବିମାନବନ୍ଦରର କାର୍ଗୋ କମର୍ସିଆଲ ମୁଖ୍ୟ ପ୍ରସାଦ ଜଲିଗାମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ସୁରେଶ ମାଧବପେଡି ମଧ୍ୟ ଉପସ୍ଥିତ ରହିଥିଲେ। ଏହି ନୂତନ କର୍ପୋରେଟ ଅଫିସ ଖୋଲିବା ବିଶ୍ୱସ୍ତରୀୟ କାର୍ଯ୍ୟକଳାପକୁ ବୃଦ୍ଧି କରି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଗରୁଡଭେଗାର ସିଇଓ ସତୀଶ ଲାକରାଜୁ କହିଛନ୍ତି, ଦକ୍ଷିଣ ରାଜ୍ୟରେ ସଂସ୍ଥାର ସଫଳତା ପରେ ଉତ୍ତର, ପୂର୍ବ ଏବଂ ପଶ୍ଚିମ ଭାରତରେ ନୂତନ ଗ୍ଲୋବାଲ କର୍ପୋରେଟ ଅଫିସ ଖୋଲି ଲୋକଙ୍କ ସେବା କରିବା ସହ ସଂସ୍ଥାର ଅଭିବୃଦ୍ଧି ଆଡକୁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ୟୁରୋପ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଆଫ୍ରିକାକୁ ସେବା ପହଞ୍ଚାଇବା ପାଇଁ ଗରୁଡଭେଗାର ଉଦ୍ୟମ ଚାଲିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ, ଫ୍ରାଞ୍ଚାଇଜ୍ ଅଂଶୀଦାର ଏବଂ ଶିଳ୍ପପତିଙ୍କ ସମେତ ପ୍ରମୁଖ ହିତାଧିକାରୀ ଉପସ୍ଥିତ ରହିଥିଲେ।

## ଏସବିଆଇ ମୁଖ୍ୟଙ୍କ ବଡ଼ ବିବୃତ୍ତି

# ସରକାରୀ ଲାଭ ପାଇବା ପାଇଁ ଲୋକେ ଆକାଉଣ୍ଟ ଖୋଲିଥାନ୍ତି, ଟଙ୍କା ଉଠାଇବା ପରେ ଭୁଲିଯାଆନ୍ତି




ନୂଆଦିଲ୍ଲୀ, ୪।୧୨: ଅନେକ ସମୟରେ ଲୋକେ ସରକାରୀ ଲାଭ ପାଇବା ପାଇଁ ଆକାଉଣ୍ଟ ଖୋଲିଥାନ୍ତି। ଆଉ ଟଙ୍କା ଉଠାଇବା ପରେ ଆକାଉଣ୍ଟ ବିଷୟରେ ଭୁଲିଯାଇଥାନ୍ତି। ଦେଶର ସବୁଠୁ ବଡ଼ ସରକାରୀ ବ୍ୟାଙ୍କ ଏସବିଆଇର ଅଧ୍ୟକ୍ଷ ସି. ଏସ ସେଟ୍ଟୀ କିଛି ଏଭଳି ବିବୃତ୍ତି ରଖିଛନ୍ତି । ସେ କହିଛନ୍ତି ଏହି ଆକାଉଣ୍ଟଧାରୀ ସୀମିତ ସଂଖ୍ୟାରେ ନେଣଦେଣ କରିଥାନ୍ତି। ବ୍ୟାଙ୍କରେ ଟଙ୍କା ଜମା ହେବା ପରେ ଅଧିକାଂଶ କେବଳ ଦୁଇ ତିନି ଥର ସେଥିରୁ ଟଙ୍କା କାଢ଼ିଥାନ୍ତି। ଆଉ କିଛି ଦିନ ପରେ ସେହି ଆକାଉଣ୍ଟ ନିଷ୍କ୍ରିୟ ହୋଇଯାଏ। ପ୍ରକୃତରେ ନିକଟରେ ଆରବିଆଇ, ବ୍ୟାଙ୍କମାନଙ୍କୁ ନିଷ୍କ୍ରିୟ ତଥା ଫ୍ରିଜ ହୋଇଥିବା ଆକାଉଣ୍ଟର ସମାଧାନ ଉପରେ ରିପୋର୍ଟ ଦେବାକୁ କହିଥିଲା। ଏହାର କିଛି ଦିନ ପରେ ଏସବିଆଇ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି । ଅବଶ୍ୟ ଏସବିଆଇରେ କେତେ ସଂଖ୍ୟାରେ ନିଷ୍କ୍ରିୟ ଆକାଉଣ୍ଟ ରହିଛି ସେନେଇ ସଠିକ ସୂଚନା ମିଳିପାରିନାହିଁ। ସେ ଆହୁରି କହିଛନ୍ତି ଅଣ ଆର୍ଥିକ ନେଣ ଦେଣ ଦ୍ୱାରା ମଧ୍ୟ ଏହି ଆକାଉଣ୍ଟକୁ ସକ୍ରିୟ କରାଯାଇପାରିବ। ଏସବିଆଇ ଚେୟାରମ୍ୟାନ କହିଛନ୍ତି ବର୍ତ୍ତମାନର ନିୟମ ଅନୁସାରେ ଆକାଉଣ୍ଟକୁ ଚାଲୁ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ କାରବାର କରିବାକୁ ପଡ଼ିଥାଏ। ନହେଲେ ଆକାଉଣ୍ଟ ନିଷ୍କ୍ରିୟ ହାଇଯାଏ। କୌଣସି ଆକାଉଣ୍ଟକୁ ସକ୍ରିୟ ରଖିବା ପାଇଁ ଥିବା ଚାଲେଞ୍ଜର ସମାଧାନ କିପରି ସେନେଇ ଆରବିଆଇକୁ ଚିଠି ଲେଖାଯାଇଛି । ନିୟମରେ କିଛି ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଛି। ଖାତାକୁ ଚାଲୁ ଘୋଷିତ କରିବା ପାଇଁ ଆକାଉଣ୍ଟରେ ଥିବା ଶେଷ ଟଙ୍କାକୁ ଯାଞ୍ଚ କରିବା ଏବଂ ଅଣ ଆର୍ଥିକ ନେଣ ଦେଣ ଉପରେ ମଧ୍ୟ ବିଚାର କରିବାକୁ ଅନୁରୋଧ କରିଛି। ଯାହାଦ୍ୱାରା ଆକାଉଣ୍ଟ ଆକ୍ଟିଭ ହୋଇ ରହିପାରିବ।

# ୯୦ ବର୍ଷ ପୁରୁଣା ବିମାନ ନିୟମକୁ ବଦଳାଇବା ପାଇଁ ରାଜ୍ୟସଭାରେ ନୂଆ ବିଲ୍ ଆଗତ

ନୂଆଦିଲ୍ଲୀ, ୪।୧୨: କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରପୁ ରାମମୋହନ ନାଇଡୁ ମଙ୍ଗଳବାର ରାଜ୍ୟସଭାରେ ଏକ ନୂତନ ବିଲ୍ ଆଗତ କରିଛନ୍ତି। ୯୦ ବର୍ଷ ପୁରୁଣା ବିମାନ ନିୟମକୁ ବଦଳାଇବା ପାଇଁ ଏହି ବିଲ୍ ଉପସ୍ଥାପନ କରାଯାଇଛି। ଗତ ଅଗଷ୍ଟରେ ସଂସଦ ଅଧିବେଶନରେ ଏହି ବିଲ୍ ଲୋକସଭାରେ ପାରିତ ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଆଲୋଚନା ଏବଂ ଅନୁମୋଦନ ପାଇଁ ଭାରତୀୟ ବିମାନ ବିଲ୍, ୨୦୨୪କୁ ରାଜ୍ୟସଭାରେ ଆଗତ କରିଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ବିମାନ ଚଳାଚଳ ସଙ୍ଗଠନ (ICAO) ର ପରାମର୍ଶରେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି, ଯଦ୍ୱାରା ପୁରୁଣା ଅଧିନିୟମରେ ଜରୁରୀ ପରିବର୍ତ୍ତନ କରାଯାଇପାରିବ। ଏହା ସହିତ ନାଇଡୁ କହିଛନ୍ତି, ଆମେ ଏହି ବିଲରେ DGCA ଭଳି ଅନୁଷ୍ଠାନର ଅଧିକାର ପାଇଁ ଅଲଗା ବିଭାଗ ସୃଷ୍ଟି କରିଛୁ। କେଉଁ ସଂସ୍ଥା କେଉଁ କାର୍ଯ୍ୟ କରିବ, ତାହା ସ୍ପଷ୍ଟ ଭାବରେ ସ୍ଥିର ହୋଇଛି। ବିମାନ ଚଳାଚଳ କ୍ଷେତ୍ର ଅର୍ଥନୀତିକୁ ସମୃଦ୍ଧ କରିବାର କ୍ଷମତା ରଖିଛି। ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରାଯିବା ଉଚିତ। ୨୦୧୪ରେ ଦେଶରେ ୭୪ ବିମାନବନ୍ଦର ଥିଲା। ଏବେ ଏହା ବୃଦ୍ଧି ପାଇ ୧୫୭ ହୋଇଛି। ବିମାନ ସଂଖ୍ୟା ମଧ୍ୟ ୪୦୦ରୁ ବଢ଼ି ୮୧୩ ହୋଇଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ପୂର୍ବ ବିମାନ ଆଇନରେ କେବଳ ବିମାନର ରକ୍ଷଣାବେକ୍ଷଣ ବିଷୟରେ ଉଲ୍ଲେଖ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ଏହି ବିଲରେ ଡିଜାଇନ୍ ଏବଂ ଉତ୍ପାଦନ ମଧ୍ୟ ଯୋଡାଯାଉଛି। ଆମେ ମୁଖ୍ୟ ନିୟମରେ ପରିବର୍ତ୍ତନ କରୁଛୁ, ଯଦ୍ୱାରା ଏହି ନିୟମଗୁଡିକୁ ଦୃଢ଼ ଆଇନଗତ ସମର୍ଥନ ମିଳିପାରିବ। ଏହାର ଅର୍ଥ ହେଉଛି, ନୂତନ ନିୟମ ପୁରୁଣା ନିୟମକୁ ଅଧିକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ବିଭିନ୍ନ ବିମାନ ନିୟମ ମଧ୍ୟରେ ଥିବା ଅସମାନତାକୁ ଦୂର କରିବା ଏବଂ ଏକ ସୁବ୍ୟବସ୍ଥିତ ପରିବେଶ ସୁନିଶ୍ଚିତ କରିବା ପାଇଁ ଏହି ବିଲ୍ ଆଗତ କରାଯାଇଛି। ଏକ ଶକ୍ତିଶାଳୀ ନିୟାମକ ଢାଞ୍ଚା ତିଆରି କରି ବିମାନ ଚଳାଚଳକୁ ପ୍ରୋତ୍ସାହନ ଦେବା ହେଉଛି ମନ୍ତ୍ରଣାଳୟର ମୂଳ ଉଦ୍ଦେଶ୍ୟ।



# ବର୍ଷ ଆରମ୍ଭରୁ ଗ୍ରାହକଙ୍କୁ ଲାଗିବ ଝଟ୍‌କା, ବଢ଼ିପାରେ ଜିଏସ୍‌ଟି ହାର

ନୂଆଦିଲ୍ଲୀ ୪/୧୨: ନୂଆ ବର୍ଷରୁ ଗ୍ରାହକଙ୍କୁ ଲାଗିପାରେ ଝଟ୍‌କା। ମହଙ୍ଗା ହୋଇପାରେ ସିଗାରେଟ୍ ଏବଂ ତମାଖୁ। ଏପରିକି ଜିଏସ୍ଟି ହାରରେ ବୃଦ୍ଧି ହେବା ବି ଆଶଙ୍କା। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଗଠିତ ମନ୍ତ୍ରୀ ଗୋଷ୍ଠୀ ଏହି ଉତ୍ପାଦଗୁଡିକ ଉପରେ ଜିଏସ୍‌ଟି ହାରକୁ ବର୍ତ୍ତମାନର ସ୍ତରରୁ ୨୮ ପ୍ରତିଶତରୁ ୩୫ ପ୍ରତିଶତକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଜିଏସଟି ପରିଷଦର ୫୫ତମ ବୈଠକ ୨୧ ଡିସେମ୍ବର ରାଜସ୍ଥାନର ଜୈସଲମେର ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ସିଗାରେଟ, ତମାଖୁ ଏବଂ ଥଣ୍ଡା ପାନୀୟ ଉପରେ ଜିଏସ୍‌ଟି ହାର ବୃଦ୍ଧି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଜିଏସ୍‌ଟି କାଉନସିଲ ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଜିଏସଟି ପରିଷଦ ଏକ ଗୋଷ୍ଠୀ ଗଠନ କରିଥିଲା। ପାରସ୍ପରିକ ସହମତି ପରେ ସିଗାରେଟ୍, ତମାଖୁ ଏବଂ ଆନୁଷଙ୍ଗିକ ଦ୍ରବ୍ୟ ଉପରେ ଜିଏସ୍ଟି ହାରକୁ ବାୟୁଯୁକ୍ତ ପାନୀୟ (କୋଲ୍ଡ ପାନୀୟ) କୁ ୩୫ ପ୍ରତିଶତକୁ ବୃଦ୍ଧି କରିବାକୁ ମନ୍ତ୍ରୀ ଗୋଷ୍ଠୀ ପ୍ରସ୍ତାବ ଦେଇଛନ୍ତି, ଯାହା ବର୍ତ୍ତମାନ ୨୮ ପ୍ରତିଶତ ଅଟେ। ପୋଷାକ ଉପରେ ଜିଏସ୍ଟି ହାରକୁ ଯୁକ୍ତିଯୁକ୍ତ କରିବାକୁ ମନ୍ତ୍ରୀ ଗୋଷ୍ଠୀ ପରାମର୍ଶ ଦେଇଛନ୍ତି। ଜିଓଏମ୍ ୧୫୦୦ ଟଙ୍କା ପର୍ଯ୍ୟନ୍ତ ପୋଷାକ ଉପରେ ୫ ପ୍ରତିଶତ ଜିଏସ୍ଟି ହାର ବଜାୟ ରଖିଛି। ମାତ୍ର ୧୫୦୦ରୁ ୧୦,୦୦୦ ଯାଏ ଅଧିକ ମୂଲ୍ୟର ପୋଷାକ ଉପରେ ୨୮ ପ୍ରତିଶତ ଜିଏସ୍ଟି ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାର ଅର୍ଥ ହେଉଛି ୧୦,୦୦୦ରୁ ଅଧିକ ମୂଲ୍ୟର ପୋଷାକ ମଧ୍ୟ ଦାମୀ ପୋଷାକ ବର୍ଗରେ ଆସିବ। ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ଗଠିତ କମିଟି ୧୪୮ଟି ଆଇଟମ୍ ଉପରେ ଜିଏସ୍‌ଟି ହାରରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଛି।

